ବର୍ଷ-୨୫, ସଂଖ୍ୟା-୨୭୨
ଭୁବନେଶ୍ୱର
୧୩, ଅକ୍ଟୋବର, ୨୦୨୫ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 272
Bhubaneswar
13, October, 2025 Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

କୁଲଦୀଙ୍କୁ
୫
ୱିକେଟ



# ଭାରତର ଜାଗରଣରେ ଆର୍ଯ୍ୟ ସମାଜର ଅବଦାନ ଅତୁଳନୀୟ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୨।୧୦(ମହାଭାରତ):** ଯେତେବେଳେ ଭାରତ ବିଦେଶୀ ଶାସନ ଅଧିନରେ ସଂଘର୍ଷ କରୁଥିଲା, ସେହି ସମୟରେ ୧୮୭୫ ମସିହାରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ପ୍ରତିଷ୍ଠିତ ଆର୍ଯ୍ୟ ସମାଜ, ପରାଧୀନ ଭାରତ ବର୍ଷରେ ଅଜ୍ଞତାର ଅନ୍ଧକାର ଓ ଅସାମାନତା ମଧ୍ୟରେ ଆଲୋକର ସୂର୍ଯ୍ୟ ପରି ଉଦୟ ହୋଇଥିଲା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଆର୍ଯ୍ୟ ସମାଜର ୧୫୦ ତମ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ସ୍ଥିତ ରେଳ ଅଡିଟୋରିୟମ୍ ଠାରେ ଆୟୋଜିତ ଆର୍ଯ୍ୟ ମହା ସମ୍ମେଳନ-୨୦୨୫ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଯଦି ଆମେ ଗତ ୧୫୦ ବର୍ଷକୁ ଦେଖିବା ତେବେ ଭାରତର ଜାଗରଣରେ ଆର୍ଯ୍ୟ ସମାଜର ଅବଦାନ ଅତୁଳନୀୟ । ଆର୍ଯ୍ୟ ସମାଜ କେବଳ ଏକ ଧାର୍ମିକ ସଂସ୍କାର ଆନ୍ଦୋଳନ ନୁହେଁ, ଏହା ଏକ ନୈତିକ, ଶିକ୍ଷାଗତ ଏବଂ ସାମାଜିକ ବିପ୍ଳବ । ସେ ପୁଣି କହିଥିଲେ, ପରାଧୀନ ଭାରତ ବର୍ଷରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଏଭଳି ଜଣେ



ସନ୍ଥ ଥିଲେ ଯିଏ ଅନ୍ଧ ବିଶ୍ୱାସ, ଜାତିପ୍ରଥା ଏବଂ ସାମାଜିକ କୁସଂସ୍କାରକୁ ଚ୍ୟାଲେଞ୍ଜ କରିବାକୁ ସାହସ କରିଥିଲେ । ପରାଧୀନ ଭାରତ ବର୍ଷରେ ଶିକ୍ଷା, ମହିଳା ସଶକ୍ତିକରଣ ଏବଂ ବୈଦିକ ଶିକ୍ଷାର ପୁନରୁଦ୍ଧାର ଜରିଆରେ ସ୍ୱାମୀ ଦୟାନନ୍ଦଙ୍କ ନେତୃତ୍ୱରେ ଆର୍ଯ୍ୟ ସମାଜ ଏକ ନୂତନ ଜାଗରଣ ସୃଷ୍ଟି କରିଥିଲା । ସ୍ୱାମୀ ଦୟାନନ୍ଦଙ୍କ ଦିଗ୍‌ଦର୍ଶନରେ ବାଲ୍ୟ ବିବାହକୁ ବିରୋଧ, ମହିଳା ଶିକ୍ଷାକୁ ଗୁରୁତ୍ୱ, ବିଧବା ପୁନଃ ବିବାହ ପ୍ରଥା ସମ୍ପର୍କରେ ସଚେତନତା ସୃଷ୍ଟି କରି ସମାଜକୁ ଏକ ନୂଆ ବାର୍ତ୍ତା ଦେଇଥିଲା ଆର୍ଯ୍ୟ ସମାଜ ।ସେ ଆହୁରି କହିଥିଲେ, ଆଜି ଆମେ ମହିଳାଙ୍କ ବିକାଶ ପାଇଁ ମହିଳା ସଶକ୍ତିକରଣ, ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି, ତୃଣମୂଳ ସ୍ତରରେ ମହିଳାଙ୍କ ନେତୃତ୍ୱ ବିଷୟରେ ଯେଉଁ କାର୍ଯ୍ୟ କରୁଛୁ ତାହା ହେଉଛି ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କର ମାର୍ଗ ଦର୍ଶନ । ଯୁବ ସମାଜକୁ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଯୁବ ସଶକ୍ତି କରଣର ପ୍ରଥମ ଚମ୍ପିଆନ ଥିଲେ ସ୍ୱାମୀ ଦୟାନନ୍ଦ ସରସ୍ୱତୀ । ମହର୍ଷି ଦୟାନନ୍ଦଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜକୁ ଜାଗ୍ରତ କରିବା ପାଇଁ ଓ ନିଜ ଅନ୍ତର୍ନିହିତ ଶକ୍ତିରେ ବିଶ୍ୱାସ ରଖି ବିବେକକୁ ବିକଶିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏବଂ ଅତିଥିମାନେ ଏକ ସ୍ମରଣିକା ଉନ୍ମୋଚନ କରିଥିଲେ । କାର୍ଯ୍ୟକ୍ରମରେ ଉତ୍କଳ ଆର୍ଯ୍ୟ ପ୍ରତିନିଧି ସଭାର ଅଧ୍ୟକ୍ଷ ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀ, ବିଶିଷ୍ଟ ସମାଜସେବୀ ଜଗଦିଶ ପ୍ରସାଦ ଖାଡାଙ୍ଗା, ଆର୍ଯ୍ୟ ପ୍ରତିନିଧି ସଭା ନୂଆଦିଲ୍ଲୀର ଉପସଭାପତି ଯୋଗେନ୍ଦ୍ର ଖଟ୍ଟର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଉତ୍କଳ ଆର୍ଯ୍ୟ ପ୍ରତିନିଧି ସଭାର କାର୍ଯ୍ୟକାରୀ ସଭାପତି ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ ।

## ପୁଣି ଟାର୍ଗେଟ୍ କଲେ ଶ୍ରୀମୟୀ

ଭୁବନେଶ୍ୱର,୧୨।୧୦(ମହାଭାରତ): ବିଜେଡି ଉପସଭାପତି ପ୍ରତାପ ଜେନାଙ୍କୁ ଶ୍ରୀମୟୀ ମିଶ୍ରଙ୍କ ଟାର୍ଗେଟ କରିଛନ୍ତି। ଜୟ ଢୋଲକିଆ, ରାଜେନ୍ଦ୍ର ଢୋଲକିଆଙ୍କ ରକ୍ତ ନୁହେଁର ଜବାବ ଦେଲେ ଶ୍ରୀମୟୀ। ତେବେ ସେ କହିଛନ୍ତି, ଭଣ୍ଡ ସନ୍ନ୍ୟାସୀଙ୍କ ଦେହରେ କେଉଁ ଓଡ଼ିଆ ମହାପୁରୁଷଙ୍କର ରକ୍ତ ଅଛି କାହାକୁ ଅନୁଭବ କରି ତାଙ୍କ ଆଦେଶକୁ ମାନୁଛ। ସ୍ୱର୍ଗତ ଢୋଲକିଆଙ୍କ ଆତ୍ମାକୁ ବାଧିଲା ଭଳି ବକ୍ତବ୍ୟ ରଖନ୍ତୁ ନାହିଁ। ପଶ୍ଚିମ ଓଡ଼ିଶାର ଟାଣୁଆ। ନେତାଙ୍କ ପରିବାର ଭାବାବେଗ ସହ ଖେଳନ୍ତୁ ନାହିଁ। ରାଜନୀତିରୁ ଊର୍ଦ୍ଧ୍ୱରେ ମାନବିକତା, ଓଡ଼ିଆ ସଂସ୍କୃତି ଏ ଶିକ୍ଷା ଦିଏ ବୋଲି ଶ୍ରୀମୟୀ କହିଛନ୍ତି ।ଜୟ ଢୋଲକିଆ ଭାଜପାରେ ମିଶିବା ପରେ ବିଜେଡିର ପ୍ରତିକ୍ରିୟା ପ୍ରେସମିଟ କରି ଜୟ ଢୋଲକିଆଙ୍କୁ ଟାର୍ଗେଟ କଲେ ପ୍ରତାପ ଜେନା ସେ କହି ଥିଲେ ଘୋଡ଼ା ବେପାରରେ ଜୟ ଢୋଲକିଆ ବିକ୍ରି ହୋଇଗଲେ। ରାଜୁ ଭାଇ ଯଦି ବଞ୍ଚିଥାନ୍ତେ ତାହେଲେ ଏକଥାକୁ ପସନ୍ଦ କରି ନ ଥାନ୍ତେ ଜୟ ଭାଜପାରେ ମିଶିଲା ପରେ ବି ନୂଆପଡ଼ାରେ କୌଣସି ପ୍ରଭାବ ପଡ଼ିବନି ପୋଷ୍ୟ ପୁତ୍ର ଥିଲେ, ରାଜୁ ଢୋଲକିଆଙ୍କ ରକ୍ତ ପ୍ରବାହିତ ହେଉନି ଭାଜପାରେ ପ୍ରାର୍ଥୀ ନାହାନ୍ତି, ଅନ୍ୟ ଦଳରୁ ନେଉଛନ୍ତି, କହି ପ୍ରତାପ ନିନ୍ଦା କରିଛନ୍ତି।

## ପୀଡ଼ିତାଙ୍କ ବାପାଙ୍କ ସହ କଥା ହେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୨।୧୦(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ପଶ୍ଚିମ ବଙ୍ଗ ଦୁର୍ଗାପୁର ଠାରେ ଗଣ ଦୁଷ୍କର୍ମର ଶିକାର ହୋଇଥିବା ଓଡ଼ିଆ। ଝିଅଙ୍କ ବାପାଙ୍କ ସହିତ ଫୋନ୍ ଯୋଗେ କଥା ହୋଇ ସମବେଦନା ଜଣାଇଛନ୍ତି ।ସୂଚନାଯୋଗ୍ୟ ଯେ ସଂପୃକ୍ତ ପୀଡ଼ିତାଙ୍କ ବାପା ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ଅଞ୍ଚଳର ବାସିନ୍ଦା।

ମୁଖ୍ୟମନ୍ତ୍ରୀ ସଂପୃକ୍ତ ପୀଡ଼ିତାଙ୍କ ବାପାଙ୍କୁ କହିଛନ୍ତି ଯେ 'ଆପଣଙ୍କ ଝିଅ ବିଷୟରେ ଜାଣିବା ପରେ ମୁଁ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ'। ଜଣେ ବାପା ଭାବରେ ଆପଣ କେଉଁ ପ୍ରକାର ମାନସିକ ସ୍ଥିତିରେ ଥିବେ, ମୁଁ ତାହା ଅନୁଭବ କରି ପାରୁଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିବା



ସହତାଙ୍କର ( ପୀଡ଼ିତାଙ୍କ ବାପା) ଏ ଘଡିସନ୍ଧି ମୁହୂର୍ତ୍ତରେ ସେ ବ୍ୟକ୍ତିଗତ ଭାବେ ଏବଂ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ଆପଣଙ୍କ ସହିତ ଦୃଢ଼ ଭାବରେ ଅଛୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଝିଅ କିପରି ଶୀଘ୍ର ସୁସ୍ଥ ହେବ ଓ ସାଧାରଣ ଜୀବନ ଯାପନ କରିବ ସେଥିପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିବା ସହିତ ଅପରାଧୀମାନେ ଯେପରି କଠୋର ଦଣ୍ଡ ପାଇବେ। ସେଥିପାଇଁ ପଶ୍ଚିମ ବଙ୍ଗର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦୃଢ଼ ଦାବି ଉପସ୍ଥାପିତ କରାଯାଇଛି ବୋଲି ସେ ଜଣାଇଥିଲେ ।ଓଡ଼ିଶାର ଜଣେ ଉଚ୍ଚ ପଦାଧିକାରୀ ପଶ୍ଚିମବଙ୍ଗ ସରକାରଙ୍କ ସହିତ ଯୋଗାଯୋଗରେ ରହି, ଯାହା ଆଇନଗତ ଏବଂ ଯେ କୌଣସି ଆବଶ୍ୟକ ସହାୟତା ଯୋଗାଇଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।ସୂଚନାଯୋଗ୍ୟ ଯେ ବାଲେଶ୍ୱର ର ଏସ.ପି ଙ୍କୁ ଦୁର୍ଗାପୁର ପୋଲିସ ସହିତ ଯୋଗାଯୋଗରେ ରହି ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କର ( ପୀଡ଼ିତାଙ୍କ ବାପା ) ଯଦି ଅନ୍ୟ କୌଣସି ସହାୟତାର ଆବଶ୍ୟକତା ଥାଏ, ତେବେ ରାଜ୍ୟ ସରକାର ନିଶ୍ଚିତ ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସମବେଦନା ଓ ସହାୟତା ପାଇଁ ପୀଡ଼ିତାଙ୍କ ପିତା ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ।

### ପଶ୍ଚିମବଙ୍ଗରେ ଓଡ଼ିଆ ଡାକ୍ତରୀ ଛାତ୍ରୀ ଗଣଦୁଷ୍କର୍ମ ଘଟଣା

# ୪ ଗିରଫ, ମମତାଙ୍କ ବିବାଦୀୟ ବୟାନ

**କୋଲକାତା,୧୨।୧୦(ମହାଭାରତ):** ପଶ୍ଚିମ ବର୍ଦ୍ଧମାନ ଜିଲ୍ଲାର ଦୁର୍ଗାପୁରରେ ଏକ ଘରୋଇ ମେଡିକାଲ କଲେଜରେ ଜଣେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲାର ୪ର୍ଥ ଅଭିଯୁକ୍ତ ଧରାପଡ଼ିଛି। ତା ନାଁ ହେଉଛି ଶେଖ ନାସିରୁଦ୍ଦିନ ଓ ଘର ଦୁର୍ଗାପୁର ଅଞ୍ଚଳରେ ସ୍ଥାନୀୟ ବିଯଡ଼ା ଗ୍ରାମରୁ ପୁଲିସ ତାକୁ ଧରିଛି। ଏହି ମାମଲାରେ ପୂର୍ବରୁ ୩ ଜଣଙ୍କୁ ଗିରଫ କରାଯାଇଛି। ଦୁର୍ଗାପୁର କୋର୍ଟରେ ହାଜର କରାଯାଇଥିଲା, ଯେଉଁ ଠାରେ କୋର୍ଟ ସେମାନଙ୍କୁ ୧୦ ଦିନର ପୋଲିସ ହେପାଜତକୁ ପଠାଇ ଦେଇଛନ୍ତି।

ଅନ୍ୟ ଦୁଇ ଜଣ ଫେରାର ଥିଲାବେଳେ ନାସିରୁଦ୍ଦିନକୁ ପୁଲିସ ଗିରଫ କରିଛି। ତାଠାରୁ ପୀଡ଼ିତାଙ୍କ ମୋବାଇଲ ଫୋନ ଜବତ କରାଯାଇଛି। ଘଟଣାର ମୁଖ୍ୟ ଅଭିଯୁକ୍ତ ଶଫିକୁଲ ଶେଖ ଏବେ ବି ଫେରାର ରହିଛି ।ତାକୁ ଗିରଫ କରିବାକୁ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିବା ସୂଚନା ମିଳିଛି। ପୋଲିସ ଡ୍ରୋନ୍ କ୍ୟାମେରା ବ୍ୟବହାର କରି କଲେଜ କ୍ୟାମ୍ପସ ଏବଂ ଆଖପାଖ ଅଂଚଳରେ ତଲାସୀ ଆରମ୍ଭ କରିଛି। ଫୋରେନସିକ୍ ଟିମ୍ ମଧ୍ୟ ନମୁନା ସଂଗ୍ରହ କରୁଛି। ପୀଡ଼ିତା ହସ୍ପିଟାଲ ଆଇସିୟୁରେ ଅଛନ୍ତି। ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସୁଛି। ସୂଚନା ଅନୁସାରେ, ଗତ ଶୁକ୍ରବାର ରାତିରେ ପଶ୍ଚିମବଙ୍ଗ ଦୁର୍ଗାପୁରର ଏକ ଘରୋଇ ମେଡିକାଲ କଲେଜର ଜଣେ ଦ୍ୱିତୀୟ ବର୍ଷର ଓଡିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଥିଲା। ସଂପୃକ୍ତ ଛାତ୍ରୀଙ୍କ ଘର ବାଲେଶ୍ୱର ଜିଲାରେ। ସଂପୃକ୍ତ ଛାତ୍ରୀ ପଶ୍ଚିମବଙ୍ଗ, ବର୍ଦ୍ଧମାନ ଜିଲାର ଦୁର୍ଗାପୁରସ୍ଥିତ ଏକ ଘରୋଇ ମେଡିକାଲ କଲେଜରେ ଅଧ୍ୟୟନ କରୁଛନ୍ତି। ଛାତ୍ରୀ ଜଣକ ଶୁକ୍ରବାର ରାତି ୯ଟାରେ ତାଙ୍କର ଜଣେ ପୁରୁଷ ବନ୍ଧୁ ଓ୍ୱସିଫ ଅଲ୍ଲୀଙ୍କ ସହ କ୍ୟାମ୍ପସ ବାହାରକୁ ଆସିଥିଲେ। ସେଠାରୁ ସେଠାରୁ ରାତି ପ୍ରାୟ ୧୦ଟା ବେଳେ ଫେରୁଥିବା ବେଳେ ବାଟରେ ୩ଜଣ ଲୋକ ଅଟକାଇଥିଲେ। ପୁରୁଷ ବନ୍ଧୁ ଜଣକ ଛାତ୍ରୀଙ୍କୁ ସେଠାରେ ଛାଡ଼ି ଦୌଡ଼ିପଳାଇଥିଲେ। ଅଭିଯୁକ୍ତମାନେ ଛାତ୍ରୀଙ୍କ ଠାରୁ ମୋବାଇଲ ଫୋନ୍ ଓ ୫ ହଜାର



ଟଙ୍କା ଛଡ଼ାଇ ନେଇଥିଲେ। ପରେ ତାଙ୍କୁ ନିକଟସ୍ଥ ଜଙ୍ଗଲକୁ ନେଇ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ପୁଲିସ୍‌ରେ ଅଭିଯୋଗ କଲେ ପରିଣତି ଭୟାବହ ହେବ ବୋଲି ଧମକ ଦେଇ ସେଠାରୁ ପଳାଇଥିଲେ।

ପଶ୍ଚିମବଙ୍ଗର ଦୁର୍ଗାପୁରରେ ଓଡ଼ିଶାର ମେଡ଼ିକାଲ୍ ଛାତ୍ରୀ ସହିତ ହୋଇଥିବା ଗଣ ଦୁଷ୍କର୍ମ ମାମଲାରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଦ୍ଭୁତ ବୟାନ ଦେଇଛନ୍ତି। ମହିଳାଙ୍କ ସୁରକ୍ଷା ପାଇଁ ପ୍ରଶାସନକୁ ଶକ୍ତ ନକରି ସେ ପରାମର୍ଶ ଦେଇଛନ୍ତି ଯେ ଅନ୍ୟ ରାଜ୍ୟରୁ ପଶ୍ଚିମବଙ୍ଗକୁ ଆସିଥିବା ଛାତ୍ରୀମାନଙ୍କୁ ରାତି ସମୟରେ ବାହାକୁ ନଯିବା ଦରକାର। ସେ କହିଛନ୍ତି ହଷ୍ଟେଲରେ ରହୁଥିବା ଛାତ୍ରୀମାନଙ୍କୁ, ବିଶେଷକରି ଅନ୍ୟ ରାଜ୍ୟରୁ ଆସିଥିବା ଛାତ୍ରୀଙ୍କୁ ରାତିରେ ବାହାକୁ ନଯିବା ଦରକାର ଏବଂ ହଷ୍ଟେଲ ନିୟମ ପାଳନ କରିବା ଦରକାର। ବିରୋଧି ଦଳ ପ୍ରଶ୍ନ ଉଠାଇଛନ୍ତି।

ମମତା ବାନାର୍ଜୀ ରବିବାର ଦିନ କୋଲକାତା ଏୟାରପୋର୍ଟରେ ମିଡିଆ ସହିତ ଆଲୋଚନା କରି



କହିଛନ୍ତି, ଏଠାରେ ଏକ ଚମକାଇବା ଘଟଣା। ଆମ ସରକାରର ଏପରି ଅପରାଧ ପ୍ରତି ଶୂନ୍ୟ ସହିଷ୍ଣୁତା ରହିଛି। ତିନି ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ଏବଂ ବାକିମାନଙ୍କ ତଲାସ ଜାରି ରହିଛି। ଏହି ମାମଲାରେ ଯେଉଁମାନେ ଦୋଷୀ କାହାକୁ ଛଡ଼ାଯିବ ନାହିଁ ବୋଲି ସେ କହିଛନ୍ତି ।କିନ୍ତୁ ଏହାସହିତ ସେ ଏହା ମଧ୍ୟ କହିଛନ୍ତି ଯେ ଯେଉଁ ଛାତ୍ରୀମାନେ ହଷ୍ଟେଲରେ ରହନ୍ତି, ବିଶେଷକରି ଯେଉଁମାନେ ପଶ୍ଚିମବଙ୍ଗ ବାହାରୁ ପଢ଼ିବାକୁ ଆସନ୍ତି, ସମାନଙ୍କୁ ହଷ୍ଟେଲର ନିୟମର ପାଳନ କରିବା ଦରକାର। ସେମାନଙ୍କୁ ଡେରି ରାତି ପର୍ଯ୍ୟନ୍ତ ବାହାରେ ରହିବା ଉଚିତ୍ ନୁହେଁ, ଯଦିଓ ସେମାନଙ୍କୁ ଯିବାର ମୌଳିକ ଅଧିକାର ଅଛି। ମମତା କହିଛନ୍ତି, ରାତି ସାଢ଼େ ୧୨ଟାରେ ପୀଡ଼ିତା ବାହାରକୁ କିପରି ଆସିଲେ ସେ ଯାହା ଜାଣିଛନ୍ତି, ଏହି ଘଟଣା ଏକ ଜଙ୍ଗଲ ଅଞ୍ଚଳରେ ଘଟିଛି ଏହାର ତଦନ୍ତ ଚାଲିଛି। ଏହା ତାଙ୍କୁ ଆଶ୍ଚର୍ଯ୍ୟ କରିଛି। କିନ୍ତୁ ଘରୋଇ ମେଡିକାଲ କଲେଜ ଛାତ୍ରଛାତ୍ରୀମାନଙ୍କ ଯତ୍ନ ନେବା ଜରୁରୀ ବିଶେଷ କରି ଝିଅମାନଙ୍କୁ ରାତ୍ରି ସମୟରେ ବାହାରକୁ ଯିବାକୁ ଅନୁମତି ଦେବା ଅନୁଚିତ ଛାତ୍ରୀମାନେ ମଧ୍ୟ ନିଜେ ନିଜ ସୁରକ୍ଷା କରିବା ଜରୁରୀ ଦୋଷୀମାନଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରାଯିବ ବୋଲି ମମତା କହିଛନ୍ତି। ବିବାଦୀୟ ବୟାନ ପାଇଁ ଚାରିଆଡୁ ସମାଲୋଚନା ହେବା ପରେ ନିଜ ମନ୍ତବ୍ୟ ଉପରେ ପୁନଶ୍ଚ ସ୍ପଷ୍ଟୀକରଣ ଦେଇଛନ୍ତ ମମତା ବାନାର୍ଜୀ। ଗଣମାଧ୍ୟମ ମୋ କଥାକୁ ବିକୃତ କରିଛି। ମିଡିଆ। ଉପରେ ଦୋଷ ଲଦି ମମତା କହିଛନ୍ତି- ତୁମେ ମୋତେ ପ୍ରଶ୍ନ ପଚାର, ମୁଁ ଉତ୍ତର ଦିଏ ଏବଂ ତାପରେ ତୁମେ ତାହାକୁ ବିକୃତ କରି ଦେଖାଅ। ଏଭଳି ରାଜନୀତି କରିବାକୁ ଚେଷ୍ଟା କରନ୍ତୁ ନାହିଁ ବୋଲି ମମତା କହିଛନ୍ତି ।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଛାତ୍ରୀଙ୍କ ବାପା କହିଛନ୍ତି ଯେ, ମୋ ଝିଅ ପଶ୍ଚିମବଙ୍ଗରେ ଅସୁରକ୍ଷିତ । ମୋ ଝିଅର ଜୀବନ ପ୍ରତି ବିପଦ ରହିଛି। ଝିଅକୁ ମାରିଦେବାକୁ ଉଦ୍ୟମ ହୋଇପାରେ ବୋଲି ବଡ଼ ବୟାନ ଦେଇ ପଶ୍ଚିମବଙ୍ଗ ସରକାର ଏବଂ ସେଠାକାର ବ୍ୟବସ୍ଥା ଉପରେ ସନ୍ଦେହ କରିଛନ୍ତି ପୀଡିତାଙ୍କ ବାପା। ଦୟାକରି ଝିଅକୁ ଓଡିଶା ଯିବାକୁ ଅନୁମତି ଦିଅନ୍ତୁ ।ଏଠାରେ ମୋ ଝିଅ ସୁରକ୍ଷିତ ନୁହେଁ, ଓଡିଶାରେ ସିଏ ସୁରକ୍ଷିତ ରହିବ। ଝିଅର ସ୍ୱାସ୍ଥାବସ୍ଥା ନେଇ ବି ପ୍ରତିକ୍ରିୟା ରଖିଛନ୍ତି କହିଛନ୍ତି- ଝିଅ ମୋର ଚଳାବୁଲା କରିବାକୁ ଅସମର୍ଥ, ସେ ଏବେ ଶଯ୍ୟାଶାୟୀ ଅବସ୍ଥାରେ ଚିକିତ୍ସାଧୀନ । ଓଡ଼ିଶାର ୨ ଜଣିଆ। ଉଚ୍ଚସ୍ତରୀୟ ଟିମ୍ ଦୁର୍ଗାପୁରରେ ପହଞ୍ଚିଛନ୍ତି।

# ବିହାର ପାଇଁ ଏନଡିଏର ଆସନ ବୁଝାମଣା

**ନୂଆଦିଲ୍ଲୀ,୧୨।୧୦(ନି.ପ୍ର):** ବିହାର ବିଧାନସଭା ନିର୍ବାଚନ ୨୦୨୫ ଘୋଷଣା ପରେ, ଏନଡିଏ ମଧ୍ୟରେ ଆସନ ବଣ୍ଟନ ସମ୍ପର୍କରେ ଦୀର୍ଘ ଦିନ ଧରି ଚାଲିଥିବା ଆଲୋଚନାରେ ଆଜି ପୂର୍ଣ୍ଣଛେଦ ପଡିଛି। ଆଜି ସମସ୍ତ ଏନଡିଏ ଅଂଶୀଦାର ଦଳ ଚୂଡ଼ାନ୍ତ ଅସେନ ବଣ୍ଟନ ଫର୍ମୁଲା ଉପରେ ସହମତ ହୋଇଛନ୍ତି।



କେନ୍ଦ୍ର ମନ୍ତ୍ରୀ ଏବଂ ବିହାର ନିର୍ବାଚନ ପ୍ରଭାରୀ ଧର୍ମେନ୍ଦ୍ର ପ୍ରଧାନ ସୋସିଆଲେ ମିଡିଆ। ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ ଆନୁଷ୍ଠାନିକ ଭାବରେ ଏହି ଫର୍ମୁଲା ଘୋଷଣା କରିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି ଯେ ବିଜେପି ଏବଂ ଜେଡିୟୁ ପ୍ରତ୍ୟେକ ଏନଡିଏରେ ୧୦୧ ଆସନ ପାଇଛନ୍ତି। ଏହାର ଅର୍ଥ ହେଉଛି ଯେ ଜେଡିୟୁ ଏବଂ ବିଜେପି ପୁଣିଥରେ ସମାନ ଭାବରେ ବିହାର ରାଜନୀତିରେ ଲଢ଼ିବେ। ସୂତ୍ର ଅନୁସାରେ, ଏନଡିଏ ଏହାର ସହଯୋଗୀ ଦଳ ପାଇଁ ଏକ ନୂତନ ଫର୍ମୁଲା ଗ୍ରହଣ କରିଛି: ଗୋଟିଏ ସାଂସଦ ଆସନ ପାଇଁ ଛଅଟି ବିଧାନସଭା ଆସନ ବଣ୍ଟନ ଏହି ଆଧାରରେ କରାଯାଇଛି। ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ)ର ଚିରାଗ ପାସୱାନ ପାଞ୍ଚଟି ସାଂସଦ ଆସନ ଆଧାରରେ ୨୯ଟି ଆସନ ପାଇଛନ୍ତି। ଏହି ସମୟରେ, ଉପେନ୍ଦ୍ର କୁଶାହାଙ୍କ ଆରଏଲଏସପିକୁ ପ୍ରତି ସାଂସଦ ପାଇଁ ଛଅଟି ଆସନ ଏବଂ ଜିତନ ରାମ ମାଞ୍ଝିଙ୍କ ଏଚ୍‌ଏଏମ୍ ପାର୍ଟିକୁ ମଧ୍ୟ ପ୍ରତି ସାଂସଦ ପାଇଁ ଛଅଟି ଆସନ ବଣ୍ଟନ କରାଯାଇଛି ।୨୦୨୫ ବିଧାନସଭା ନିର୍ବାଚନରେ ଜେଡିୟୁ ପୁଣିଥରେ ବଡ଼ଭାଇ ଭୂମିକା ଗ୍ରହଣ କରୁଛି। ୨୦୨୦ ନିର୍ବାଚନରେ ଜେଡିୟୁ ୧୧୫ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ୪୩ଟି ଆସନ ଜିତିଥିଲା। ଏଥର ଦଳ ଏହାର ସଂଖ୍ୟା ୧୪ ହ୍ରାସ କରି ୧୦୧ କରିବାକୁ ନିଷ୍ପତ୍ତି ନେଇଛି। ଜେଡିୟୁ ଏହାର ସହଯୋଗୀଙ୍କ ପାଇଁ ସ୍ଥାନ ଛାଡିବା ଏବଂ ମେଣ୍ଟର ଏକତା ବଜାୟ ରଖିବା ପାଇଁ ଏହି ପଦକ୍ଷେପ ନେଇଛି। ଏଥର, ବିଜେପି ମେଣ୍ଟକୁ ପ୍ରାଥମିକତା ଦେଇ ଛୋଟ ଭାଇ ଭୂମିକା ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛି। ୨୦୨୦ ନିର୍ବାଚନରେ, ବିଜେପି ୧୧୦ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ୭୮ଟିରେ ବିଜୟୀ ହୋଇଥିଲା। ୨୦୨୫ ବିଧାନସଭା ନିର୍ବାଚନରେ, ଦଳ ୧୦୧ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ, ତା'ର ସହଯୋଗୀଙ୍କ ପାଇଁ ୯ଟି ଆସନ ଛାଡ଼ିବ। ରାଜନୈତିକ ବିଶ୍ଳେଷକମାନେ ବିଶ୍ୱାସ କରନ୍ତି ଯେ ବିଜେପି ମେଣ୍ଟର ସ୍ଥିରତା ଏବଂ ନିର୍ବାଚନ ସମନ୍ୱୟକୁ ସୁଦୃଢ଼ କରିବା ପାଇଁ ଏହି ନିଷ୍ପତ୍ତି ନେଇଛି। ବିଜେପି ବିହାର ପ୍ରଭାରୀ ବିନୋଦ ତାଡେ କହିଛନ୍ତି ଯେ, ଆଗାମୀ ବିହାର ବିଧାନସଭା ନିର୍ବାଚନ ପାଇଁ, ପରିବାରର ସମସ୍ତ ସଦସ୍ୟ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶ ଏବଂ ପାରସ୍ପରିକ ସହମତିରେ ଆସନ ବଣ୍ଟନ ସମାପ୍ତ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ସମସ୍ତ ଏନଡିଏ ଦଳର ନେତା ଏବଂ କର୍ମୀମାନେ ଉତ୍ସାହର ସହିତ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ସମସ୍ତ ସହଯୋଗୀ ଦଳ ବିହାରରେ ଏନଡିଏ ସରକାର ପୁନଃସ୍ଥାପିତ କରିବାକୁ ପ୍ରସ୍ତୁତ ଏବଂ ସଂକଳ୍ପବଦ୍ଧ। ଜେଡିୟୁର ଜାତୀୟ କାର୍ଯ୍ୟକାରୀ ସଭାପତି ସଞ୍ଜୟ କୁମାର ଝା ସୋସିଆଲ ମିଡିଆରେ ପୋଷ୍ଟ କରି କହିଛନ୍ତି ଯେ, ଆମେ, ଏନଡିଏ ସହଯୋଗୀ ମାନେ, ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶରେ ଆସନ ବଣ୍ଟନ ସମାପ୍ତ କରିଛୁ। ସମସ୍ତ ଏନଡିଏ ଦଳର ନେତା ଏବଂ କର୍ମୀମାନେ ଉତ୍ସାହର ସହିତ ଆସନ ବଣ୍ଟନ ଫର୍ମୁଲାକୁ ସ୍ୱାଗତ କରୁଛନ୍ତି ଏବଂ ଏକତ୍ରିତ ହୋଇ ନୀତିଶ କୁମାରଙ୍କୁ ପ୍ରଚଣ୍ଡ ବହୁମତ ସହିତ ମୁଖ୍ୟମନ୍ତ୍ରୀ ଭାବରେ ପୁନଃ ନିର୍ବାଚିତ କରିବାକୁ ସ୍ଥିର କରିଛନ୍ତି। ବିହାର ପ୍ରସ୍ତୁତ, ପୁଣି ଏନଡିଏ ସରକାର ହେବାକୁ ଯାଉଛି।

### ଆଇନଜୀବୀ ପୀତବାସ ହତ୍ୟା ମାମଲା

## ସପ୍ତାହେ ପରେ ବି ପୋଲିସ୍ ହାତ ଖାଲି

**ଗଞ୍ଜାମ,୧୨।୧୦ (ମହାଭାରତ):** ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାର ମାଷ୍ଟରମାଇଣ୍ଡ କିଏ ? ଘଟଣାକୁ ସପ୍ତାହେ ବିତିଥିଲେ ବି ମୁଖ୍ୟ ଅଭିଯୁକ୍ତର ଟେର୍ ପାଇନି ପୁଲିସ। ମାମଲାରେ ୫୦ରୁ ୬୦ ଜଣଙ୍କୁ ପଚରା ଉଚରା କରାଯାଇସାରିଛି। ଏବେ ୬ ଜଣଙ୍କୁ ଅଟକ ରଖି ପଚରା ଉଚରା କରୁଛି ପୁଲିସ। ଏହା ଏକ ପ୍ରି-ପ୍ଲାନ୍ଡ ମର୍ଡର ବୋଲି ବିଜେପି ଅଭିଯୋଗ ଆଣିଛି। ହତ୍ୟାକାଣ୍ଡର ସପ୍ତାହେ ପରେ ବି ପୀତବାସ ହତ୍ୟା ମାମଲାର ଖୁଲାସା କରିପାରିନି ପୁଲିସ। ଏପରିକି ଜଣେ କର୍ପୋରେଟରଙ୍କୁ ନେଇ ପଚରାଉଚରା କରିଛି। ଗଞ୍ଜାମ ସହରରେ ଦିନକୁ ଦିନ ବଢ଼ି ଚାଲିଛି ଅପରାଧ। ଅନେକ ମାମଲାରେ ପୁଲିସ ସଫଳତା ପାଉଥିଲେ ବି ଅପରାଧ ଉପରେ ରୋକ୍ ଲଗାଇ ପାରୁନି। ଫଳରେ ସହରରେ ଏବେ ଆଇନ ଶୃଙ୍ଖଳା ସ୍ଥିତିକୁ ନେଇ ଉଠିଛି ପ୍ରଶ୍ନ।

# ଶୀତରେ ଥରିବ ଓଡ଼ିଶା

**ଭୁବନେଶ୍ୱର,୧୨।୧୦(ମହାଭାରତ):** ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଓ ତେଲେଙ୍ଗାନାର କିଛି ଅଞ୍ଚଳରୁ ଆଗାମୀ ୨୪ ଘଣ୍ଟା ଭିତରେ ଆହୁରି ପ୍ରତ୍ୟାହାର ହେବାର ଅନୁକୂଳ ପରିସ୍ଥିତି ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମଡ଼ି) ରବିବାର ଜଣାଇଛି। ଅକ୍ଟୋବର ଆରମ୍ଭରେ ଡିପ୍ରେସନ୍ ପ୍ରଭାବରେ ପ୍ରବଳ ବର୍ଷା ଯୋଗୁଁ ଏଥର ମୌସୁମୀ ସାଧାରଣଠାରୁ ଅଧିକ ଦିନ ରହିଛି। ଜୁନ୍ ମାସରୁ ବଙ୍ଗୋପସାଗରରେ ସାଧାରଣ ୧୨-୧୪ଟି ଲଘୁଚାପ ପରିବର୍ତ୍ତେ ଏଥର ୧୬ଟି ହୋଇଥିଲା। ଅକ୍ଟୋବରରୁ ଡିସେମ୍ବର ଯାଏ ଲା ନିନା ପରିସ୍ଥିତି ରହିବ ବୋଲି ପାଣିପାଗ ବିଶେଷଜ୍ଞମାନେ କହିଛନ୍ତି।



ଏହା ଦେଶରେ କଡ଼ା ଶୀତ ସହ ଜଡ଼ିତ, ଯାହା ଓଡ଼ିଶାରେ ଲମ୍ବା ଓ ସାମାନ୍ୟ ଅଧିକ ଥଣ୍ଡା ଶୀତ ଆଣିପାରେ। ରିପୋର୍ଟ ଅନୁଯାୟୀ ଶୀତ ଅତ୍ୟଧିକ କଡ଼ା ହେବ ବୋଲି କହିହେବ ନାହିଁ, କିନ୍ତୁ ସାମାନ୍ୟ ଥଣ୍ଡା ରହିବ। ଲା ନିନାରେ ପ୍ରଶାନ୍ତ ମହାସାଗରର ଜଳ ତାପମାତ୍ରା କମ୍ ରହେ, ହିମପାତ ଅଧିକ ହୁଏ ଓ ପଶ୍ଚିମୀ ଝଡ଼ ଶକ୍ତିଶାଳୀ ହୁଏ। ଏହି ସମୟରେ ତାପମାତ୍ରା ସାଧାରଣଠାରୁ କମ୍ ରହିବ। ପାଣିପାଗ ବିଶେଷଜ୍ଞମାନେ କହିଛନ୍ତି ଯେ, ଉତ୍ତର-ପଶ୍ଚିମ ଥଣ୍ଡା ପବନର ପ୍ରବାହ ଶକ୍ତିଶାଳୀ ହେବାରୁ ଓଡ଼ିଶାରେ ଶୀତ ଲମ୍ବା ଓ ଅଧିକ ହେବାର ସମ୍ଭାବନା ରହିଛି। ଏହା କୃଷି ଓ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରିପାରେ। ଆଗାମୀ ୨୪ ଘଂଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ଭୀଷଣ ବର୍ଷା, ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ। ପରବର୍ତ୍ତୀ ୨ ଦିନ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ କେତେକ ଜିଲ୍ଲାକୁ ଚେତାବନୀ ଜାରି ହୋଇଛି। ପରବର୍ତ୍ତୀ ୪ ଦିନ ପାଇଁ କୌଣସି ଚେତାବନୀ ନାହିଁ। ଆସନ୍ତା ୨୪ ଘଂଟା ମଧ୍ୟରେ ଭୀଷଣ ବର୍ଷା, ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୩ ଜିଲ୍ଲା (ଗଞ୍ଜାମ, ଗଜପତି, ମାଲକାନଗିରି)କୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଏହା ବ୍ୟତିତ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୬ ଜିଲ୍ଲା (ନୟାଗଡ଼, ଖୋର୍ଦ୍ଧା, ପୁରୀ, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର)କୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକ ମଧ୍ୟରୁ ଗୋଟିଏରୁ ଦୁଇଟି ସ୍ଥାନରେ ୭ରୁ ୧୧ ସେ.ମି. ପର୍ଯ୍ୟନ୍ତ ବର୍ଷା ହୋଇପାରେ। ଚେତାବନୀ ଜାରି ହୋଇଥିବା ଜିଲ୍ଲା ଗୁଡିକ ମଧ୍ୟରୁ କେତେକ ସ୍ଥାନରେ ପବନର ବେଗ ଘଂଟା ପ୍ରତି ୩୦ରୁ ୪୦ କି.ମି. ରହିପାରେ। ଆସନ୍ତାକାଲି ଅର୍ଥାତ୍ ୧୩ ତାରିଖରେ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ୧୪ ତାରିଖରେ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି।

# ଚୀନ୍‌ରେ ୧୦୦ % ଟାରିଫ ଲଗାଇଲେ ଟ୍ରମ୍ପ

**ନୂଆଦିଲ୍ଲୀ,୧୨।୧୦(ମହାଭାରତ):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନ୍ ଉପରେ ଅତିରିକ୍ତ ୧୦୦ ପ୍ରତିଶତ ଟାରିଫ ଲଗାଇବା ପରେ ଆକ୍ସନ ମୁଡରେ ଡ୍ରାଗନ । ବିରଳ ଖଣିଜ ପଦାର୍ଥ ଏବଂ ଅନ୍ୟ ସାମଗ୍ରୀର ରପ୍ତାନି ଉପରେ କଟକଣା ଲଗାଇଛି ଚୀନ୍ । ଏହାକୁ ବିଶ୍ୱର ସୁରକ୍ଷା ପାଇଁ ଏକ ବୈଧ ପଦକ୍ଷେପ ବୋଲି କହିଛି ଏବଂ ଆମେରିକାକୁ ଚେତାବନୀ ଦେଇଛି ଯେ, ଯଦି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନ୍ ରପ୍ତାନି ଉପରେ ୧୦୦ ପ୍ରତିଶତ ଶୁଳ୍କ ଲଗାଇବା ନିଷ୍ପତ୍ତିରେ ଅଟଳ ରୁହନ୍ତି ତେବେ ଚୀନ ଆହୁରି କଠୋର ପଦକ୍ଷେପ ଗ୍ରହଣ କରିବ । ଚୀନ ଗୁରୁବାର୍ ବିରଳ ପୃଥିବୀ ଖଣିଜ ପଦାର୍ଥ, ଲିଥିୟମ ବ୍ୟାଟେରୀ, ପ୍ରକ୍ରିୟାକରଣ ସହିତ ଜଡିତ ପ୍ରଯୁକ୍ତିବିଦ୍ୟା ଏବଂ ଉପକରଣର ରପ୍ତାନି ଉପରେ ନୂତନ କଟକଣା ଘୋଷଣା କରିଛି । ଏହି ନୂଆ କଟକଣା ତୁରନ୍ତ ଲାଗୁ କରାଯାଇଛି । କିଛି ବିଦେଶୀ କମ୍ପାନୀ ଚୀନ୍ର ବିରଳ ଖଣିଜକୁ ସାମରିକ ଉଦ୍ଦେଶ୍ୟରେ ବ୍ୟବହାର କରୁଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ବେଜିଂ କହିଛି । ଏହା ପୂର୍ବରୁ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ନଭେମ୍ବର ୧ ତାରିଖରୁ ଚୀନ୍ ସାମଗ୍ରୀ ଉପରେ ୧୦୦ ପ୍ରତିଶତ ଶୁଳ୍କ ଲଗାଇବାକୁ ଧମକ ଦେଇଥିଲେ । ଏହା ପରେ ବିଶ୍ୱର ଦୁଇ ବୃହତ୍ତମ ଅର୍ଥନୀତି ମଧ୍ୟରେ ବାଣିଜ୍ୟ ଯୁଦ୍ଧ ପୁଣି ଆରମ୍ଭ ହୋଇଯାଇଛି । ଟ୍ରମ୍ପଙ୍କ ଧମକ ଦେଇ ଦୁଇ ଦେଶ ମଧ୍ୟରେ ସଂପର୍କରେ ଫାଟ ସୃଷ୍ଟି କରୁଛନ୍ତି ବୋଲି କହିଥିଲା ଚୀନ୍ ବାଣିଜ୍ୟ ମନ୍ତ୍ରଣାଳୟ ।

# ନୂଆପଡ଼ା ନିର୍ବାଚନ : ଦ୍ୱନ୍ଦରେ ବିଜେପି-ବିଜେଡିର ପ୍ରାର୍ଥୀ କିଏ ?

ଭୁବନେଶ୍ୱର,୧୨।୧୦(ମହାଭାରତ): ନୂଆପଡା ଉପ ନିର୍ବାଚନ ଯେତେ ପାଖେଇ ଆସୁଛି ରାଜନୀତି ସେତିକି ସରଗରମ ହେଉଛି। ଗୋଟେ ପଟେ କହିବାକୁ ଗଲେ ବିଜେଡି ପାଇଁ ଅଡୁଆ ବଢ଼ିଛି। ଉପ ନିର୍ବାଚନ ପାଇଁ ବିଜେଡିର ଅଙ୍କ ଛିଡ଼ୁନି ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟଙ୍କୁ ବିଜେଡି ପ୍ରାର୍ଥୀ କରିବ ବୋଲି ଆଶା ବାନ୍ଧିଥିବା ବେଳେ ଶନିବାର ଜୟ ଭୁବନେଶ୍ୱର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ସାମିଲ ହୋଇ ଭାଜପାରେ ଯୋଗ ଦେଇଥିବାରୁ ଏହି ଅଙ୍କକଷା ବଦଳିଛି।

ତେବେ ଆଶୀୟ ଥିବା ବିଜେପିର ବରିଷ୍ଠ ନେତା ବସନ୍ତ ପଣ୍ଡା କହିଛନ୍ତି ଯେ, ନୂଆପଡା ଉପ ନିର୍ବାଚନରେ ବିଜେପି ଶତ ପ୍ରତିଶତ ବିଜୟ ଲାଭ କରିବ। ଶ୍ରୀ ପଣ୍ଡା କୋର କମିଟି ବୈଠକ ପୂର୍ବରୁ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ପହଂଚି ସାମ୍ବାଦିକ ମାନଙ୍କ ସହ କଥାବାର୍ତ୍ତା ବେଳେ ଏହି ଦେଇଛନ୍ତି । ସେ କହିଛନ୍ତି ଯେ, ନୂଆପଡ଼ା ଉପନିର୍ବାଚନ ମୋର ଭୂମିକା ରହିବ । ଜୟ ଢୋଲକିଆଙ୍କୁ ବିଜେପିକୁ ସ୍ୱାଗତ । ମାନସିକତା ଥିଲେ ସବୁ ଠିକ୍ ହେଇଯିବ । ପ୍ରାର୍ଥୀ କିଏ ହେବ ତାହା ସଂସଦୀୟ ବୋର୍ଡ ନିଷ୍ପତ୍ତି ନେବ । ଆଜି ବୈଠକରେ ଅନେକ ବିଷୟରେ ଆଲୋଚନା ହେବ । ନୂଆପଡ଼ା ଉପନିର୍ବାଚନ ଉପରେ ଆଲୋଚନା ହେବ । ମୁଁ କର୍ମ୍ୟକର୍ତ୍ତା କାଲି ଥିଲି ଆଜି ବି ଅଛି । ନୂଆପଡ଼ାରେ ବିଜେପି ଶତ ପ୍ରତିଶତ ଜିତିବ । ମୋହନ ସରକାରରେ ଆଉ ଏକ ଫୁଲ ଫୁଟିବ ବୋଲି ସେ କହିଛନ୍ତି । ମୁଁ ଖୁସି ନଥିଲେ କ'ଣ ହେବ, ମୁଁ ପ୍ରାର୍ଥୀ ହେବା ପାଇଁ ଆଶା ରଖିଛି। ଯେଉଁ ପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା ହୋଇନାହିଁ ସେ ପର୍ଯ୍ୟନ୍ତ ମୁଁ ଆଶା ରଖିଛି, ମୋତେ ଟିକେଟ ମିଳିଲେ ଲଢେଇ କରିବି। ଏହା କହିଛନ୍ତି ନୂଆପଡା ଉପ ନିର୍ବାଚନ ପାଇଁ ବିଜେପି ଆଶାୟୀ ପ୍ରସନ୍ନ ପାଢ଼ୀ। ସେ ଦଳୀୟ କାର୍ଯ୍ୟାଳୟରେ ପହଂଚିବା ପରେ ସାମ୍ବାଦିକ ମାନଙ୍କୁ କହିଛନ୍ତି ଯେ, ବସନ୍ତ ବାବୁଙ୍କ ମାନଭଞ୍ଜନ ପାଇଁ ଡକାଯାଇଥିଲା ହେଲେ ମୋତେ କେହି ଭୁବନେଶ୍ୱର ଡାକିନାହାନ୍ତି । ମୋ ବିବେକ କହିଲା ଆସିବା ପାଇଁ । ମୁଁ ଶୀର୍ଷ ନେତୃତ୍ୱଙ୍କ ସହ କଥା ହେବି। ଅତୀତରେ ବିଜୁ ଜନତା ଦଳରେ ଥିଲି ୨୦୧୮ରେ ବିଜେପିକୁ ଆସିଲି। ସାମ୍ବାଦିକ ପଚାରିଲେ ଚର୍ଚ୍ଚା ହେଉଛି ବିଜେଡିକୁ ଯିବା ପାଇଁ ଉତ୍ତର ଆସିଲା ହୋଇଥାଇପାରେ, ମୋତେ ଏପର୍ଯ୍ୟନ୍ତ ଅଫର ଆସିନାହିଁ। ଜୟ ବିଜେପିରେ ମିଶିବା ପରେ କିଛି ଲୋକ ଭଲ କହୁଛନ୍ତି କିଛି ଖରାପ କହୁଛନ୍ତି। ଲୋକଙ୍କ ଭିତରେ ଅସନ୍ତୋଷ ରହିଛି।

# ଗାଜର ଖିରି

ଗାଜରେ ପୋଟାସିୟମ୍, ଭିଟାମିନ୍ ଏ, ଭିଟାମିନ ଇ ଭଳି ପୋଷକ ତତ୍ତ୍ୱ ଭରି ରହିଥାଏ । ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢାଇବା ସହ ବିଭିନ୍ନ ସମସ୍ୟାରୁ ମୁକ୍ତି ଦେଇଥାଏ । ଆସନ୍ତୁ ଜାଣିବା ଗାଜରରେ ପ୍ରସ୍ତୁତ ଖିରି , ଯାହା ସ୍ୱାଦିଷ୍ଟ ହେବା ସହ ସ୍ୱାସ୍ଥ୍ୟକର ।

ଆବଶ୍ୟକୀୟ ସାମଗ୍ରୀ: ଗାଜର ଅଧ କିଲୋ, ଗୋଟେ ଚାମଚ ଘିଅ,ଗୋଟେ ଚାମଚ ଚିନି, କିସମିସ୍ ୧୦ ଗ୍ରାମ, କାଜୁ-୧୦ ଗ୍ରାମ୍, ଗୁଜୁରାତି ୩ଟି,କ୍ଷୀର-୩କପ୍ ।

ପ୍ରଣାଳୀ: ଗାଜରକୁ ଧୋଇ କୋରି ଦିଅନ୍ତୁ। ଗ୍ୟାସରେ ଗୋଟେ ପ୍ୟାନ ବସାନ୍ତୁ । ପ୍ୟାନ୍ ଗରମ ହୋଇଗଲା ପରେ ଏଥିରେ ଗୋଟେ ଚାମଚ ଘିଅ ପକାନ୍ତୁ । ଘିଅ ଗରମ ହୋଗଲା ପରେ ଏବେ ଗାଜର ପକାନ୍ତୁ । ଗାଜର ଭଲ ଭାବରେ ଭାଜି ହୋଇଗଲା ପରେ ଗ୍ୟାସ୍ର ଜାଳ କମ୍ କରି ସେଥିରେ ଚିନି ପକାନ୍ତୁ। ମଝିରେ ମଝିରେ ଗାଜରକୁ ଲେଉଟାନ୍ତୁ ଫଳରେ ଗାଜର ପ୍ୟାନରେ ଲାଗିବନି ।

ଏବେ ଏଥିରେ କ୍ଷୀର ପକାଇ ଅଳ୍ପ ଜାଳରେ ଫୁଟିବାକୁ ଦିଅନ୍ତୁ। ୨୦ ମିନିଟ୍ ଯାଏଁ ଫୁଟିବାକୁ ଦିଅନ୍ତୁ। ମଝିରେ ମଝିରେ ଏହାକୁ ଘାଣ୍ଟୁଥିବେ । ଯେମିତି ପ୍ୟାନରେ ଲାଗିବନି। ଏବେ ଏଥିରେ ଗୁଜୁରାତି ଗୁଣ୍ଡ, କିସମିସ୍, କାଜୁ ପକାଇ। ଏବେ ପ୍ରସ୍ତୁତ ହୋଇଗଲା ଗାଜ ଖିରି। ଏହାକୁ ଆପଣ ଗରମ ଗରମ ଖାଇପାରିବେ।



## ଖବର

# ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ସାଉଥ୍ ସୁପରଷ୍ଟାର୍ ରାମ ଚରଣ ଏବଂ ପତ୍ନୀ ଉପାସନା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଭେଟିଲେ ସାଉଥ୍ ସୁପରଷ୍ଟାର୍ ରାମ ଚରଣ ଏବଂ ତାଙ୍କ ପତ୍ନୀ ଉପାସନା କାମିନେନି । ଉଭୟେ ବିଶେଷ କାରଣ ପାଇଁ ନୂଆଦିଲ୍ଲୀରେ ପହଞ୍ଚିଥିଲେ । ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ତୀରନ୍ଦାଜୀକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା । ସୋସିଆଲ ମିଡିଆରେ ପୋଷ୍ଟ ସେୟାର କରି ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି ଯଅଭିନେତା ରାମଚରଣ ଏବଂ ତାଙ୍କ ପତ୍ନୀ ମୋଦିଙ୍କ ସହ ଏକ ଫଟୋକୁ ସେୟାର କରି ଢରେ ଲେଖିଛନ୍ତି ଯେ, ମୋଦିଙ୍କୁ ଭେଟି ସେ ନିଜକୁ ସମ୍ମାନିତ ଅନୁଭବ କରୁଛନ୍ତି ଯ ଏହି ସାକ୍ଷାତ ଅନିଲ କାମିନେନି ଗାରୁଙ୍କ ନେତୃତ୍ୱରେ ବିଶ୍ୱର ପ୍ରଥମ ତୀରନ୍ଦାଜ ପ୍ରିମିୟର ଲିଗର ସଫଳତା ଅବସରରେ ହୋଇଥିଲା । ଆହୁରି ମଧ୍ୟ ଯେ କହିଥିଲେ ଯେ ଧନୁର୍ବିଦ୍ୟାର ଐତିହ୍ୟକୁ ସାରା ବିଶ୍ୱରେ ପ୍ରୋତ୍ସାହିତ କରିବା ତାଙ୍କର ଗୋଟିଏ ଛୋଟ ପ୍ରୟାସ। ଏଥିସହ ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇବା ସହ ଏହି ଖେଳରେ ଅଧିକାଂଶ ଲୋକ ସାମିଲ ହେବେ ବୋଲି ସେ ଆଶାବାଦୀ ଅଛନ୍ତି ।ଏହାରି ମଧ୍ୟରେ ଉପାସନା ତାଙ୍କ ପିତା ଏବଂ ରାମ ଚରଣଙ୍କୁ ଅଭିନନ୍ଦନ ଜଣାଇଥିଲେ । ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ପାଇଁ ଖେଳ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ । ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ଏହାକୁ ବାସ୍ତବରେ ପରିଣତ କରିବ । ଏହା ସହିତ ସେ ମୋଦିଙ୍କର ଜଣେ ପ୍ରଶଂସକ ବୋଲି ମଧ କହିଥିଲେ ଯଯଦି ରାମଚରଣଙ୍କ ଫିଲ୍ମ କ୍ୟାରିଅର ସମ୍ପର୍କରେ କୁହାଯାଏ। ତେବେ ସେ ଇଣ୍ଡଷ୍ଟିରେ ୧୮ ବର୍ଷ ଧରି କାମ କରି ଆସୁଛନ୍ତି । ସେ ପୁଣି 'ପେଦ୍ଧି'ଫିଲ୍ମରେ ନଜର ଆସିବାକୁ ଯାଉଛନ୍ତି । ଏବେ ଫ୍ୟାନ୍ସ ଏହି ଫିଲ୍ମ ଅପେକ୍ଷାରେ ରହିଛନ୍ତି ।

# ପ୍ରତି ଗୁରୁବାର ତୁଳସୀ ଗଛ ମୂଳେ କ୍ଷୀର ଢାଳନ୍ତୁ



ନକାରାତ୍ମକ ଶକ୍ତିର ପ୍ରଭାବ ରହିଲେ ଆର୍ଥିକ ସମସ୍ୟାଠାରୁ ଆରମ୍ଭ କରି ଅନ୍ୟାନ୍ୟ ସମସ୍ୟା ଦେଖାଯାଏ। ତେବେ ଘରୁ ନକାରାତ୍ମକ ଶକ୍ତିକୁ ଦୂର କରି ସକାରାତ୍ମକ ଶକ୍ତି ସଞ୍ଚାର କରିବା ପାଇଁ ବାସ୍ତୁଶାସ୍ତ୍ରରେ ଅନେକ ଉପାୟ ରହିଛି। ତା'ହେଲେ ଆସନ୍ତୁ ଜାଣିନେବା ସେହିପରି କିଛି ଉପାୟ ସଂପର୍କରେ, ଯାହା ଘରର ସୁଖଶାନ୍ତିକୁ ବଜାୟ ରଖିବାରେ ସାହାଯ୍ୟ କରେ।

୧. ପ୍ରତି ଗୁରୁବାର ତୁଳସୀ ଗଛକୁ ଅଳ୍ପ କ୍ଷୀର ଅର୍ପଣ କରନ୍ତୁ ବା ଏହାର ମୂଳରେ ଢାଳନ୍ତୁ। ଏହାଦ୍ୱାରା ଘରେ ଲକ୍ଷ୍ମୀ ବାସ କରିଥା'ନ୍ତି ଓ ଆର୍ଥିକ ସମସ୍ୟା ସୁଧୁରିଥାଏ।

୨. କିଛି ଘରେ ସର୍ବଦା କଳିଝଗଡ଼ା ଲାଗି ରହେ। ଆପଣଙ୍କ ଘରେ ବି ଏହି ସ୍ଥିତି ଅଛି କି ? ତା'ହେଲେ ପ୍ରତିଦିନ ପାଣିରେ ଅଳ୍ପ ଲୁଣ ମିଶାଇ ଘର ପୋଛନ୍ତୁ। ଏହାଦ୍ୱାରା ନକାରାତ୍ମକ ଶକ୍ତି ନଷ୍ଟ ହୋଇଯିବ ଏବଂ ପରିବାରର ସଦସ୍ୟଙ୍କ ମଧ୍ୟ ପ୍ରେମ ଓ ଶ୍ରଦ୍ଧା ବଢ଼ିବ।

୩. ପ୍ରତ୍ୟେକ ଦିନ ଶିବ ଲିଙ୍ଗରେ ଜଳ ସହିତ ଅଳ୍ପ କ୍ଷୀର ମିଶାଇ ଅଭିଷେକ କରନ୍ତୁ। ତେବେ ପାତ୍ରରେ ଅଳ୍ପ ଟିକେ କ୍ଷୀର ମିଶା ପାଣି ବଞ୍ଚାଇ ରଖନ୍ତୁ। ଏହାକୁ ଘରର ମୁଖ୍ୟ ଦ୍ୱାରର ଦୁଇ ପାର୍ଶ୍ୱରେ ଢାଳନ୍ତୁ। ଏହାଦ୍ୱାରା ଘରୁ ନକାରାତ୍ମକ ଶକ୍ତି ଦୂର ହୋଇଥାଏ।

୪. ପ୍ରତି ଦିନ ସଂଧ୍ୟାରେ ଓସ୍ତ ଗଛ ମୂଳରେ ପାଣି ଦିଅନ୍ତୁ। ପାଣିରେ ଅଳ୍ପ ଟିକେ କ୍ଷୀର ବି ମିଶାନ୍ତୁ। ଏହାପରେ ଦୀପ ଲଗାଇ ମନରେ ଯାହା ଅଛି ତାକୁ ସ୍ମରଣ କରି ଓସ୍ତ ଗଛକୁ ୫ ଥର ପରିକ୍ରମା କରନ୍ତୁ। ଏପରି କଲେ ଆପଣଙ୍କ ଇଚ୍ଛା ପୂରଣ ହୋଇଥାଏ ଓ ଘରେ ସୁଖଶାନ୍ତି ବିରାଜମାନ କରନ୍ତି।

# ରୁଦ୍ରାଭିଷେକ କଲେ ସୁଖଶାନ୍ତି ମିଳିଥାଏ

ଲୋକମାନେ ଦେବତାଙ୍କୁ ଫଳ, ଫୁଲ ନୈବେଦ୍ୟ ଅର୍ପଣ କରି ପୂଜା ଅର୍ଚ୍ଚନା କରିଥାନ୍ତି । ଯାହାର ସୁଫଳ ମିଳିଥାଏ ବୋଲି ଅନେକ ମତବ୍ୟକ୍ତ କରିଥାନ୍ତି । ଯଦି ଶିବଲିଙ୍ଗକୁ ରୁଦ୍ରାଭିଷେକ କରାଯାଏ ଏବଂ ତାର ଫଳ ସୁନିଶ୍ଚିତ ମିଳିଥାଏ ବୋଲି ଅନେକ ଜ୍ୟୋତିଷବିଦ୍ ପ୍ରକାଶ କରିଛନ୍ତି। ଆସନ୍ତୁ ଜାଣିବା ଭଗବାନ ମହାଦେବଙ୍କୁ କଣ ଅଭିଷେକ କଲେ କ'ଣମିଳିଥାଏ । ଯଦି କେହି ବ୍ୟକ୍ତି ସୁନାରେ ତିଆରି ଶିବଲିଙ୍ଗକୁ ଅଭିଷେକ କରେ ସେ ସର୍ବସିଦ୍ଧି ପ୍ରାପ୍ତ କରିଥାଏ। ସେହିଭଳି ରୂପାରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ସୌଭାଗ୍ୟ ବୃଦ୍ଧି ହୋଇଥାଏ । ପିତଳରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ସୁଖ ଶାନ୍ତି ମିଳିଥାଏ। ପାରଦରେ ତିଆରି ଶିବଲିଙ୍ଗଙ୍କୁ ରୁଦ୍ରାଭିଷେକ କଲେ ସମସ୍ତ ସୌଭାଗ୍ୟ ଅର୍ଜନ ପ୍ରାପ୍ତ ହୋଇଥାଏ । କର୍ପୂରରେ ତିଆରି ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ସବୁ ପ୍ରକାର ମଙ୍ଗଳ ହୋଇଥାଏ । ଲୁହାରେ ନିର୍ମିତ ଶିବ ଲିଙ୍ଗକୁ ଜଳାଭିଷେକ କଲେ ବ୍ୟକ୍ତି ଶତ୍ରୁକୁ ପରାସ୍ତ କରିବା ସହ ନିଜେ ବିଜୟୀ ହୋଇଥାଏ । ଚନ୍ଦନରେ ନିର୍ମିତ ଶିବଲିଙ୍ଗକୁ ଧନଲାଭ କରିପାରିବ। ଫୁଲରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ଭୂ-ସମ୍ପତ୍ତିର ଅଧିକାରୀ ହୋଇପାରିବେ । ମିଶ୍ରି ବା ଚିନିରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ଅଭୀଷ୍ଟ ପୂରଣ ହୁଏ। ବାଉଁଶରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ସନ୍ତାନ ପ୍ରାପ୍ତ କରିପାରିବେ । ଦୁବରେ ତିଆରି ଶିବ ଲିଙ୍ଗକୁ ରୁଦ୍ରାଭିଷେକ କଲେ ଦୁର୍ଘଟଣାରୁ ରକ୍ଷା ମିଳିଥାଏ ।



# ଗୃହରେ ରଖନ୍ତୁ ହାତୀର ପ୍ରତିମା : ପ୍ରାପ୍ତି ହେବ ଶୁଭଫଳ



ବାସ୍ତୁ, ଜ୍ୟୋତିଷ ଶାସ୍ତ୍ରରେ ହାତୀ ଖୁବ ଶୁଭ ବୋଲି ମାନ୍ୟତା ରହିଛି। ଶାସ୍ତ୍ରରେ ହାତୀ ବିଘ୍ନହର୍ତ୍ତା। ପ୍ରଭୁ ଗଣେଶ ଓ ଧନର ଦେବୀ ମା'ଲକ୍ଷ୍ମୀଙ୍କ ସହ ଜଡ଼ିତ ରହିଛନ୍ତି। ଜାଣନ୍ତୁ ହାତୀଙ୍କ ଫଟୋ, ଚିତ୍ର କିମ୍ବା ପ୍ରତିମା ଘରେ ରଖିବା ଦ୍ୱାରା କି କି ଶୁଭଫଳ ପ୍ରାପ୍ତି ହୋଇଥାଏ...

■ ଶୟନ କକ୍ଷରେ ପିତ୍ତଳରେ ନିର୍ମିତ ହାତୀଙ୍କ ପ୍ରତିମା ରଖିବା ଦ୍ୱାରା କିମ୍ବା ହାତୀଙ୍କ ବଡ଼ ଫଟୋ ଲଗାଇଲେ ଦାମ୍ପତ୍ୟ ଜୀବନ ସୁଖମୟ ହୋଇଥାଏ।

■ ପିତ୍ତଳର ହାତୀ ଘରର ବୈଠକ ଘରେ ରଖିବା ଦ୍ୱାରା ଏହା ଶାନ୍ତି ଓ ସମୃଦ୍ଧି ଆଣିଥାଏ। ଜୀବନରେ ସଫଳତା ମଧ୍ୟ ଆସିଥାଏ।

■ ଘରେ କିମ୍ବା ପର୍ସରେ ଛୋଟ ଚାନ୍ଦିର ହାତୀ ରଖିବା ଦ୍ୱାରା ସନ୍ତାନ କଷ୍ଟ ଦୂର ହୋଇଥାଏ ଓ ବେପାରରେ ଲାଭ ମିଳିଥାଏ।

■ ଚାନ୍ଦିରେ ନିର୍ମିତ ହାତୀ ଘରର ଉତ୍ତର ଦିଗରେ ରଖିବା ଦ୍ୱାରା ବାସ୍ତୁ ଦୋଷ ଦୂର ହୋଇଥାଏ। ଐଶ୍ବର୍ଯ୍ୟ ପ୍ରାପ୍ତି ହୋଇଥାଏ ।

■ ଫେଙ୍ଗସୁଇ ଅନୁଯାୟୀ ହାତୀର ଫଟୋ କିମ୍ବା ମୂର୍ତ୍ତି ଘରେ ରଖିବା ଦ୍ୱାରା ସକରାତ୍ମକ ଶକ୍ତି ପ୍ରବେଶ କରିବା ସହ ଧନ ପ୍ରାପ୍ତି ହୋଇଥାଏ। ଘରେ ସୁଖଶାନ୍ତି ପ୍ରବେଶ କରିଥାଏ। ଶୁଣ୍ଢ ଉପରକୁ ହୋଇ ରହିଥିବା ହାତୀର ପ୍ରତିମା ରଖିବା ଦ୍ୱାରା ଧନସମ୍ପତ୍ତି ବୃଦ୍ଧି ଓ ବିଭିନ୍ନ କ୍ଷେତ୍ରରେ ଉନ୍ନତି ହୋଇଥାଏ।



# ସେତୁବନ୍ଧ ନିର୍ମାଣରେ ଗୁଣ୍ଡୁଚି ମୂଷାର ଯୋଗଦାନ

ରାମାୟଣର କଥାବସ୍ତୁ ଅନୁସାରେ ଯେତେବେଳେ ଭଗବାନ ରାମ ମା ସୀତାଙ୍କ ଉଦ୍ଧାର ପାଇଁ ଲଙ୍କରେ ପହଞ୍ଚିବାକୁ ସମୁଦ୍ରରେ ସେତୁବନ୍ଧ ନିର୍ମାଣ କରୁଥିଲେ ମହାବଳୀ ହନୁମାନଠାରୁ ଆରମ୍ଭ କମରି ପୂରା ବାନର ସେନା ଲାଗି ରହିଥିଲେ। ମହାବୀର ହନୁମାନ ଏବଂ ତାଙ୍କର ପୁରା ବାନର ସେନା ବଡ଼ ବଡ଼ ପଥର ସବୁରେ 'ଶ୍ରୀରାମ' ଲେଖି ନିର୍ମାଣ କାର୍ଯ୍ୟରେ ଲିପ୍ତ ରହିଥିଲେ । ଏହି ସମୟରେ ପ୍ରଭୁ ରାମଚନ୍ଦ୍ରଙ୍କ ଦୃଷ୍ଟି ଏକ ଗୁଣ୍ଡୁଚି ମୂଷା ଉପରେ ପଡ଼ିଲା। ଗୁଣ୍ଡୁଚି ମୂଷାଟି ସମୁଦ୍ର କୂଳରେ ଥିବା ବାଲିରେ ଗଡ଼ି ଯାଉଥିଲା ଏବଂ ଦେହରେ ଲାଗିଥିବା ବାଲିକୁ ପୋଲ ନିର୍ମାଣ ସ୍ଥଳରେ ଝାଡ଼ି ଦେଉଥିଲା । ଦୀର୍ଘ ସମୟ ପର୍ଯ୍ୟନ୍ତ ଗୁଣ୍ଡୁଚି ମୂଷାଟି ଏହି କାର୍ଯ୍ୟରେ ଲିପ୍ତ ରହିଥିବା ଭଗବାନ ରାମ ଦେଖିବାକୁ ପାଇଲେ । ଗୁଣ୍ଡୁଚି ପାଖକୁ ଯାଇ ଶ୍ରଦ୍ଧାରେ ଗୁଣ୍ଡୁଚି ମୂଷାକୁ ନିଜର ହାତରେ ଉଠାଇ କହିଲେ- ଯେ ତୁମେ କ'ଣ କରୁଛି। ଗୁଣ୍ଡୁଚି ମୂଷାଟି ଭଗବାନ ରାମଙ୍କୁ ପ୍ରଣାମ କଲା ଏବଂ କହିଲା। -ମହାବଳୀ ହନୁମାନ ହନୁମାନ ତାଙ୍କର ପୂରା ବାନର ସେନା ବଡ଼ ବଡ଼ ପଥରରେ ଏହି ପୋଲର ନିର୍ମାଣ କରୁଛନ୍ତି । କିନ୍ତୁ ମୁଁ ଛୋଟ ଗୁଣ୍ଡୁଚି ମୂଷାଟିଏ । ତେଣୁ ମୋଦ୍ୱାରା ଯାହା ସମ୍ଭବ ତାହା ମୁଁ କରୁଛି । ଏହି କାମରେ ମୁଁ ମୋର ଏହି ଛୋଟିଆ ଯୋଗଦାନ ଦେବାକୁ ଚାହୁଁଛି। ଭଗବାନ ରାମ ଗୁଣ୍ଡୁଚିର ଏହି ଭାବନାରେ ଅତ୍ୟନ୍ତ ପ୍ରୀତ ହେଲେ ଏବଂ ଶ୍ରଦ୍ଧାରେ ତା ପିଠିକୁ ଆଉଁଶି ଦେଲେ । ସେହିଦିନଠାରୁ ଗୁଣ୍ଡୁଚି ମୂଷା ପିଠିରେ ଭଗବାନ ରାମଙ୍କ ଅଙ୍ଗୁଳି ଚିହ୍ନ ରହିଛି ।



# କେ ଭି ସିଂହଦେଓଙ୍କୁ ସାକ୍ଷାତ କଲେ କଟନ ଆସୋସିଏସନ ଅଫ ଓଡ଼ିଶାର ସଦସ୍ୟ

**ଭୁବନେଶ୍ୱର,୧୨।୧୦ (ମହାଭାରତ):** କଟନ ଆସୋସିଏସନ ଅଫ ଓଡ଼ିଶାର ସଦସ୍ୟମାନେ ଶନିବାର କୃଷି ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ



ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ସାକ୍ଷାତ କରିଛନ୍ତି । ଏହି ସାକ୍ଷାତ ସମୟରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ ମଧ ଉପସ୍ଥିତ ଥିଲେ । ସାକ୍ଷାତ ଅବସରରେ କପା ଚାଷ ତଥା ବିପଣନ ବେଳେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ଉପମୁଖ୍ୟମନ୍ତ୍ରୀ ଏବଂ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ । ଉପମୁଖ୍ୟମନ୍ତ୍ରୀ ବିସ୍ତୃତ ଭାବେ ସେମାନଙ୍କ ସମସ୍ୟା ଶୁଣିଥିଲେ ଏବଂ କଟନ କର୍ପୋରେସନ ଅଫ ଇଣ୍ଡିଆ ସହ ଆଲୋଚନା କରି ଏ ବିଷୟରେ ଆବଶ୍ୟକ ଆଗାମୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି । ଆସନ୍ତା ଦିଲ୍ଲୀ ଗସ୍ତ ସମୟରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଏନେଇ ଆଲୋଚନା କରି ସମସ୍ୟାର ଯଥାଶୀଘ୍ର ସମାଧାନ ପାଇଁ ଚେଷ୍ଟା କରିବେ ବୋଲି କରିଛନ୍ତି। ଓଡ଼ିଶାରେ ଉତ୍ପାଦିତ କପା ଦେଶର ଅନ୍ୟତମ ଉତ୍କୃଷ୍ଟ କପା ଭିତରେ ଗଣାଯାଏ । ଏହାର ଲମ୍ବା ଷ୍ଟେପଲ ଓ ଦୀର୍ଘ ଅବଧି ଗୁଣ ଯୋଗୁଁ ବୁଣାକାରଙ୍କ ପ୍ରଥମ ପସନ୍ଦ ହୋଇଥାଏ । ବୈଠକରେ କୃଷି ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀମତୀ ଲିଟି ପଟ୍ଟନାୟକ, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ନନ୍ଦିନୀ ଦଳାଇ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଓଡ଼ିଶା ଆଧାରିତ ଜ୍ୟାକଫ୍ରୁଟ ବ୍ରାଣ୍ଡ ବିକଶିତ କରାଯିବ

**ଭୁବନେଶ୍ୱର,୧୨।୧୦ (ମହାଭାରତ):** ମହାରାଷ୍ଟ୍ରର ଜ୍ୟାକଫ୍ରୁଟକିଙ୍ଗ ଆଗ୍ରୋ ପ୍ରଡ୍ୟୁସର କମ୍ପାନୀ ଲିମିଟେଡର ଅଧ୍ୟକ୍ଷ ମିଥିଲେଶ ଦେଶାଇ ଗୁରୁବାର ଦିନ ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ରାଜ୍ୟରେ ପଣସ ଚାଷ ଏବଂ ଏହାର ପ୍ରକ୍ରିୟାକରଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସରକାରଙ୍କ ପ୍ରମୁଖ ସଚିବ ଡ଼ ଅରବିନ୍ଦ କୁମାର ପାଢୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ଆଲୋଚନା ହୋଇଥିଲା। ପଣସ କ୍ଲଷ୍ଟରକୁ ପିପିପି ମୋଡ୍ ଆଧାରରେ ବିକଶିତ କରାଯିବା ଏବଂ କନ୍ଧମାଳ, କେନ୍ଦୁଝର, କୋରାପୁଟ ସମେତ ଅନୁଗୁଳ, ଢେଙ୍କାନାଳ, ଗଜପତି, ମୟୂରଭଞ୍ଜ, ରାୟଗଡ଼ା ଏବଂ ସୁନ୍ଦରଗଡ଼ ଭଳି ୬ଟି ମିଶନ ଜିଲ୍ଲା ସହିତ ପ୍ରକ୍ରିୟାକରଣ ସୁବିଧା ମଧ ବିକଶିତ କରାଯିବା ନେଇ ଆଲୋଚନା ହୋଇଥିଲା। ଆବଶ୍ୟକ ହେଲେ ରାଜ୍ୟରେ ପଣସର କ୍ଷେତ୍ର ପ୍ରସାରଣ ପାଇଁ କୃଷି/ଉଦ୍ୟାନ କୃଷି ଫାର୍ମକୁ କମ୍ପାନୀକୁ ଯୋଗାଇ ଦେବା ନିମନ୍ତେ ଆଲୋଚନା କରାଯାଇଥିଲା। କୃଷି-ଜୈବ ବିବିଧତା ହେତୁ ଜ୍ୟାକଫ୍ରୁଟ୍ ମିଶନ ଅଧୀନରେ ବରଗଡ଼ ଜିଲ୍ଲାର ପଦ୍ମପୁର ଉପଖଣ୍ଡ ଏବଂ ବଲାଙ୍ଗିର ଜିଲ୍ଲାର ପାଟନାଗଡ଼ ଉପଖଣ୍ଡକୁ ସାମିଲ କରିବାକୁ ମଧ ନିଷ୍ପତ୍ତି ନିଆଯାଇଥିଲା। ପଣସର ବ୍ୟବସାୟିକ ଇକୋସିଷ୍ଟମକୁ ଭଲ ଭାବରେ ବୁଝିବା ପାଇଁ ମହାରାଷ୍ଟ୍ରର ରତ୍ନଗିରି ଅଞ୍ଚଳର ଚାଷୀ/ଏଫପିଓମାନଙ୍କୁ ଏକ୍ସପୋଜର ଭିଜିଟର ବ୍ୟବସ୍ଥା କରାଯିବ। ପଣସ ମିଶନକୁ ସଫଳ କରିବା ନିମନ୍ତେ ସମନ୍ୱୟ ଉପରେ ବିଶେଷ ଧ୍ୟାନ ଦିଆଯିବ। ଓଡ଼ିଶା ଆଧାରିତ ଜ୍ୟାକଫ୍ରୁଟ ବ୍ରାଣ୍ଡ ବିକଶିତ କରାଯିବ ବୋଲି ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି।

# ଆମକୁ ଗଣତନ୍ତ୍ରର ଗରିମା ବଜାୟ ରଖିବାକୁ ପଡ଼ିବ: ବାଚସ୍ପତି



**ଭୁବନେଶ୍ୱର,୧୨।୧୦ (ମହାଭାରତ):** ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ଓ ନବମ ରାଜ୍ୟଗୋଷ୍ଠୀ ମହିଳା ସମ୍ମିଳନୀରେ ଯୋଗଦେବା ପାଇଁ ବିଦେଶ ଗସ୍ତରେ ଯାଇଥିବାବେଳେ ବାର୍ବାଡୋସ୍ ର ବ୍ରିଜ୍ ଟାଉନ୍ ଠାରେ 'ରାଜ୍ୟଗୋଷ୍ଠୀ ଏକ ବୈଶ୍ୱିକ ସହଭାଗୀ ଓ ବେଜିଂ ୩୦ ପରଠାରୁ ସଂସଦ, ଲିଙ୍ଗଗତ ସମାନତା ପାଇଁ ପ୍ରଗତି, ଆହ୍ୱାନ ଓ ମାର୍ଗ' ବିଷୟରେ ଆଲୋଚନାର ବିଷୟବସ୍ତୁ ଉପରେ ଅଂଶଗ୍ରହଣ କରି 'ଆମର ଅନୁଷ୍ଠାନଗୁଡ଼ିକର ସଶକ୍ତିକରଣ ପାଇଁ ଗଣତନ୍ତ୍ରକୁ ସମର୍ଥନ' ଉପରେ ନିଜର ଅଭିଭାଷଣ ରଖି କହିଲେ ଯେ ଭାରତ ହେଉଛି ଗଣତନ୍ତ୍ରର ଜନନୀ । ଗଣତନ୍ତ୍ର କେବଳ ଏକ ରାଜନୈତିକ ବ୍ୟବସ୍ଥା ନୁହେଁ, ଏହା ଆମର ବିଶ୍ୱାସ, ଉତ୍ସାହ ଓ ଜୀବନଧାରଣର ମାର୍ଗ । ଗଣତନ୍ତ୍ର ଯେଉଁ ଚାରୋଟି ସ୍ତମ୍ଭ ଉପରେ ପ୍ରତିଷ୍ଠିତ, ସେଗୁଡ଼ିକ ହେଉଛି ବିଧାନସଭା, ନ୍ୟାୟପାଳିକା, କାର୍ଯ୍ୟପାଳିକା ଓ ଗଣମାଧ୍ୟମ । ତେବେ ମୁଖ୍ୟ କଥା ହେଉଛି ଏହି ଅନୁଷ୍ଠାନଗୁଡ଼ିକ ଯେତେ ସଶକ୍ତ ହେବ ଆମର ଗଣତନ୍ତ୍ର ସେତିକି ସମୃଦ୍ଧ ହୋଇପାରିବ । ତେଣୁ ଗଣତନ୍ତ୍ରକୁ ଆଗେଇ ନେବାକୁ ହେଲେ ସମସ୍ତ ସମ୍ପୃକ୍ତ ଅନୁଷ୍ଠାନକୁ ସଶକ୍ତ କରିବାକୁ ପଡ଼ିବ ।

ଆମ ବିଧାନସଭାରେ ଜନମତ ସଠିକ ଭାବରେ ଉପସ୍ଥାପିତ ହୋଇପାରିଲେ, ତା'ଉପରେ ଆଲୋଚନା, ତର୍କ, ବିତର୍କ ଓ ବିଶ୍ଳେଷଣ ହୋଇ ଜନଉପକାରୀ ଆଇନ ପ୍ରଣୟନ ହୋଇପାରିବ । ଫଳରେ ଗଣତନ୍ତ୍ର ପ୍ରତି ଜନସାଧାରଣଙ୍କର ଆସ୍ଥା ବୃଦ୍ଧି ପାଇବ । ସେହିପରି କାର୍ଯ୍ୟପାଳିକା ଏହି ଆଇନର ସଠିକ ଅନୁପାଳନ କ୍ଷେତ୍ରରେ ଆନ୍ତରିକତାର ସହ କାର୍ଯ୍ୟ କଲେ ଜନସାଧାରଣ ଉପକୃତ ହୋଇପାରିବେ । ସେହିପରି ନ୍ୟାୟପାଳିକା ଏ ସବୁର ଦୁରୁପଯୋଗ କ୍ଷେତ୍ରରେ ସତର୍କ ରହି ସଠିକ୍ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବା ଦ୍ୱାରା ଆଇନ୍ ?ର ଦୁରୁପଯୋଗ ଓ ଉଲ୍ଲଙ୍ଘନ ହୋଇପାରିବ ନାହିଁ । ଶେଷରେ ଗଣମାଧ୍ୟମ ହିଁ ଏସବୁର କାର୍ଯ୍ୟକାରିତାକୁ ନିରୀକ୍ଷଣ କରି ତ୍ରୁଟିଗୁଡ଼ିକୁ ସରକାରଙ୍କ ଦୃଷ୍ଟିକୁ ଆଣି ସଠିକ୍ ମାର୍ଗଦର୍ଶନ ଦେଇପାରିବ । ତା'ହେଲେ ଯାଇ ଆମର ଗଣତନ୍ତ୍ର ଆହୁରି ସଶକ୍ତ ଓ ସମୃଦ୍ଧ ହୋଇପାରିବ ଓ ଆମର ଗଣତନ୍ତ୍ରର ମହନୀୟତା ଓ ଗରିମା ବଜାୟ ରହିବ ବୋଲି ବାଚସ୍ପତି ପ୍ରକାଶ କରିଛନ୍ତି।

# ବିଜେଡିର ପଦଯାତ୍ରା ଅସ୍ତିତ୍ୱ ବଂଚାଇବା ପାଇଁ : ବିଜେପି

**ଭୁବନେଶ୍ୱର,୧୨।୧୦ (ମହାଭାରତ):** ବିଜୁ ଜନତା ଦଳ ବର୍ତ୍ତମାନ ଦଳୀୟସଙ୍କଟ ଦେଇ ଗତି କରୁଛି । ଏହି ସଙ୍କଟ ଏତେ ମାତ୍ରାରେ ବଢ଼ିଯାଇଛି କି କିଏ କ'ଣ ନିଷ୍ପତି ନେବ ତାହାକୁ କେହି ଜାଣିପାରୁନାହାନ୍ତି । ସେମାନେ ନିଜର ଦାବି କ'ଣ ସେବିଷୟରେ କିଛି ନ ଜାଣି କେବଳ ଦଳର ଅସ୍ତିତ୍ୱ ବଂଚାଇବା ପାଇଁ ପଦଯାତ୍ରା କରୁଛନ୍ତି ବୋଲି ଦଳ ତରଫରୁ କୁହାଯାଇଛି। ପ୍ରତିଥର ଦଳୀୟ ପଦଯାତ୍ରାରେ ପତାକା ଦେଖାଇ ଶୁଭାରମ୍ଭ କରିଥାନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ । ହେଲେ ଆଜି ସେ କୁଆଡେ ଗଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି । ତାଙ୍କ ଦଳର କର୍ମୀମାନେ ଏବେ ନବୀନଙ୍କୁ ଖୋଜୁଛନ୍ତି । ବିନା ନେତାରେ ଏହି ପଦଯାତ୍ରା ଚାଲିଛି । ବିଜେଡି ପକ୍ଷରୁ ଆଜି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମସ୍ଥାନ ସୁଆଣ୍ଡୋଠାରେ 'ସେବା, ସ୍ୱାଭିମାନ ଓ ସଂଗ୍ରାମ ପଦଯାତ୍ରା' କରାଯାଉଛି । ମାତ୍ର ଗତ ୨୪ ବର୍ଷ ଧରି ବିଜେଡି ଓଡ଼ିଶା ପାଇଁ କି ସେବା କରିଛି ତାହାକୁ ଲୋକ ଦେଖିଛନ୍ତି । ବିଜେଡି ଶାସନରେ ବେକାରୀ, ଅପରାଧ, ଶିଶୁ ଓ ମାତୃ ମୃତ୍ୟୁ ହାରରେ ଓଡ଼ିଶା ଦେଶରେ ଏକ ନମ୍ବର ଥିଲା । ବିଜେଡି ଶାସନରେ ରାଜ୍ୟରେ ମହିଳା ହିଂସା ଓ ନିର୍ଯ୍ୟାତନା କଥା ସଦ୍ୟ ପ୍ରକାଶିତ ଏନସିଆରବି ରିପୋର୍ଟରେ ଖୁଲାସା ହୋଇଛି । କୃଷକମାନଙ୍କ ସର୍ବନିମ୍ନ ଆୟ କ'ଣ ତାହାକୁ ମଧ ଲୋକେ ଦେଖିଛନ୍ତି । ଗତ ୨୫ ବର୍ଷ ମଧ୍ୟରେ ବିଜେଡି ସୁପ୍ରିମୋ ଓଡ଼ିଆ ଭାଷା ମଧ ଶିଖିପାରି ନ ଥିବା ବେଳେ ଓଡ଼ିଆ ସ୍ୱାଭିମାନ କଥା କହିବା ଅତ୍ୟନ୍ତ ହାସ୍ୟସ୍ପଦ । ବିଜେଡି କେବେ ବି ଓଡ଼ିଶାର ବରପୁତ୍ର ମାନଙ୍କୁ ସମ୍ମାନ ଦେଇ ନଥିଲା । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ନାମରେ ହୋଇଥିବା 'ଗୋପବନ୍ଧୁ ଗ୍ରାମୀଣ ରୋଜଗାର ଯୋଜନା'କୁ ବନ୍ଦ କରିଦେଇଥିଲା । ବିଜୁ ଜନତା ଦଳ ଯାହା ନାମରେ ଗଠନ ହୋଇଛି କେବଳ ସେ ହିଁ ମହାପୁରୁଷ ବୋଲି ବିଜେଡି ବିଶ୍ୱାସ କରେ । ସେଥିପାଇଁ ସବୁ ଯୋଜନା ଓ ପ୍ରତିମୂର୍ତ୍ତି କେବଳ ବିଜୁଙ୍କ ନାମରେ କରି ମହାପୁରୁଷମାନଙ୍କୁ ଅସମ୍ମାନିତ କରିଛି ବିଜେଡି । ଏଥିଯୋଗୁ ବିଜେଡିକୁ ଜନସାଧାରଣ ଉଚିତ ଜବାବ୍ ଦେଇଛନ୍ତି । ବିଜୁ ଜନତା ଦଳ ସରକାରରେ ଥିଲାବେଳେ ଓଡ଼ିଶାର ମା'ଓ ଭଉଣୀମାନଙ୍କ ପାଇଁ କିଛି କରି ନଥିଲା, ଚାଷୀଙ୍କୁ ୧୦୦ ଟଙ୍କା ବୋନସ୍ ଦେବାକୁ କହି ଠକି ଦେଇଥିଲା।

# ଜାଗୋ ସହିତ ଜଡ଼ିତ ମାନବିକତା ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳ କରିବ

**ଭୁବନେଶ୍ୱର,୧୨।୧୦ (ମହାଭାରତ):** ମାନବିକ ଚିନ୍ତାଧାରା ଓ ପାଠପଢ଼ା ସହ ସମାଜର ଅବହେଳିତ ଶିଶୁମାନଙ୍କର ଉନ୍ନତି କ୍ଷେତ୍ରରେ ନିଜକୁ ସାମିଲ କରିଥିବା ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତକୁ ପ୍ରଭାବିତ କରିବା ସହ ଉଜ୍ଜ୍ୱଳ କରିବ ବୋଲି କହିଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସ। ସୋଆର ସାମାଜିକ ଅନୁଷ୍ଠାନ 'ଜାଗୋ'ର ୧୯ତମ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀମତି ଦାସ କହିଥିଲେ ଯେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ନିକଟବର୍ତୀ ବସ୍ତି ଅଂଚଳର ଛାତ୍ରଛାତ୍ରୀମାନଙ୍କୁ ପାଠ ପଢ଼ାଇବା ସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଇବାର ଲକ୍ଷ୍ୟ ନେଇ କାର୍ଯ୍ୟ କରୁଥିବା ସୋଆ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ବେଶ ଉଜ୍ଜ୍ୱଳ। ନିଜ ପାଠପଢ଼ା ସହ ଏଭଳି ମହାନ କାର୍ଯ୍ୟରେ ନିଜକୁ ସାମିଲ କରୁଥିବାରୁ ତାଙ୍କ ମନରେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ରହିଛି ବୋଲି ଶ୍ରୀମତି ଦାସ କହିଛନ୍ତି।



୨୦୦୭ ମସିହାରୁ ଟିମ୍ ଜାଗୋର ପ୍ରତିଷ୍ଠା ହୋଇଥିବା ବେଳେ ଏହା ବସ୍ତିର ଛୋଟଛୋଟ ପିଲାମାନଙ୍କର ସାମଗ୍ରିକ ବିକାଶ ଦିଗରେ କାର୍ଯ୍ୟ କରିଆସୁଛି ଏବଂ ସୋଆର ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ନିଜର ବୃତିଗତ ଶିକ୍ଷା ସହ ସମାଜର ମଙ୍ଗଳ ପାଇଁ ଏଭଳି ମହାନ କାର୍ଯ୍ୟରେ ନିଜକୁ ସାମିଲ କରିଛନ୍ତି। ଏହି ଛାତ୍ରଛାତ୍ରୀମାନଙ୍କୁ ସେ ଆନ୍ତରିକ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଜାଗୋ ଅଭିଯାନକୁ ସାରା ବିଶ୍ୱବିଦ୍ୟାଳୟରେ ସମ୍ପ୍ରସାରିତ କରାଯିବ ବୋଲି କହିଛନ୍ତି। ସମାଜର ଉନ୍ନତି ପାଇଁ ସୋଆ ପକ୍ଷରୁ ଜାଗୋ ଅଭିଯାନ ଏକ ମହାନ ପ୍ରୟାସ ବୋଲି କୁଳପତି କହିଛନ୍ତି। କାର୍ଯ୍ୟକ୍ରମରେ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସୋଆର ଉପକୁଳପତି ପ୍ରଫେସର (ଡାକ୍ତର) ନୀତା ମହାନ୍ତି, କଂଟ୍ରୋଲର ଅଫ୍ ଏଗ୍‌ଜାମିନେସନ ପ୍ରଫେସର ମଞ୍ଜୁଳା ଦାସ ଓ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ଡିନ୍ ପ୍ରଫେସର ପ୍ରଦୀପ କୁମାର ସାହୁ ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଜାଗୋର ମେଂଟର ପ୍ରଫେସର ଅନୀତା ପଣ୍ଡା ନିଜ ବକ୍ତବ୍ୟରେ କହିଥିଲେ ଯେ ଅନେକ ସମୟରେ ଦାରିଦ୍ର୍ୟତା ଯୋଗୁଁ ଅନେକ ପ୍ରତିଭା ଲୁକ୍କାୟିତ ହୋଇ ରହିଯାଇଥାଆନ୍ତି ଏବଂ ଏହା ଦ୍ୱାରା ସମାଜର ହିତସାଧନ ହୋଇପାରି ନଥାଏ। ଏଭଳି ଲୁକ୍କାୟିତ ପ୍ରତିଭାଙ୍କୁ ବାହାରକୁ ଆଣିବାର ଲକ୍ଷ୍ୟ ନେଇ ପ୍ରୟାସ ଆରମ୍ଭ କରିଥିବା ଟିମ ଜାଗୋ ୧୮ ବର୍ଷ ଅତିକ୍ରମ କରି ୧୯ ବର୍ଷରେ ପାଦ ଥାପିଛି। ଉପଯୁକ୍ତ ଶିକ୍ଷା ଓ ସାମଗ୍ରିକ ବିକାଶ ଜରିଆରେ ସେମାନଙ୍କର ବ୍ୟକ୍ତିତ୍ୱ ନିର୍ମାଣ ପାଇଁ ଟିମ୍ ଜାଗୋ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଥିଲେ।

# ଉତ୍କଳ ବିପନ୍ନ ସମିତି ଦ୍ୱାରା ରକ୍ତଦାନ

**ଭୁବନେଶ୍ୱର,୧୨।୧୦ (ମହାଭାରତ):** ଅକ୍ଟୋବର ୯, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ 'ସେବା ଦିବସ' ଭାବେ ପାଳନ କରାଯାଇଛି । ଏହି ଅବସରରେ, ଉତ୍କଳ ବିପନ୍ନ ସହାୟତା ସମିତି ମଞ୍ଚେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟ "ସେବା" ପରିସରରେ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଶିବିରର ଉଦ୍ଘାଟନ ଉତ୍ସବରେ କ୍ୟାପିଟାଲ ହସ୍ପିଟାଲ ହୃଦରୋଗ ବିଶେଷଜ୍ଞ ତଥା ନିର୍ଦ୍ଦେଶକ ପ୍ର. ଡା. ପ୍ରଭାତ କୁମାର ଦାଶ ମୁଖ୍ୟ ଅତିଥି, ବ୍ଲଡ ବ୍ୟାଙ୍କ ଅଫିସର ଡା. ଦେବାଶିଷ ମିଶ୍ର ସମ୍ମାନୀତ ଅତିଥି ଏବଂ ପୂର୍ବକ୍ଷେତ୍ରର କ୍ଷେତ୍ର ସେବା ପ୍ରମୁଖ ଦୀପକ କୁମାର ରାଉତ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଉତ୍କଳ ବିପନ୍ନ ସହାୟତା ସମିତିର ସଭାପତି ଅଭୟ ସାମନ୍ତରାୟ ଏହି ଉଦ୍ଘାଟନ ଉତ୍ସବରେ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଡା. ପ୍ରଭାତ କୁମାର ଦାଶ, ତାଙ୍କର ମାର୍ଗଦର୍ଶନରେ ରକ୍ତଦାନର ମହନୀୟତା ସମ୍ପର୍କରେ ଗଭୀର ଭାବରେ ବିଶ୍ଳେଷଣ ପୂର୍ବକ ଉତ୍କଳ ବିପନ୍ନ ସହାୟତା ସମିତି, ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଏହି ମହାନ ଦିବସରେ ଧାରାବାହିକ ଭାବରେ ରକ୍ତଦାନ ଶିବିର ଆୟୋଜନ କରୁଥିବାରୁ, ସମିତିର ସେବା ମନୋଭାବକୁ ଉଚ୍ଚ ପ୍ରଶଂସା କରିଥିଲେ।

# ଗାନ୍ଧୀ ଦର୍ଶନ ପ୍ରତିଯୋଗିତାର ପୁରସ୍କାର ବିତରଣ

**ଭୁବନେଶ୍ୱର,୧୨।୧୦ (ମହାଭାରତ):** ଯୁବ ପିଢୀମାନଙ୍କ ମଧ୍ୟରେ ମହାତ୍ମାଗାନ୍ଧୀଙ୍କ ନୀତି ଓ ଆଦର୍ଶର ବାର୍ତ୍ତା ପହଞ୍ଚାଇବାକୁ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆର ଆର୍ଥିକ ସହାୟତାରେ ଓ ବିଜେବି କଲେଜ ପୂର୍ବତନ ଛାତ୍ରଛାତ୍ରୀ ସଂଘ ବିଜେବି ଫ୍ରେଣ୍ଡ୍ସ ଆନୁକୁଲ୍ୟରେ ବିଜେବି କଲେଜରେ ୟୁଥ୍ ରିମେମ୍ବରିଙ୍ଗ ଗାନ୍ଧୀ ଉତ୍ସବ ପାଳିତ ହୋଇଯାଇଛି । ଏହି ଉତ୍ସବରେ ଗାନ୍ଧୀ ପିସ୍ ଫାଉଣ୍ଡେସନର ଓଡ଼ିଶା ମୁଖ୍ୟ ଜଷ୍ଟିସ ମନୋରଞ୍ଜନ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ।



ବିଜେବି କଲେଜର ଅଧ୍ୟକ୍ଷା ପ୍ରଫେସର ଝୁମକୀ ରଥ, ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆର ପୂର୍ବତନ ଡେପୁଟି ଗଭର୍ଣ୍ଣର ହାରୁନ୍ ରସିଦ୍ ଖାନ୍ ଓ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆର ଜେନେରାଲ ମ୍ୟାନେଜର ଏଚ୍.କେ.ଦାସ, ଡେପୁଟି ଜେନେରାଲ ମ୍ୟାନେଜର ହରଦିପ୍ ସିଂ ସିନ୍ଧୁ, ରିଜିଓନାଲ୍ ନିରଞ୍ଜନ ବାରିକ ଓ ଗାନ୍ଧୀ ପିସ୍ ଫାଉଣ୍ଡେସନ ଭୁବନେଶ୍ୱର ଭାଗର ଅଧକ୍ଷ ତଥା ବିରୁପାକ୍ଷ ତ୍ରିପାଠୀ ଅତିଥି ରୂପେ ଯୋଗଦେଇ ସେମାନଙ୍କର ମୂଲ୍ୟବାନ ବକ୍ତବ୍ୟ ଦେଇଥିଲେ। ଏହି ଉତ୍ସବରେ ପୂର୍ବରୁ ମହାତ୍ମାଗାନ୍ଧୀଙ୍କ ଜୀବନୀ ଓ ଆଦର୍ଶ ଉପରେ କରାଯାଇଥବା ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ରଚନା, ବକ୍ତୃତା ଓ କୁଇଜ୍ ପ୍ରତିଯୋଗୀତାରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ନଗଦ ରାଶି, ମାନପତ୍ର ତଥା ଫଳକ ପ୍ରଦାନ କରାଯାଇ ସମ୍ମାନୀତ କରାଯାଇଥିଲା। ଉକ୍ତ ଉତ୍ସବରେ ବିଜେବି ଫ୍ରେଣ୍ଡର ସଭାପତି ସଭାପତି ଦେବାଶିଷ ପଟ୍ଟନାୟକ ସଭାପତିତ୍ୱ କରି ସ୍ୱାଗତ ଭାଷଣ ଦେଇଥିବା ବେଳେ ଓ ସଂପାଦକ ସତ୍ୟବ୍ରତ ଧୂପାଳ ଧନ୍ୟବାଦ ଅର୍ପଣ କରିଥିଲେ।

ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ, ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ହାରୁନ୍ ରସିଦ୍ ଖାନ୍, କୃଷ୍ଣ ଚନ୍ଦ୍ର ପାତ୍ର, ରାଜକିଶୋର ଚୌଧୁରୀ, ଗଜେନ୍ଦ୍ର ବେହେରା, ଶ୍ୟାମସୁନ୍ଦର ପଟ୍ଟନାୟକ, କେଦାର ପଟ୍ଟନାୟକ ତଥା କଲେଜର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏ ଉତ୍ସବକୁ ଅଧ୍ୟାପିକା ଡକ୍ଟର ନମିତା ପଟ୍ଟନାୟକ ଓ ସଂପ୍ରିତି ପଣ୍ଡା ପରିଚାଳନା କରିଥିଲେ।

# ବୈଜୟନ୍ତଙ୍କ ଉଦ୍ୟମରେ ଫେରିଲା ମରଶରୀର

**ଭୁବନେଶ୍ୱର,୧୨।୧୦ (ମହାଭାରତ):** ବିଜେପି ରାଷ୍ଟ୍ରୀୟ ଉପସଭାପତି ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଉଦ୍ୟମରେ ଘାନାରେ ମୃତ ଓଡିଆ ଯୁବକ ପରମେଶ୍ୱର ନାୟକଙ୍କ ମରଶରୀର ଆଜି ତାଙ୍କ ଜନ୍ମମାଟିରେ ପହଞ୍ଚିଛି। ପରମେଶ୍ୱରଙ୍କ ମରଶରୀର ଭାରତ ଫେରାଇ ଆଣିବାପାଇଁ ଘାନାରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତଙ୍କୁ ଶ୍ରୀ ପଣ୍ଡା ଏକ ପତ୍ର ଲେଖି ନିବେଦନ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଥାନା ଅନ୍ତର୍ଗତ ବଡତଇଲା ଗ୍ରାମର ପୟୋଧର ନାୟକଙ୍କ ପୁଅ ପରମେଶ୍ୱର ନାୟକ ଘାନର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ସେଠାରେ ହୃଦଘାତ କାରଣରୁ ତାଙ୍କର ମୃତ୍ୟୁ ହୋଇଥବା କମ୍ପାନୀ କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ଜଣାଇଥିଲେ। ପରମେଶ୍ୱରଙ୍କ ପତ୍ନୀ ମରଶରୀରକୁ ଅନ୍ତିମ ସଂସ୍କାର ପାଇଁ ତାଙ୍କ ଗ୍ରାମକୁ ଫେରାଇ ଆଣିବା ପାଇଁ ଶ୍ରୀ ପଣ୍ଡାଙ୍କ ହସ୍ତକ୍ଷେପ ଲୋଡିଥିଲେ। ଅନୁରୋଧକ୍ରମେ ଶ୍ରୀ ପଣ୍ଡା ଭାରତୀୟ ରାଷ୍ଟ୍ରଦୂତଙ୍କୁ ଏକ ପତ୍ର ଲେଖି ମରଶରୀରକୁ ଭାରତ ଫେରାଇ ଆଣିବା ପାଇଁ ବ୍ୟବସ୍ଥା କରିବା ସହ ବକେୟା ପ୍ରାପ୍ୟ ଯୋଗାଇଦେବାକୁ ନିବେଦନ କରିଛନ୍ତି। ଆଜି ମରଶରୀର ଜନ୍ମମାଟିକୁ ଫେରିବା ପରେ ପୁରା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

# ଡିଜିଟାଲ ଟିକେଟିଂରେ ଅଗ୍ରଣୀ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ

**ଭୁବନେଶ୍ୱର,୧୨।୧୦ (ମହାଭାରତ):** ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଚଳିତ ଆର୍ଥିକ ବର୍ଷର ପ୍ରଥମ ଛଅ ମାସରେ ଡିଜିଟାଲ ଟିକେଟିଂରେ ଅପୂର୍ବ ବୃଦ୍ଧି ଦେଖିଛି । ଇ-ଟିକେଟିଂ, ଅଟୋମାଟିକ ଟିକେଟ୍ ଭେଣ୍ଡିଂ ମେସିନ୍ (ଏଟିଭିଏମ) ଓ ମୋବାଇଲ୍ ଆଧାରିତ ୟୁଟିଏସ (ଅଣସଂରକ୍ଷିତ) ଟିକେଟିଂ ରେ ଯାତ୍ରୀ ମାନଙ୍କ ଆସ୍ଥା ଓ ସୁବିଧା ଅଭୁତ ଭାବରେ ବଢ଼ିଛି । ଏହା ରେଳମଣ୍ଡଳରେ ଯାତ୍ରୀ ସେବାକୁ ଶୀଘ୍ର, ଧାଡି-ମୁକ୍ତ ଓ ପ୍ରଯୁକ୍ତିମୁଖୀ କରିଛି। ଏହି ସଂଖ୍ୟାଗୁଡ଼ିକ ଯାତ୍ରୀମାନଙ୍କ ମଧ୍ୟରେ ଡିଜିଟାଲ୍ ଗ୍ରହଣରେ ଏକ ଦୃଢ଼ ଏବଂ ସ୍ଥିର ବୃଦ୍ଧିକୁ ପ୍ରତିଫଳିତ କରୁଛି, ଯାହା ବ୍ୟକ୍ତିଗତ ଭାବେ ବୁକିଂ କାଉଣ୍ଟର ଉପରେ ନିର୍ଭରଶୀଳତା ହ୍ରାସ କରୁଛି ଏବଂ ସୁବିଧା ବୃଦ୍ଧି କରୁଛି ।



ଯାତ୍ରୀ ଟିକେଟ୍ କ୍ରୟ କ୍ଷେତ୍ରରେ ଡିଜିଟାଲ୍ ଟିକେଟିଂ ପ୍ରତି ଯାତ୍ରୀମାନଙ୍କ ଆକର୍ଷଣ ଦିନକୁ ଦିନ ବଢୁଛି । ସମଗ୍ର ୟୁଟିଏସ୍ ଟିକେଟ୍ ରେ ୭.୮% ବୃଦ୍ଧି ହୋଇଛି, ଯାହା ଡିଜିଟାଲ୍ ପଦ୍ଧତି ମାଧ୍ୟମରେ ଟିକେଟ୍ କ୍ରୟ ପ୍ରତି ଯାତ୍ରୀମାନଙ୍କ ସଚେତନତା ଓ ଆସ୍ଥାର ସ୍ପଷ୍ଟ ପରିଚୟ । ଏହି ବୃଦ୍ଧି ମଧ୍ୟରୁ ଏଟିଭିଏମ୍ ଦ୍ୱାରା ଟିକେଟ୍ ବିକ୍ରୟ ପୂର୍ବବର୍ଷ ତୁଳନାରେ ୩୪.୮% ବଢ଼ିଛି ଏବଂ ମୋବାଇଲ୍ ଟିକେଟିଂ ମାଧ୍ୟମରେ ୮୫% ବୃଦ୍ଧି ହୋଇଛି । ଏହା ଦର୍ଶାଉଛି ଯେ ଯାତ୍ରୀମାନେ ଆସ୍ତେ ଆସ୍ତେ ଡିଜିଟାଲ୍ ମାଧ୍ୟମରେ ଟିକେଟ୍ କ୍ରୟ କରିବାକୁ ଅଧିକ ପସନ୍ଦ କରୁଛନ୍ତି, ଯାହା ରେଳ ଯାତ୍ରାକୁ ଅଧିକ ସହଜ ଓ ସୁବିଧାଜନକ କରୁଛି। ଯେକୌଣସି ସ୍ଥାନରୁ ମୋବାଇଲ ଟିକେଟ୍ ବୁକିଂ କରିବାର ସୁବିଧା, ଡିଜିଟାଲ୍ ପେମେଂଟ ମୋଡ୍ ଗୁଡିକ (ଯେପରି ଟଚଓ, କାର୍ଡ, ନେଟ୍ ବ୍ୟାଙ୍କିଂ) ସହ ଏକୀକୃତ ପ୍ରଣାଳୀ ଏବଂ ସଠିକ ସମୟ ଟିକେଟ୍ ଉପଲବ୍ଧତା ଏହାର ବ୍ୟବହାରକୁ ଦ୍ରୁତ ଭାବେ ବୃଦ୍ଧି କରିଛି ।

ଇ-ଟିକେଟିଂ, ଏଟିଭିଏମ୍ ଏବଂ ୟୁଟିଏସ୍ ମୋବାଇଲ୍ ଟିକେଟିଂ ପ୍ରଣାଳୀ ଯୋଗୁଁ ବୁକିଂ କାଉଂଟରଗୁଡ଼ିକରେ ଲମ୍ବା ଧାଡିକୁ ଦୂର କରିବାରେ ସଫଳତା ମିଳିଛି, ବିଶେଷକରି ଯାତ୍ରା ଭିଡ଼ ସମୟରେ। ସୁବିଧା ଓ ପହଞ୍ଚ: ଯାତ୍ରୀମାନେ ବିଭିନ୍ନ ଡିଜିଟାଲ୍ ପେମେଂଟ ବିକଳ୍ପ ବ୍ୟବହାର କରି ଯେକୌଣସି ସମୟରେ ଏବଂ ଯେକେଉଁସି ସ୍ଥାନରୁ ଟିକେଟ୍ ବୁକିଂ କରିପାରୁଛନ୍ତି । ଡିଜିଟାଲ୍ ପ୍ଲାଟଫର୍ମଗୁଡିକ ମାଧ୍ୟମରେ କେବଳ କିଛି ମିନିଟ୍ ରେ ଟିକେଟିଂ ସମ୍ପନ୍ନ ହୋଇଯାଏ, ଯାହା ଯାତ୍ରୀମାନଙ୍କ ମୂଲ୍ୟବାନ ସମୟ ସଞ୍ଚୟ କରୁଛି। ଏହି ଅର୍ଦ୍ଧବାର୍ଷିକ ଆକାଂକ୍ଷାଜନକ ତଥ୍ୟ ଯାତ୍ରୀମାନଙ୍କ ଡିଜିଟାଲ ଟିକେଟିଂ ପ୍ରତି ବିଶ୍ୱାସ ଓ ଆସ୍ଥାକୁ ପ୍ରକାଶ କରୁଛି।

# ଉନ୍ନୟନ କମିଶନରଙ୍କ ଆକାଂକ୍ଷୀ ଜିଲ୍ଲା ଓ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ସମୀକ୍ଷା

**ଭୁବନେଶ୍ୱର,୧୨।୧୦ (ମହାଭାରତ):** ଉନ୍ନୟନ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ( ଏଡିପି ) ଏବଂ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ (ଏବିପି ) ର କାର୍ଯ୍ୟକାରିତା ସଂପର୍କରେ ଶୁକ୍ରବାର ଏକ ବିସ୍ତୃତ ସମୀକ୍ଷା କରିଥିଲେ । ଏହି ସଭାରେ କେନ୍ଦ୍ରୀୟ ପ୍ରଭାରୀ ଅଧିକାରୀବୃନ୍ଦ, ରାଜ୍ୟ ସରକାରଙ୍କ ତରଫରୁ ବିଭିନ୍ନ ଜିଲ୍ଲାପାଇଁ ନିୟୋଜିତ ବରିଷ୍ଠ ଅଧିକାରୀ, ଚିହ୍ନଟ ହୋଇଥିବା ୧୬ ଜିଲ୍ଲା ଓ ୪୦ ବ୍ଲକରୁ ଜିଲ୍ଲାପାଳ ଏବଂ ସଂପୃକ୍ତ ବିଭିନ୍ନ ବିଭାଗର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ବୈଠକରେ ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ଟି. ଆଓ ସଂଯୋଜନା କରିଥିଲେ । ସମୀକ୍ଷାରେ ଆକାଂକ୍ଷୀ ଜିଲ୍ଲା ଓ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମରେ ପ୍ରମୁଖ ବିଷୟ ଏବଂ ସୂଚକାଙ୍କରେ ପ୍ରଗତି, ପ୍ରକଳ୍ପଗୁଡିକର ସ୍ଥିତି ଏବଂ କର୍ପୋରେଟ୍ ସାମାଜିକ ଉତ୍ତରଦାୟିତ୍ୱ ( ସିଏସଆର) ସମର୍ଥିତ ପଦକ୍ଷେପରେ କାର୍ଯ୍ୟକାରୀ ହେଉଥିବା



ପ୍ରକଳ୍ପଗୁଡିକ ସଂପର୍କରେ ଗୁରୁତ୍ୱ ଦିଆଯାଇଥିଲା । ଉନ୍ନୟନ କମିଶନର ଶ୍ରୀମତୀ ଗର୍ଗ ଜିଲ୍ଲା ଓ ବ୍ଲକ୍ ଅଂଚଳରେ ସାମଗ୍ରିକ ଉନ୍ନତିମୂଳକ ଫଳାଫଳ ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ବିଭାଗୀୟ ଯୋଜନାର ସୁସମନ୍ୱୟ, ସମୟୋଚିତ ପ୍ରକଳ୍ପ କାର୍ଯ୍ୟାନୁଷ୍ଠାନ ଏବଂ ସୁଦୃଢ ତଦାରଖ ଉପରେ ଗୁରୁତ୍ୱ ଦେଇଥିଲେ । ସେ ଆକାଂକ୍ଷୀ ଜିଲ୍ଲା ଓ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମଗୁଡ଼ିକର କାର୍ଯ୍ୟକାରିତାରେ ନୀତି ଆୟୋଗ, କେନ୍ଦ୍ରୀୟ ପ୍ରଭାରୀ ଅଧିକାରୀ, ରାଜ୍ୟ ନୋଡାଲ ଅଧିକାରୀ ଓ ଜିଲ୍ଲା ପ୍ରଶାସନର ସମ୍ମିଳିତ ପ୍ରୟାସକୁ ପ୍ରଶଂସା କରିଥିଲେ ଏବଂ ଏହାର କାର୍ଯ୍ୟାନ୍ୱୟନରେ ରହୁଥିବା ସମସ୍ୟାକୁ ସମାଧାନ କରିବାକୁ ସ୍ୱତପ୍ରବୃତ ଭାବେ ପଦକ୍ଷେପ ନିଆଯିବା ସହ କାର୍ଯ୍ୟକ୍ରମ ଲକ୍ଷ୍ୟ ସାଧନ ପାଇଁ ସମନ୍ୱିତ ପ୍ରୟାସ ଏବଂ ଗତିଶୀଳତା ଜାରି ରଖିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।

# ମୃତ କନଷ୍ଟେବଲଙ୍କ ପରିବାରକୁ ବୀମା ରାଶି ପ୍ରଦାନ

**ଭୁବନେଶ୍ୱର,୧୨।୧୦ (ମହାଭାରତ):** ଦୁର୍ଘଟଣାରେ ଶିକାର ହୋଇ ମୃତ୍ୟବରଣ କରିଥିବା କନଷ୍ଟେବଲ ଲବଣି ଗାଂଟାଙ୍କ ପରିବାରବର୍ଗଙ୍କୁ ଗୁରୁବାର ରାଜ୍ୟ ପୋଲିସ ମୁଖ୍ୟାଳୟ ଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଭେଟି ସମବେଦନା ଜଣାଇବା ସହ ଭାରତୀୟ ଷ୍ଟେଟ ବ୍ୟାଙ୍କ ତରଫରୁ ଦିଆ ଯାଇଥିବା ୧ କୋଟି ଟଙ୍କାର ଦୁର୍ଘଟଣା ଜନିତ ମୃତ୍ୟୁ ବୀମା ରାଶିର ଚେକ ପ୍ରଦାନ କରିଛନ୍ତି। ଏହି ଅବସରରେ ସ୍ୱଳ୍ପ ସମୟ ମଧ୍ୟରେ ବୀମା ରାଶି ପ୍ରଦାନ କରିବାରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ସମସ୍ତ ଅଧିକାରୀଙ୍କୁ ଡିଜିପି ସାଧୁବାଦ ଜଣାଇଥିଲେ। ମୃତ ଲବଣି ରାୟଗଡା ଜିଲ୍ଲା ରିଜର୍ଭ କାର୍ଯ୍ୟାଳୟ ଠାରେ କନଷ୍ଟେବଲ ଭାବେ ଚାକିରୀ କରୁଥିଲେ। ଗତ ଜୁଲାଇ ୫ ତାରିଖରେ ଥେରୁବାଲି ନିକଟରେ ନିଜ କର୍ତବ୍ୟ ସମ୍ପାଦନ କରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁ ବରଣ କରିଥିଲେ। ଆଜି ତାଙ୍କ ପିତା ବୃନ୍ଦାବନ ଗାଂଟା ଡିଜିପିଙ୍କ ଠାରୁ ଚେକ ଗ୍ରହଣ କରିଥିଲେ। ଏହି ଅବସରରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ପ୍ରତୀକ ମହାନ୍ତି, ଏସବିଆଇ, ଏ. ଡି. ରତ୍ନାତେଜା, ଏସବିଆଇ, କୌଶଲ କିଶୋର ସିଂ, ଏସବିଆଇ, ଆଶିଷ କୁମାର ମିଶ୍ର, ଏସବିଆଇ, ଉତ୍ତର କୁମାର ପଟେଲ, ଏସବିଆଇ, ନଗେନ୍ଦ୍ର ସାହୁ, ଏସବିଆଇ, ମନୋଜ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଉପନିର୍ବାଚନରେ ଶକ୍ତି ପ୍ରଦର୍ଶନ

୨୦୨୪ ସାଧାରଣ ନିର୍ବାଚନ ପରେ ଏହା ହେବ ରାଜ୍ୟରେ ପ୍ରଥମ ଶକ୍ତି ପରୀକ୍ଷା ସୁଯୋଗ। ଯଦିଓ ନୂଆପଡ଼ା ବିଜୁ ଜନତା ଦଳର ଏକ ଗଡ଼ ଭାବେ ପରିଚିତ, କିନ୍ତୁ ଏଥର ଉପନିର୍ବାଚନରେ ବିଜେଡିର ବିଜୟ ସୁନିଶ୍ଚିତ ବୋଲି କୁହାଯାଇପାରିବ ନାହିଁ। କାରଣ ନୂଆପଡ଼ାରେ ବିଜେପିର ସଙ୍ଗଠନ ମଧ୍ୟ ମଜବୁତ। ଗତ ଥର ଏଠାରେ ବିଜେଡି-ବିଜେପି କଡ଼ା ମୁକାବିଲା ହୋଇଥିଲା। କଂଗ୍ରେସ ବହୁ ଦୂରରେ ଥିଲା। କିନ୍ତୁ ଏଥର ଉପନିର୍ବାଚନରେ କଂଗ୍ରେସ ନିଜ ସ୍ଥିତି ସୁଧାରିବାକୁ ଲକ୍ଷ୍ୟ ରଖିଛି ଏବଂ ଏଥିରେ ବିସ୍ମିତ ହେବାର କିଛି ନାହିଁ। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କର ସଂସଦୀୟ କ୍ଷେତ୍ରରେ ନୂଆପଡ଼ା ଯାଉଛି। ଅବିଭକ୍ତ କଳାହାଣ୍ଡି ଜିଲ୍ଲାରେ ତାଙ୍କର ଭଲ ରାଜନୈତିକ ପ୍ରଭାବ ରହିଛି। ଏବେ ବିଜେଡିର ଦୁର୍ବଳତା ସୁଯୋଗ ନେଇ କଂଗ୍ରେସ ନିଜ ସ୍ଥିତି ସୁଦୃଢ଼ କରିବା ପ୍ରୟାସରେ ଅଛି। ନୂଆପଡ଼ାରେ କଂଗ୍ରେସର ବିଜୟ ସମ୍ଭାବନା ଶୂନ କହିଲେ ଭୁଲ ହେବ ନାହିଁ। କିନ୍ତୁ ଯଦି କଂଗ୍ରେସ ଏଠାରେ ନିଜ ଭୋଟ ପ୍ରତିଶତ ବୃଦ୍ଧି କରିପାରିବ, ତେବେ ଏହା ବଡ଼ ସଫଳତା ହେବ। ଓଡ଼ିଶାରେ ସାଧାରଣତଃ ଉପନିର୍ବାଚନ ଫଳାଫଳ ଶାସକ ଦଳ ବା ପରଲୋକ ଗମନ କରିଥିବା ନେତାଙ୍କ ଦଳ ସପକ୍ଷରେ ଯାଇଥାଏ। ପରଲୋକଗତ ବିଧାୟକଙ୍କ ପରିବାରର କେହି ସଦସ୍ୟ ଉପନିର୍ବାଚନରେ ପ୍ରାର୍ଥୀ ହେଲେ ତାଙ୍କ ସପକ୍ଷରେ ଅନୁକମ୍ପା ହାଓ୍ବା ସୃଷ୍ଟି ହୋଇଥାଏ। ତେଣୁ ବିଜେଡି ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପରିବାର କାହାରିକୁ ଦଳୀୟ ପ୍ରାର୍ଥୀ କରିବାକୁ ଯୋଜନା କରୁଛି। କାରଣ ଅନୁକମ୍ପା ଭୋଟକୁ ପାଥେୟ କରି ବିଜେଡି ଅତୀତରେ ସବୁବେଳେ ଉପନିର୍ବାଚନରେ ବାଜିମାତ କରି ଆସିଛି। ଅନ୍ୟ ଦଳର ବିଧାୟକ ପରଲୋକ ଗମନ କଲେ ବି ବିଜେଡି ତାଙ୍କ ପରିବାରକୁ ଆପଣାଇ ନେଇଥାଏ। ସୁବଳ ସାହୁଙ୍କ ବିୟୋଗ ପରେ ତାଙ୍କ ବିଧବା ପତ୍ନୀ ରୀତା ସାହୁଙ୍କୁ ବିଜେଡି ନିଜ ଦଳର ପ୍ରାଥୀ କରି ଉପନିର୍ବାଚନରେ ବାଜିମାତ କରିଥିଲା। ଏଭଳି ଅନେକ ଉଦାହରଣ ମିଳିବ। ଏଥର ମଧ୍ୟ ବିଜେଡି ନୂଆପଡ଼ା ଉପନିର୍ବାଚନରେ ଢୋଲକିଆ ପରିବାରର କାହାରିକୁ ପ୍ରାର୍ଥୀ କରିବ ବୋଲି ସୂଚନା ମିଳିଛି। କିନ୍ତୁ କୌତୁହଳର ବିଷୟ ହେଲା ଢୋଲକିଆ ପରିବାର ଏବେ କୁଆଡ଼େ ବିଜେପି ଆଡ଼କୁ ଢଳୁଥିବା ସୂଚନା ମିଳିଛି। ଯଦି ଏହା ହେବ ତେବେ ବିଜେଡି ପାଇଁ ଏହା ବଡ଼ ବିପର୍ଯ୍ୟୟ ହେବ। ଅତୀତରେ ବିଜେଡି ଯେଉଁ ଅସ୍ତ୍ର ବ୍ୟବହାର କରୁଥିଲା, ଏବେ ତାହା ବୁମେରାଂ ହୋଇ ଫେରିବ। ଯଦି ଢୋଲକିଆ ପରିବାର ବିଜେପି ଶିବିରକୁ ଯାଆନ୍ତି ତେବେ ନୂଆପଡ଼ା ଉପନିର୍ବାଚନରେ ବିଜେଡିର ପରାଜୟ ସୁନିଶ୍ଚିତ। ଯଦି ଢୋଲକିଆ ପରିବାର ବିଜେଡିରେ ରହି ଉପନିର୍ବାଚନରେ ପ୍ରାର୍ଥୀ ହୁଅନ୍ତି ତେବେ ବିଜେପି ପାଇଁ ଉପନିର୍ବାଚନ ଜିତିବା କଷ୍ଟକର ହୋଇପାରେ, କିନ୍ତୁ ଅସମ୍ଭବ ନୁହେଁ। ଏହି ଉପନିର୍ବାଚନ ହେବ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପାଇଁ ପ୍ରଥମ ପରୀକ୍ଷଣ। ତାଙ୍କ ଭବିଷ୍ୟତ ପାଇଁ ନୂଆପଡ଼ା ଉପନିର୍ବାଚନ ଫଳାଫଳର ଗୁରୁତ୍ୱ ରହିଛି। ତେଣୁ କଳେ ବଳେ କୌଶଳେ ନୂଆପଡ଼ାକୁ ହାତେଇବାକୁ ସେ ପ୍ରାଣମୂର୍ଚ୍ଛା ଉଦ୍ୟମ କରିବେ ଏଥିରେ ସନ୍ଦେହ ନାହିଁ। ଯଦିଓ ଏହି ଉପନିର୍ବାଚନ ରାଜ୍ୟରେ ବିଜେପି ସରକାରର ସଫଳତା ବା ବିଫଳତା ଉପରେ ଜନମତ ସଂଗ୍ରହ ବୋଲି କୁହାଯାଇପାରିବ ନାହିଁ।

## ଫୋନରେ ଅଭ୍ୟାସଗତ ବ୍ୟସ୍ତତା : 'ଫବିଙ୍ଗ'

॥ ଗୋପବନ୍ଧୁ ॥


*ଆଜିର ବ୍ୟସ୍ତ ବହୁଳ ସମୟରେ ଦେଖନ୍ତୁ ଜଣେ ନିଜକୁ ଚାହିଁଲେ ବି ସହଜରେ ମୋବାଇଲର ଏହି ତଥାକଥିତ ଫବିଙ୍ଗ ମାନସିକତାରୁ ନିଜକୁ ଦୂରେଇ ପାରୁନାହିଁ। ଏହା ନିଶ୍ଚିନ୍ତ ଭାବରେ ଏକ ପ୍ରକାର ଅହେତୁକ ବିକୃତି। ଭଗବାନଙ୍କ ପ୍ରଦତ୍ତ ସୃଷ୍ଟିରେ ଆମ ସମସ୍ତଙ୍କୁ ନିଜ ନିଜ ରୁଟିନ ବନ୍ଧା ଦୈନନ୍ଦିନ ଜୀବନ ଭିତରେ ବିଭିନ୍ନ କାର୍ଯ୍ୟ କରିବାକୁ ପଡ଼ିଥାଏ। ଖାଇବା, ଶୋଇବା, ଅବସର ବିନୋଦନ, ନିଜ ବ୍ୟକ୍ତିଗତ କାର୍ଯ୍ୟ, ନିଜ କର୍ମ ସଂସ୍ଥାନର ଦାୟିତ୍ୱ, ପାରିବାରିକ ଦାୟିତ୍ୱ ସହ ଅନ୍ୟାନ୍ୟ ଆନୁସଙ୍ଗିକ ଜୀବନର କର୍ତ୍ତବ୍ୟବୋଧ ମଧ୍ୟ ରହିଛି।*


ଆଜିକାଲି ଏକ ପ୍ରକାର ଦୁନିଆ ତ ସହଯେ ମୋବାଇଲକୁ ନେଇ ଯେତିକ ଆଲୋଚନା ରଖୁଛି ତାଠାରୁ ଆଉ ଏକ ଆଶ୍ଚର୍ଯ୍ୟଜନକ ଘଟଣା ହେଉଛି ଆପଣମାନଙ୍କ ଆଖି ସାମ୍ନାରେ ବସିଥିବା ଲୋକଟି ଯଦି କଥାବାର୍ତ୍ତା ହେଉଥିବା ସମୟରେ ମଧ ମୋବାଇଲକୁ ନେଇ ଅନ୍ୟମନସ୍କ ହେଉଥିବା। କେବଳ ସେତିକି ନୁହେଁ ଖାଇବା ପିଇବା ହେଉ ବା ଦୈନନ୍ଦିନ ରୁଟିନ କାର୍ଯ୍ୟ ଏହି ସମୟରେ ଜଣେ ନିର୍ଦ୍ଦିଷ୍ଟ କାର୍ଯ୍ୟପ୍ରତି ଧ୍ୟାନ ନଦେଇ ଫୋନରେ ବ୍ୟସ୍ତ ରହିବାକୁ ବାସ୍ତବରେ ଫବିଙ୍ଗ ସମସ୍ୟା କୁହାଯାଏ। ନିକଟରେ ଜର୍ଜିଆ ବିଶ୍ୱବିଦ୍ୟାଳୟରେ ଏ ସମ୍ପର୍କରେ କରାଯାଇଥିବା ଗବେଷଣାରୁ ପ୍ରକାଶ ଯେ ଫବିଙ୍ଗ ପରି ବ୍ୟବହାର ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିବା ସହ ଅବସାଦ ଏବଂ ଉଦ୍‌ବିଗ୍ନତା ପରି ଅସୁସ୍ଥତାର କାରଣ ହୋଇପାରେ। ଏହି ରିପୋର୍ଟ 'ବିହେଭିୟର ଆଣ୍ଡ ଇନ୍‌ଫର୍ମେସନ ଟେକ୍‌ନୋଲୋଜି'ରେ ପ୍ରକାଶ କରାଯାଇଛି। ଏହା ସତ୍ୟ ଯେ ସ୍ମାର୍ଟଫୋନ ଗୁଡ଼ିକ ମଣିଷକୁ ଗୋଟିଏ ସମୟରେ ଏକାଧିକ କାର୍ଯ୍ୟ କରିପାରିବାରେ ସହାୟକ ହେଉଛନ୍ତି, ତେବେ ଏହା ସାମାଜିକ ଜୀବନ ପ୍ରତି କ୍ଷତିକାରକ ପ୍ରମାଣିତ ହୋଇଚାଲିଛି। ମଣିଷକୁ ଆଡ଼େଇ ଫୋନରେ ନିଜକୁ ବ୍ୟସ୍ତ ରଖିବା ଉଭୟ ସାମାଜିକ ଏବଂ ମାନସିକ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଜାଣି ସୁଦ୍ଧା ଅନେକେ ଏପରି ବ୍ୟବହାର ପ୍ରଦର୍ଶନ କରିବା ଦୁର୍ଭାଗ୍ୟଜନକ ବୋଲି ଗବେଷକମାନେ କହୁଛନ୍ତି। ସାଇନ୍ସ ଡାଇରେକ୍ଟ ପତ୍ରିକାରେ ପ୍ରକାଶିତ ରିପୋର୍ଟ ଅନୁସାରେ, ଫବିଙ୍ଗ ଲୋକମାନଙ୍କର ମୁହାଁମୁହିଁ କଥାବାର୍ତ୍ତା ବା ସାକ୍ଷାତ ଆଲୋଚନାର ଦକ୍ଷତା କମାଇ ଦିଏ। ଏହା ମଧ ପାରିବାରିକ ବିଶେଷକରି ବୈବାହିକ ଜୀବନ ଉପରେ ନକାରାତ୍ମକ ପ୍ରଭାବ ପକାଏ। କାରଣ ପାରିବାରିକ ଜୀବନ ସୁଖଦୁଃଖ, ଭଲମନ୍ଦ ଓ ଦୈନନ୍ଦିନ ଘଟଣା ପ୍ରବାହକୁ ନେଇ କିଛି ସମୟ ଯାହା ବିତେଇବା କଥା ତାହା ଏହି ଫବିଙ୍ଗ ପାଇଁ ହିଁ ଏକ ପ୍ରକାର ନଷ୍ଟ ହୋଇଯାଏ। ଏହା ମଧ ଏକ ଆଶ୍ଚର୍ଯ୍ୟକର ଘଟଣା ଯେ ନିତିଦିନ ଜୀବନରେ ମଣିଷ ନିଜ ଲୋକମାନଙ୍କ ପାଇଁ ଆଉ ସମୟ କାଢ଼ି ପାରୁନାହିଁ। ସୂଚନା ପ୍ରଯୁକ୍ତିର ଅତ୍ୟାଧୁନିକ ମୋବାଇଲ ଯେ ସେମାନଙ୍କ ଜୀବନକୁ କେତେ ଦୁର୍ବିସହ କରିଦେଉଛି ଏହା ସବୁଠାରୁ ବଡ଼ ପ୍ରମାଣ। ଆମ୍ଭେମାନେ ଜାଣୁଛେ ଯେ କଥାବାର୍ତ୍ତା ହେବା ଯାହା ମୋବାଇଲରେ କଥାବାର୍ତ୍ତା ହେବା ତାହାନୁହେଁ ବା ଆଜିର ସମୟର ହ୍ୱାଟସପ୍ ଚାଟିଂ ବି ସେୟା ନୁହେଁ ତାହା ସତ୍ତ୍ୱେ ଦୈନନ୍ଦିନ ଜୀବନରେ ଆମ ମାନଙ୍କ ସମୟ ଏହିପରି ଭାବେ କମି କମି ଯାଉଛି ନିଜ ଲୋକମାନଙ୍କ ପାଇଁ ଏବଂ ଆଖପାଖର ଓ ପରିଚିତ ମଣିଷମାନଙ୍କ ପାଇଁ।

ସାଧାରଣରେ ଆମେ ଆଲୋଚନା କରୁଥିବା ଏହି ଫବିଙ୍ଗ ବାସ୍ତବିକ ବର୍ତ୍ତମାନ ସମୟ ପାଇଁ ଏକ ଅତ୍ୟନ୍ତ ମନସ୍ତାତ୍ତ୍ୱିକ ଘାତକ ସମସ୍ୟା। ଏକ ଅଷ୍ଟ୍ରେଲୀୟ ବିଜ୍ଞାପନ ସଂସ୍ଥା ଫୋନ ଏବଂ ସ୍ନବିଙ୍ଗ ଦୁଇଟି ଶବ୍ଦକୁ ମିଶାଇ ଫବିଙ୍ଗ ଶବ୍ଦ ଆଣିବା ପରେ ୨୦୧୨ରୁ ଏହାର ନକାରାତ୍ମକ ପ୍ରଭାବ ଚର୍ଚ୍ଚାକୁ ଆସିଥିଲା। କିଛିଦିନ ତଳେ ବିଶ୍ୱର ଏକ ସ୍ୱାସ୍ଥ୍ୟ ଜର୍ଣ୍ଣାଲ ଏକ ବିଶେଷ ରିପୋର୍ଟ ପ୍ରକାଶ କରିଥିଲେ। ନିଜର ବିଶେଷ ଅନୁଭୂତି ପରେ କେଣ୍ଟ ବିଶ୍ୱବିଦ୍ୟାଳୟର ଗବେଷକ ବରୋଥ ଶୋତ୍‌ପିତାୟସୁନୋନ୍ଧ ଫବିଙ୍ଗ ସମ୍ପର୍କରେ ଗବେଷଣା କରିଥିଲେ। ସେ ଜାଣିବାକୁ ପାଇଲେ ଯେ ଏହା ଫୋନ ବ୍ୟବହାରକାରୀଙ୍କ ମାନସିକ ସ୍ଥିତି ଏବଂ ସାମାଜିକ ସମ୍ପର୍କ ଉଭୟ ଉପରେ ଯଥେଷ୍ଟ ନକାରାତ୍ମକ ପ୍ରଭାବ ପକାଉଛି। ନିଜ ଅନୁଭୂତିରୁ ବରୋଥ କହନ୍ତି ବହୁତ ଦିନ ପରେ ଏକ ଲମ୍ବା ଛୁଟି ମିଳିବାରୁ ସେ ସ୍କୁଲ ବେଳର ସାଙ୍ଗମାନଙ୍କ ସହ ଥାଇଲାଣ୍ଡର ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଅଞ୍ଚଳ ବୁଲିବାକୁ ବାହାରିଲେ। ଗତ ୧୦ ବର୍ଷ ହେବ ସାଙ୍ଗମାନେ କେହି କାହାକୁ ଭେଟି ନଥିଲେ। ଏହି ଭ୍ରମଣକୁ ନେଇ ବେଶ ଉତ୍ସାହିତ ଥିଲେ ବରୋଥ। ତେବେ ତିନିଦିନ ଏବଂ ଦୁଇରାତିର ଏହି କାର୍ଯ୍ୟକ୍ରମ ବରୋଥଙ୍କୁ ଖୁବ ନିରାଶ କରିଥିଲା। ତାଙ୍କ ସାଙ୍ଗମାନେ ପରସ୍ପର ସହ ଥାଇ ବି ନଥିବା ପରି ଥିଲେ। ସମସ୍ତଙ୍କ ଆଖି ସେମାନଙ୍କ ସ୍ମାର୍ଟଫୋନରେ ଲାଖି ରହିଥିଲା। ଫେରିବା ପରେ ବରୋଥଙ୍କ ମନରେ ଗୋଟିଏ ପ୍ରଶ୍ନ ରହିଥିଲା। ଯଦି ବିଶ୍ୱର ଅଧିକାଂଶ ମଣିଷ ଏପରି ବ୍ୟବହାର ପ୍ରଦର୍ଶନ କରନ୍ତି ଏହାପରେ ସେ ମଣିଷର ଏଭଳି ମାନସିକତାକୁ ନେଇ ଗବେଷଣା ଆରମ୍ଭ କରିଥିଲେ। ଏଥିରେ ସେ ଜାଣିଥିଲେ ଯେ ଏହି ଫବିଙ୍ଗ ନାମକ ବ୍ୟବହାର ଦ୍ୱାରା ସାମ୍ନାରେ ଆଲୋଚନା ପାଇଁ ବସିଥିବା ବ୍ୟକ୍ତିଜଣକ କମ ସନ୍ତୁଷ୍ଟ ହୋଇଥାନ୍ତି। ସେ ଯାହା ସହିତ କଥା ହେବାକୁ ଆସିଥାନ୍ତି, ତାଙ୍କ ଉପରେ ତାଙ୍କର ବିଶ୍ୱାସ କମିଯାଏ। ଏପରିକି ଉକ୍ତ ବ୍ୟକ୍ତିଙ୍କ ମନରେ ନୈରାଶ୍ୟ ଆସିପାରେ। ଫବିଙ୍ଗ ପରିବେଶ ଏବଂ ସମ୍ପର୍କରେ ନକାରାତ୍ମକତା ବଢ଼ାଇ ଦିଏ। ଥାଇଲାଣ୍ଡ, ଏସୀୟ ତଥା ୟୁରୋପୀୟ ଦେଶର ମୋବାଇଲ ବ୍ୟବହାରକାରୀଙ୍କ ଆଚରଣରେ ଯଥେଷ୍ଟ ପାର୍ଥକ୍ୟ ଥିବା ବରୋଥ ଜଣାଇଛନ୍ତି। ଥାଇଲାଣ୍ଡରେ ଲୋକେ ଦିନକୁ ପ୍ରାୟ ପାଞ୍ଚଘଣ୍ଟା ମୋବାଇଲ ଫୋନରେ ଲାଗିଥିବା ବେଳେ ଇଂଲଣ୍ଡରେ ଏହି ସମୟ ଅଢ଼େଇ ଘଣ୍ଟା।

ଆଜିର ବ୍ୟସ୍ତ ବହୁଳ ସମୟରେ ଦେଖନ୍ତୁ ଜଣେ ନିଜକୁ ଚାହିଁଲେ ବି ସହଜରେ ମୋବାଇଲର ଏହି ତଥାକଥିତ ଫବିଙ୍ଗ ମାନସିକତାରୁ ନିଜକୁ ଦୂରେଇ ପାରୁନାହିଁ। ଏହା ନିଶ୍ଚିନ୍ତ ଭାବରେ ଏକ ପ୍ରକାର ଅହେତୁକ ବିକୃତି। ଭଗବାନଙ୍କ ପ୍ରଦତ୍ତ ସୃଷ୍ଟିରେ ଆମ ସମସ୍ତଙ୍କୁ ନିଜ ନିଜ ରୁଟିନ ବନ୍ଧା ଦୈନନ୍ଦିନ ଜୀବନ ଭିତରେ ବିଭିନ୍ନ କାର୍ଯ୍ୟ କରିବାକୁ ପଡ଼ିଥାଏ। ଖାଇବା, ଶୋଇବା, ଅବସର ବିନୋଦନ, ନିଜ ବ୍ୟକ୍ତିଗତ କାର୍ଯ୍ୟ, ନିଜ କର୍ମ ସଂସ୍ଥାନର ଦାୟିତ୍ୱ, ପାରିବାରିକ ଦାୟିତ୍ୱ ସହ ଅନ୍ୟାନ୍ୟ ଆନୁସଙ୍ଗିକ ଜୀବନର କର୍ତ୍ତବ୍ୟବୋଧ ମଧ୍ୟ ରହିଛି। କିନ୍ତୁ ସମସ୍ତେ ଏହାକୁ ପାଳନ କରିପାରୁନାହାଁନ୍ତି। ଏହା ଦିନକୁ ଦିନ ଏପରି ଜଟିଳ ଆଡ଼କୁ ଜଣକୁ ମୁହାଁଉଛି ଯେ ପରବର୍ତ୍ତୀ ସମୟରେ ଏହା ତାର ସ୍ୱାସ୍ଥ୍ୟଗତ ଜୀବନ, ବ୍ୟକ୍ତିଗତ ଜୀବନ ଓ ଦାମ୍ପତ୍ୟ ଜୀବନକୁ ମଧ ପ୍ରଭାବିତ କରୁଛି। ଏହା ଜାଣିମଧ ଅଜଣା ଭାବେ ନିଜର କେତେ ଯେ ମାରାତ୍ମକ ଭୁଲ ଆମେ କରୁଛେ ତାହା ଜାଣିବା ତ ସହଜ ନୁହଁ। ଅନେକ ବିଭିନ୍ନ ବାହାନା ମଧ କରନ୍ତି କିନ୍ତୁ ଏହି ଘଣ୍ଟା ଘଣ୍ଟା ଧରି ଫବିଙ୍ଗର ବିକୃତ ଜୀବନ ଜଣକୁ ନୈରାଶ୍ୟ ଓ ଅବସାଦ ଭିତରକୁ ଠେଲି ଦେଇଥାଏ ସେମାନେ ଆଖପାଖର ଦୁନିଆକୁ ଭଲଭାବେ ବୁଝିପାରି ନଥାନ୍ତି ଆଉ ଅନେକଙ୍କ ବୁଝିଲାବେଳକୁ ନେଡିଗୁଡ଼ କହୁଣୀକୁ ବୋହିଯାଏ। ଘଣ୍ଟା ଘଣ୍ଟା ଧରି ମୋବାଇଲ ଦେଖିବା ଦ୍ୱାରା ପ୍ରଥମତଃ ଆଖି ଉପରେ ଚାପ ପଡ଼ିଥାଏ, ଦ୍ୱିତୀୟତଃ ସ୍ୱାଭାବିକ ଜୀବନ ଉପରେ ଏହା କିପରି ପ୍ରଭାବ ପକାଇଥାଏ ତାହା ଜଣେ ସହଜରେ ବୁଝିପାରିନଥାଏ। ଅନ୍ୟ ଜଣେ ବୁଝାଇଲେ ଏହା ସେମାନଙ୍କୁ ଅଡୁଆ ଓ ଅଶ୍ୱସ୍ତିକର ଲାଗିଥାଏ। ଦ୍ୱିତୀୟତଃ ନିଜର ସୃଜନଶୀଳ ଶକ୍ତି ବା ଚିନ୍ତାଶକ୍ତି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଏ। ଏଥିରୁ ମୁକ୍ତି ପାଇବା ପାଇଁ ବାଟ ରହିଛି। ଜଣେ ଚାହିଁଲେ ଏଥିରୁ ନିଜକୁ ବଦଳାଇ ପାରିବ। ଜଣେ ସର୍ବପ୍ରଥମେ ଚିନ୍ତାକରୁ ମୁଁ ଯେଉଁମାନଙ୍କ ସହ ଜୀବନ ବିତାଉଛି ସେମାନଙ୍କ ସହିତ କେତେ ସମୟ ବ୍ୟକ୍ତିଗତ ସାମ୍ନାସାମ୍ନି ବସି କଥାବାର୍ତ୍ତା ହେଉଛି ? ଖାଇବାରୁ ଶୋଇବା ପର୍ଯ୍ୟନ୍ତ କେତେ ଘଣ୍ଟା ମୋବାଇଲରେ ନିଜକୁ ବ୍ୟସ୍ତ ରଖୁଛି। ରୁଟିନ୍ ଭିତରେ ଏକ ବଡ଼ ନିଘଣ୍ଟ ତିଆରି କରନ୍ତୁ ଯେ ମୁଁ ଆଜି ମୋବାଇଲ ଠାରୁ ସମ୍ପୂର୍ଣ୍ଣ ଦୂରେଇ କେତେ ସମୟ ବିତାଇ ପାରିବି। କିଛି ବାଟ ଚଲାବୁଲା କରନ୍ତୁ, ବ୍ୟକ୍ତିଗତ ଭାବେ କଥାବାର୍ତ୍ତା ହୁଅନ୍ତୁ କିଛି ବହିପତ୍ର ବା ଖବରକାଗଜ ପଢ଼ନ୍ତୁ। ନିଜ ଲୋକମାନଙ୍କ ସହ ସମୟ ବିତାଇବା ସହ ଶାରୀରିକ ପରିଶ୍ରମ କିଛି କରନ୍ତୁ ଏବଂ ଅତି ଭଲ ହେବ ଯୋଗାସନ ବା ପ୍ରାଣାୟମ ଅଭ୍ୟାସ ରଖୁଥିଲେ। ଏହାସହ କିଛି ସମୟ ନୀରବରେ ବସି ନିଜ ସହ କଥା ହୁଅନ୍ତୁ। ଏସବୁରେ ଆପଣଙ୍କୁ ଜଣେ ମାନସିକ ରୋଗ ବିଶେଷଜ୍ଞ ଉଚିତ ପରାମର୍ଶ ଦେଇପାରିବେ ଆପଣ ତାଙ୍କ ସହାୟତା ନିଅନ୍ତୁ। ନିଜକୁ ବ୍ୟସ୍ତ, ଅଧୈର୍ଯ୍ୟ, ଉତ୍ତେଜିତ ରଖନ୍ତୁ ନାହିଁ। କର୍ମସଂସ୍ଥାନର ଚାପ ନିଜ ପରିବାର ଭିତରକୁ ଆଣନ୍ତୁ ନାହିଁ। ଦେଖିବେ ଆପଣ ଚାହିଁଲେ ଆପଣଙ୍କ ଦୁନିଆ ଖୁବ ଭଲ ହେବ। ଆପଣ ଫବିଙ୍ଗରୁ ମୁକ୍ତ ହୋଇ ଏକ ସ୍ୱାଭାବିକ ଜୀବନ ବିତାଇ ପାରିବେ। ଏହା ଆପଣଙ୍କ ଭଲ ଜୀବନକୁ ଆହୁରି ପ୍ରଶସ୍ତ କରିବ ଏବଂ ଅନ୍ୟମାନଙ୍କୁ ମଧ ପ୍ରେରଣା ଯୋଗାଇବ।


ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩


## ବ୍ୟବହାର ନିଷିଦ୍ଧ

॥ ଅଜୟ କୁମାର ବେହେରା ॥

ନିଷେଧ, ଶବ୍ଦ ଅଛି ବୋଲି ଆବଶ୍ୟକର ଆବଶ୍ୟକ ଅଛି। ଦ୍ରବ୍ୟ ସୁଲଭ ସର୍ବଦା ଅଭାବୀ ମନୁଷ୍ୟଙ୍କ ପାଇଁ ଆବଶ୍ୟକ। ମନୁଷ୍ୟର ଖାଦ୍ୟପେୟ, ବାସଗୃହ, ବସ୍ତ୍ର, ଅତି ଦରକାରୀ ଆବଶ୍ୟକ ମାତ୍ର ଆୟ ଦେଖି ଏ ସବୁ ବ୍ୟବହାର କରିବାକୁ ପଡ଼େ। ପେଟ ଭରି ଭୋକ ମାରିବା ମୂଳକଥା ହେଲେ ବି ସବୁ ପ୍ରକାର ଖାଦ୍ୟ ସମସ୍ତଙ୍କ ପାଇଁ କେବେ ଯୁଟିନପାରେ। ଶୋଷ ମାରିବାକୁ ପେୟ ପଦାର୍ଥ ଜଳ ଅତି ଆବଶ୍ୟକ। ମାତ୍ର ଏ ଦୁଇଟିରେ ଧର୍ମୀୟ ପରମ୍ପରା ସ୍ୱାସ୍ଥ୍ୟରକ୍ଷା ଦୃଷ୍ଟେ ପୁଣି ଆୟକୁ ଦେଖି ଏହାକୁ ସଂଗ୍ରହ ବା ବ୍ୟବହାର କରିବାକୁ ପଡୁଛି। ମନୁଷ୍ୟ ଆମ ଓଡ଼ିଶାରେ କେବଳ 'ଭାତ'କୁ ଭୋଜନର ମୂଳ ଉତ୍ସ ବହୁ ବର୍ଷ ହେଲା କରୁଛନ୍ତି ଏଥିରେ ଉଷୁନା, ଉଆ, ଅରୁଆ ଚାଉଳ ସମ୍ବନ୍ଧ ରହିଛି। ଗ୍ରାମ ଓଡ଼ିଶାରେ ପଖାଳ ତୋରାଣୀ ଖାଦ୍ୟ ପାନୀୟ କିନ୍ତୁ ଦ୍ରବ୍ୟ ଚାଲାଣ ବ୍ୟାପକ ହେବାରୁ ଗହମ ଓ ତହିଁରୁ ପ୍ରସ୍ତୁତ ଅଟା ମଇଦା ସୁଜି ଦ୍ୱାରା ଲୋକେ ପ୍ରଭାବିତ ହୋଇ କେବଳ ରୁଟି ନୁହେଁ ପୁରୀ, ରୁଟି, କଚୁଡି, ସିଙ୍ଗଡ଼ା ଅନେକ ପ୍ରକାର ଗହମଜାତ ଚୂର୍ଣ୍ଣରୁ ମିଠା କରି ଭୋଜନ ବ୍ୟବସ୍ଥା କରିଛନ୍ତି। ମାଟିହାଣ୍ଡି, କାଠପତ୍ର ଜଳା ଚୁଲି ବେଳକୁ ବେଳ ଦୁର୍ଲଭ ହେଲା। ପଖାଳ ଏକ ଦରିଦ୍ରୀ ଖାଦ୍ୟ ପରି ଲୋକେ ମନେ କରିଲେ। ଆସ୍ତେ ଆସ୍ତେ ଅଲମିନିୟମ ହାଣ୍ଡି, ଷ୍ଟିଲ ହାଣ୍ଡି, ପ୍ରେସରକୁକର ଆଦି ରୋଷେଇର ଧାରା ବଦଳାଇ ଦେଇଛି। ଫଳରେ ପୂର୍ବ ପାଖଳଖିଆ ଲୋକଙ୍କ ଯେତେ ରୋଗ ପ୍ରତିରୋଧ ଶକ୍ତି ଥିଲା ଏହାପରେ କେବେ ବଢ଼ି ବଢ଼ି ଚାଲିଛି ଏହା କେହି ସମୀକ୍ଷା କରୁନାହାଁନ୍ତି।

ଶ୍ରୀକ୍ଷେତ୍ର ପୁରୀ ମନ୍ଦିରରେ ମାଟିହାଣ୍ଡି କୁଡୁଆରେ ପ୍ରସ୍ତୁତ ରୋଷେଇର ଅନ୍ନ କାହିଁ କେତେ ବର୍ଷ ଧରି କାଠଚୁଲିରେ ରୋଷେଇ ହେଉଛି। ଏ ଦିବ୍ୟାନ୍ନ ନିଶ୍ଚେ ଏବେ ବି ଲୋକପ୍ରିୟ। ସ୍ୱାଦିଷ୍ଟ ଦିବ୍ୟ ବାସ୍ନାଯୁକ୍ତ। ଅନେକ ମସଲା ତେଲ ସଂଯୋଗରେ କରାଯିବା ବାହାର ପ୍ରସ୍ତୁତ ଡାଲି କେବେ ପୁରୀ ମନ୍ଦିର ଡାଲି ଭଳି ଲାଗିବ ନାହିଁ। ହେଲେ ଆମିଷ ଭକ୍ଷକମାନେ ଟିକେ ଭିନ୍ନ ସ୍ୱାଦ ପ୍ରିୟ ଯୋଗୁ ବା ଭିନ୍ନଧର୍ମୀମାନେ କେମିତି ଅଦରକାରୀ ମନେକରୁଛନ୍ତି। କୈବଲ୍ୟର ନିନ୍ଦା ହେବା ଅସହ୍ୟ, ଅନେକ ମୁଣ୍ଡରେ ଲଗାଇ ସମ୍ମାନ କଲେ ବି ଭୋଜନରେ ନା ମଙ୍ଗ। ପାଣି ପ୍ରାଣ ରକ୍ଷକ। ଶୋଷ କାଳରେ ବ୍ୟକ୍ତିର ପାଟିରେ ପାଣି ଦେବା ଏକ ବଡ଼ ଧର୍ମ କାର୍ଯ୍ୟର ବିଶ୍ୱାସ ଏବେ ବି ଅଛି। କୂପ, ପୁଷ୍କରଣୀ ଖନନ ଓ ଖରାଦିନେ ଜଳଛତ୍ର ଦେବା ପୁଣ୍ୟ କାର୍ଯ୍ୟରେ ଆସେ। ପଶୁପକ୍ଷୀ ମାନଙ୍କ ପାଇଁ ଲୋକେ ଜଳ ବ୍ୟବସ୍ଥା କରୁଛନ୍ତି। ଜଳତୀର୍ଥରେ ଅନେକ ନଦନଦୀ, ପୁଷ୍କରିଣୀ ସ୍ନାନ ଓ ଜଳକୁ ପବିତ୍ର ମନେ କରାଯାଏ। ବିଶୁଦ୍ଧ ପରିଷ୍କୃତ ଏମିତି ଦୁଇ ପ୍ରକାର ଧାରା ଜଳ ପାଇଁ ବି ଲାଗେ। ପାନୀୟ ବିଶୁଦ୍ଧ ଜଳରେ ଆବଶ୍ୟକ କରାଯାଏ। ପରିଷ୍କୃତ ଜଳ ଭିନ୍ନ ବ୍ୟବହାରରେ ଲାଗେ। ପଶୁମାନେ ପୁଷ୍କରିଣୀର ନଦୀର ଜଳ ପାନ କରୁଛନ୍ତି ଦିନେ ମନୁଷ୍ୟ ଏପରି କରୁଥିଲା ହେଲେ ନିଜେ ମଣିଷ ପରିତ୍ୟକ୍ତ ଆବର୍ଜନା ନଦୀ ଜଳରେ ଛାଡ଼ି ଜଳକୁ ଦୂଷିତ କରୁଛି। ଏ ପାଇଁ ସେ ଜଳକୁ ନିଷେଧ ମନେ କରୁଛି। ହେଲେ ପଶୁମାନେ ସେପରି ଜଳ ଏବେ ବି ପାନ କରୁଛନ୍ତି। ଯଦିବା ତାଙ୍କର ଦେହର କ'ଣ କ୍ଷତି ଏହା କାହାକୁ ବୁଝିବାକୁ ବେଳ ନାହିଁ। ଏଣେ ବିଷାକ୍ତ ପିଇ ପିଇ ଶରୀର ତାଙ୍କର ଦେହସୁଆ ହୋଇଯାଇଛି। ଜଳ ଦୂଷିତରେ ମାଛ, କଙ୍କଡ଼ା ପରି ଜଳ ଜୀବନ ଅନେକ ସମୟରେ ମରି ଭାସୁଛନ୍ତି ତଥାପି ପରିତ୍ୟକ୍ତ ବିଷାକ୍ତ ପାଣିରେ ଅନେକ ମାଛ ବଞ୍ଚିଥାନ୍ତି ତାଙ୍କୁ ଲୋକେ ବି ଭକ୍ଷଣ କରୁଛନ୍ତି ଯଥା ଶେଉଳ, କଉ, ମାଗୁର, ତୋଡି ପରି ପଙ୍କୁଆ ମାଛ। ଦ୍ରବ୍ୟଗୁଣ ଶାସ୍ତ୍ରରେ ଏ ସବୁ ଭୋଜନରେ କି କ୍ଷତି ହୁଏ ଏହା ଏବେ ନୁହଁ ବହୁ ଆଗରୁ ଲେଖା ଅଛି। ପାଣି ଏମିତି ହେଲା ପାଣି ପୁଣି ମାପରେ ବିକ୍ରୀ ଓ ମାପରେ ମିଟର ବସାଇ ଉଡ଼ାଜାହାଜ, ରେଲଗାଡ଼ି ଓ ସହରରେ ପାଣି ପିଇବାକୁ ମିଳିବ ନାହିଁ। ମାଟି ବି ଏପରି କୁମ୍ଭାରମାନେ ମାଟି ଖୋଳି ଆଣି ତାକୁ କାଦୁଅ କରି ହାଣ୍ଡି ଗଢୁଥିଲେ। ସମୟ ହେଲା ମାଟି କୁମ୍ଭାରମାନେ କିଣିଲେ। ଏମିତି ତାଙ୍କର ବୃତ୍ତିରେ କଞ୍ଚାମାଲ ମୁଫତ ଥିଲା ଏବେ ତାହା ମୂଲ୍ୟବାନ ନଦୀର ବାଲି ପାଇଁ ସରକାରୀ କର ଆଦାୟ ଚାଲିଛି। ଲୋକଙ୍କ ଆବଶ୍ୟକ ବଢ଼ିଲା 'ମାଟି', ପାଣି ବିକ୍ରୀ ହେଲା। ମାଟିତଳୁ ପାଣି ଉଠାଇବା ନିଷିଦ୍ଧ।

ପ୍ରଶାସନରେ ପୂର୍ବରୁ ନଦୀରେ ରାଜଘାଟ, ନାରୀଘାଟ, ଗୋଘାଟ, ପୁରୁଷସ୍ନାନ ଘାଟ, ନାରୀ ସ୍ନାନ ଘାଟ, ଡଙ୍ଗାଘାଟ, ଲୁଗାକଚା ଘାଟ, ଶବ ସଂସ୍କାରିଙ୍କ ପ୍ରେତକ୍ରିୟା ଘାଟ ଥିଲା। ଏବେ ଏଥିରୁ ଅନେକ ଘାଟ ନାହିଁ। ହେଲେ ଯେଉଁ ଉଦ୍ଦେଶ୍ୟରେ ଏ ଘାଟ ସ୍ଥାନ ଥିଲା ତାହାର କାମ ଅନେକ ସମୟରେ ଏକ ଘାଟରେ କରାଯାଉଛି ତେବେ ରାଜଘଟ, ରାଣୀଘାଟ ପାଇଁ ଭିଆଇପି ପ୍ରଚେଷ୍ଟା ଏବେ କାମ କଲାଣି। ଲୋକେ ତତ୍କାଳ ସ୍ୱାଧୀନତା ହରା ହେଉଛନ୍ତି। କିଛି ଜାତିର ପାଟକର ଲୋକେ ନଥିଲେ ଏକ ବଡ଼ ଧରଣର ଅନୁଷ୍ଠାନ ପୂର୍ଣ୍ଣାଙ୍ଗ ନୁହଁ। ଯଥା ଶଙ୍ଖୁଆ, ବାଜା ବଜାଳି ହେଲେ ତତ୍କାଳ ସମାଜ ତାଙ୍କୁ ଅବହେଳିତ ସ୍ତରରେ ରଖାଉଥିଲେ। ସେମାନଙ୍କ ନିଜର ପରିବାର ଭୋଜନରୁ ଅଂଶ ବି ଦିଆଯାଏ ହେଲେ ସେମାନେ ପରିବାର ସମ୍ବନ୍ଧରେ ବି ହେୟ ଥିଲେ। ଏସବୁ ମୂଳରେ କିଛି ମୁଷ୍ଟିମେୟଙ୍କ ଲୋକ ଅନେକ ନିଷିଦ୍ଧ ଲଗାଇ ଦେଇଥିଲେ। ଲୋକେ ତାଙ୍କୁ ତାଙ୍କର ଖାଦ୍ୟ ପାନୀୟ ଓ କୁବାକ୍ୟ ପ୍ରୟୋଗ ଯୋଗୁ ହୁଏତ ଏପରି କରିଥିଲେ ମାତ୍ର ଏବେ ଭଦ୍ର ସମାଜରେ ଥିବା ଲୋକେ ତାଙ୍କରି ପ୍ରକାର ଆଚରଣ ଖାଦ୍ୟ ପାନୀୟ ବ୍ୟବହାର କରୁଛନ୍ତି। କୁକୁଡ଼ା ପାଳନ, ପଙ୍କୁଆ ମାଛ, ଶାଳ, ଘଷିପଟା ଖସୁଆ ମାଛର ହାଇବ୍ରିଡି ଖାଇଲେଣି। କଇଁଛ, ବେଙ୍ଗ ଖାଉଛନ୍ତି। ଯୋତା ଦୋକାନ କରୁଛନ୍ତି। ମଦ ପିଉଛନ୍ତି ମଦ ବାଣିଜ୍ୟ କରୁଛନ୍ତି, ଚୋରା କାରବାରରେ ଅନେକ ସମ୍ପୃକ୍ତ କଥା ଭାଷାରେ ମୂର୍ଖବୁଦ୍ଧିନାହିଁ। ଅଥଚ ଏମାନେ ପୂର୍ବ ଶାସ୍ତ୍ର ନିୟମରେ ଜନ୍ମିତ ଜାତପାଟକ ଯୋଗୁଁ ଆସୁନାହାଁନ୍ତି। କିଛି ଭିକ୍ଷୁକ ଅଛନ୍ତି କାହାଘରୁ ଭିକ୍ଷା ଗ୍ରହଣ କରିବେ ନାହିଁ, କିଛି ସନ୍ନ୍ୟାସୀ ଅଛନ୍ତି କେଉଁ ଗୃହୀ ଘରକୁ ଯିବେ ନାହିଁ। କିଛି ଶାସନୀ ବ୍ରାହ୍ମଣ ଅଛନ୍ତି କାହା ପୁରୋହିତ ହେବେ ନାହିଁ, କିଛି ବ୍ୟକ୍ତି ଅଛି କାହାର ଅନ୍ନଜଳ ସ୍ପର୍ଶ କରିବେ ନାହିଁ ଏମିତି ନିଷିଦ୍ଧ ଏବେ ବି ମାନୁଛନ୍ତି। ବାଲ୍ୟରୁ ବିଦ୍ୟାର୍ଜନ ଶେଷ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ପାଳନ ବୟସ, ଏବେ ପାଠପଢ଼ାରୁ ପ୍ରେମ ପ୍ରସଙ୍ଗ ଉଠିଲାଣି। ମୋବାଇଲ ଫୋନର କ୍ୟାମରା କ'ଣ ଛବି ନ ଦେଖାଉଛି। ଘରକିଳି ପ୍ରେମୀ ଯୁଗଳ ଏକାନ୍ତ ଗୋପନୀୟ କଥାଭାଷା ଅଙ୍ଗ ଦର୍ଶନ ହେଉଛନ୍ତି। ଏ ଯୁଗରେ ଜାତିଭ୍ରଷ୍ଟ ଏଇ ମୋବାଇଲ ହିଁ ପ୍ରଥମ ମୂଳଦୁଆ କରାଯାଉଛି। ଏହାକୁ ନିଷିଦ୍ଧ କରିବ କିଏ ? ଶାସ୍ତ୍ର ଲେଖା ଯେ ବୟାନ କରିବ ତାର କସୁର ହେବ ଦଣ୍ଡ କାହିଁ ମାଡ଼ି ଆସିବ। ଭେରସା ଯୁଗରେ ବୃଥା ମୂରବୀ ପଣିଆ ସିନା ପ୍ରକୃତରେ ଗୁରୁଜନମାନେ ଅବହେଳିତ। ଶାସ୍ତ୍ରଙ୍କମାନେ ମୂକ, ଏସବୁର ଗତି କୁଆଡ଼େ ?


ଦୂରଭାଷ : ୯୪୩୭୦୩୧୨୫୩


## ପାର୍ଲିଆମେଣ୍ଟର ବିଧି ବ୍ୟବସ୍ଥା

॥ ଡାଃ ସୁରେନ୍ଦ୍ର ନାଥ ଦାଶ ॥

କୁହାଯାଏ, "Parliament is the temple of Democracy". ଏକ ଗଣତାନ୍ତ୍ରୀକ ରାଷ୍ଟ୍ରରେ ପାର୍ଲିଆମେଣ୍ଟ ଦେଶ ର ସର୍ବୋଚ୍ଚ ଅନୁଷ୍ଠାନ। ଇଂଲଣ୍ଡକୁ Mother of Parliaments କୁହାଯାଏ। ସ୍ୱାଧିନତା ପରେ ଆମେ ଇଂଲଣ୍ଡ ବା West minister ପ୍ରକାରର ଗଣତନ୍ତ୍ର କୁ ଗ୍ରହଣ କରିଛୁ। ୧୯୪୬ ମସିହାରେ ଗଠିତ ସମ୍ବିଧାନ ସଭା ୧୯୫୦ ମସିହାରେ ସମ୍ବିଧାନ ଗୃହିତ ହେଲାପରେ ପାର୍ଲିଆମେଣ୍ଟ ରେ ପରିଣତ ହେଲା। ସମ୍ବିଧାନର ଧାରା ୭୯ ରୁ ୮୮/୧୨୨ ପର୍ଯ୍ୟନ୍ତ ରେ ପାର୍ଲିଆମେଣ୍ଟ ବିଷୟରେ ବର୍ଣ୍ଣିତ ହୋଇଚି। ଭାରତର ପାର୍ଲିଆମେଣ୍ଟ ରେ ଏକ ଅପର ହାଉସ ବା ରାଜ୍ୟ ସଭା,ଓ ଏକ ଲୋଅର ହାଉସ ବା ଲୋକ ସଭା ରହିଚି। ଲୋକ ସଭାରେ ୫୪୫ ଜଣ ସଭ୍ୟ ରହିଛନ୍ତି। ସେମାନେ ଲୋକ ଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ହେଉ ଥିବାରୁ ତାହା ଅଧିକ କ୍ଷମତା ଉପଭୋଗ କରେ। ରାଜ୍ୟ ସଭା ଏକସ୍ଥାୟୀ ଅନୁଷ୍ଠାନ। ସଭ୍ୟ ସଂଖ୍ୟା ୨୫୦। ଏହାର ସଭ୍ୟ ମାନେ ପରୋକ୍ଷ ନିର୍ବାଚିତ ହେଉଥିବାରୁ ଏହା କମ କ୍ଷମତାଶାଳୀ। ଏହାର ସଭ୍ୟମାନେ ଛଅ ବର୍ଷ ଓଲୋକ ସଭାର ସଭ୍ୟ ମାନେ ୫ ବର୍ଷ ପାଇଁ ନିର୍ବାଚିତ ହୁଅନ୍ତି। ଆର୍ଥିକ ବଜେଟ, ଅର୍ଥ ବିଲ ଓ ସରକାର ଙ୍କ ବିରୁଦ୍ଧରେ ଆସ୍ଥା ବା ଅନାସ୍ଥା ପ୍ରସ୍ତାବ କେବଳ ଲୋକ ସଭାରେ ଆଗତ ହୋଇପାରିବାର ବିଧି ଅଛି। ଉଭୟ ସଭା ଏକ ନିର୍ଦ୍ଦିଷ୍ଟ ସାମ୍ବିଧାନିକ ନୀତି ନିୟମ Parliamentary procedure ଅନୁସାରେ କାର୍ଯ୍ୟ କରନ୍ତି। ସରକାର ଙ୍କ ବିଭିନ୍ନ କାର୍ଯ୍ୟର ସମୀକ୍ଷା,ଲୋକଙ୍କ ବିଭିନ୍ନ ସମସ୍ୟାର ଆଲୋକପାତ, ଉପଦେଶ ଦେବା ସମୟୋପଯୋଗୀ ଆଇନ ପ୍ରଣୟନ କରିବା, ଅଚଳ ଆଇନକୁ ଅକାମି କରିବା ପାର୍ଲିଆମେଣ୍ଟର କାର୍ଯ୍ୟ। ସଭ୍ୟ ମାନଙ୍କର ପ୍ରଶ୍ନର ଉତ୍ତର ଦେବାକୁ ସରକାର ବାଧ୍ୟ। ଉତ୍ତର ସନ୍ତୋଷ ଜନକ ନହେଲେ ସଭ୍ୟ ମାନେ ସରକାରୁ ଙ୍କୁ ନିନ୍ଦା,ଦରକାର ପଡିଲେ ଅନାସ୍ଥା ପ୍ରସ୍ତାବ ଆଣି ପାରିବାର ବ୍ୟବସ୍ଥା ରହିଛି। ଲୋକ ସଭାର ପରିଚାଳନା ପାଇଁ ଜଣେ ବାଚସ୍ପତି ,ଜଣେ ଉପ-ବାଚସ୍ପତି କାର୍ଯ୍ୟକରନ୍ତି। ତାଙ୍କ ନିର୍ଦ୍ଦେଶରେ ଗୃହ ର କାର୍ଯ୍ୟ ଚାଲେ। ଗୃହ ମଧ୍ୟରେ ତାଙ୍କ ନିଷ୍ପତ୍ତିକୁ ଚାଲେଞ୍ଜ କରାଯାଇପାରିବ ନାହିଁ। ରାଜ୍ୟ ସଭାର ଚେୟାର ମାନ ରୂପେ ଭାରତର ଉପରାଷ୍ଟ୍ରପତି କାର୍ଯ୍ୟ କରିବେ। ବାଚସ୍ପତି ଓ ଚେୟାରମାନଙ୍କ ଅନୁପସ୍ଥିତରେ ସଭା କାର୍ଯ୍ୟ ପରିଚାଳନା ପାଇଁ ଏକ ପାନେଲ ଥାଏ। ବର୍ଷକୁ ଅନ୍ତତଃ ଦୁଇ ଥର ଗୃହ ବସିଥାଏ। ଅତି ବେଶିରେ ଉଭୟ ସେସନ ମଧ୍ୟରେ ସମୟ ତଫାତ ଛଅ ମାସରୁ କମ ରହିବା ବିଧେୟ। ପରମ୍ପରାରେ ବଜେଟ ଧିବେଶନ (ଫେବୃଆରୀ ମାର୍ଚ୍ଚ ଏପ୍ରିଲ, ମେ)ମୌସୁମୀ ଅଧିବେଶନ (ଜୁଲାଇ-ଅଗଷ୍ଟ) ଓ ଶୀତ କାଳିନ ଅଧିବେଶନ (ନଭେମ୍ବର- ଡିସେମ୍ବର), ଏହିପରି ତିନିଥର ଗୃହ ବସିଥାଏ। Opening Session ପାର୍ଲିଆମେଣ୍ଟର ଆରମ୍ଭ କୁ ରାଷ୍ଟ୍ରପତି ଆହ୍ୱାନ କରି ମିଳିତ ସଭାରେ ନିଜର ଭାଷଣ ଦିଅନ୍ତି। ଏହି ଭାଷଣ ରେ ସରକାର ଙ୍କ ଅତୀତ କାର୍ଯ୍ୟ ଓ ଭବିଷ୍ୟତ କାମର ଆଲୋକପାତ ଥାଏ। ଏହା ପରେ ଧନ୍ୟବାଦ ପ୍ରସ୍ତାବ ସରକାରଙ୍କ ତରଫରୁ ଆଗତ ହୁଏ। ଏହା ବାସ୍ତବିକ ସରକାରଙ୍କ କାର୍ଯ୍ୟର ସମୀକ୍ଷା। ଧନ୍ୟ୍ୟବାଦ ପ୍ରସ୍ତାବ ଗୃହିତ ନହେଲେ ସରକାର ଙ୍କ ପରାଜୟ ବୋଲି ଧରିବାକୁ ହୁଏ। କୋରମ – କୌଣସି ସଭା କାର୍ଯ୍ୟକ୍ଷମ ହେବାପାଇଁ ଅତିକମରେ ଏକଦଶମାଂଶ ସଭ୍ୟ ଗୃହରେ ଉପସ୍ଥିତ ରହିବା ଆବଶ୍ୟକ। କୋରମ ନହେଲେ କୌଣସି ଆଲୋଚନା ହୋଇପାରିବ ନାହିଁ ପ୍ରଶ୍ନକାଳ ବା Non starred question- ପାର୍ଲିଆମେଣ୍ଟ ଅଧିବେଶନର ପ୍ରଥମ ସମୟ ପ୍ରଶ୍ନ ପଚାରିବା ପାଇଁ ଉଦ୍ଦିଷ୍ଟ। ଏହି ସମୟରେ ବିରୋଧି ଓ ସରକାରୀ ସଭ୍ୟ ମାନେ ସରକାରଙ୍କୁ ପ୍ରଶ୍ନ ପଚାରି ଥାଆନ୍ତି। ତିନି ପ୍ରକାର ପ୍ରଶ୍ନ ପଚରା ଯାଏ। ତାରକା ଚିହ୍ନିତ (Privilege Motion) – ଏଥିରେ ମୌଖିକ ଉତ୍ତର ଦିଆଯାଏ। ସେଥିପାଇଁ ଅତିରିକ୍ତ ପ୍ରଶ୍ନ ପଚରା ଯାଇପାରିବ। (Censure Motion) –ଏଥରେ ଲିଖିତ ଉତର ବିଧି ଥିବାରୁ ଅତିରିକ୍ତ ପ୍ରଶ୍ନ ପଚରା ଯାଇପାରିବ ନାହିଁ। ପ୍ରଶ୍ନ ଗୁଡିକୁ ଯଥେଷ୍ଟ ଆଗରୁ ବାଚସ୍ପତି ଙ୍କୁ ଦିଆଯାଇ ଥାଏ। ସେ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ସରକାର ଙ୍କୁ ନିର୍ଦ୍ଦେଶ ଦିଅନ୍ତି।

ଜରୁରୀ ପ୍ରଶ୍ନ। ମାତ୍ର ଦଶ ଦିନ ର ସମୟ ଦେଇ ପଚରାଯାଇଥାଏ। ଏଥିରେ ମୌଖିକ ଉତ୍ତର ଦିଆ ଯାଏ। ପ୍ରଥମ ଦୁଇ ପ୍ରକାର ପ୍ରଶ୍ନ ପାଇଁ ସରକାରଙ୍କୁ ଆଗରୁ ନୋଟିସ ଦିଆଯାଇଥାଏ। ସରକାରଙ୍କୁ ନୋଟିସ ଦ୍ୱାରା ଉତର ଦେବା ପାଇଁ ବାଚସ୍ପତି ନିର୍ଦ୍ଦେଶ ଦେଇଥାଆନ୍ତି। ଜରୁରୀ ପ୍ରଶ୍ନ ଅଳ୍ପ ସମୟ ନୋଟିସରେ ଆଗତ ହୋଇଥାଏ। ମିଳିତ ଅଧିବେଶନ-ଦେଶର ଏକ ଜରୁରୀ ଅବସ୍ଥା,ବିଶେଷ ଆଲୋଚନା ପାଇଁ ସଭ୍ୟ ମାନେ ଦାବି କରନ୍ତି। ଜିରୋ ଆୱାର-ପ୍ରଶ୍ନକାଳର ସମାପ୍ତ (୧୨ ଏ,ଏମ) ଓ ଭୋଜନ ବିରତି (୧ପି,ଏମ) ମଧ୍ୟରେ ଏକ ଘଣ୍ଟା କୁ ଜିରୋ ସମୟ କୁହାଯାଏ। ଏହି ସମୟରେ ସଭ୍ୟ ମାନେ ବିନା ପୂର୍ବ ନୋଟିସରେ ଯେ କୌଣସି ପ୍ରଶ୍ନ ପଚାରିପାରିବେ। ଉତ୍ତର ମୌଖିକ ଦିଆଯାଏ। ପ୍ରିଭିଲେଜ ମୋସନ: Call Attention ଗୃହର ଏହା ଏକ ବିଶେଷ କ୍ଷମତା। ଯେ କୌଣସି ମନ୍ତ୍ରୀ ଗୃହକୁ କୌଣସି କଥା ଗୋପନ ରଖନ୍ତି,କିମ୍ବା ଭୂଲ ତଥ୍ୟ ଦିଅନ୍ତି ତାହାକୁ ଗୃହ ର ଅବମାନନା ବୋଲି ଧରାଯିବ। ସେହି ମନ୍ତ୍ରୀ ଙ୍କ ବିରୁଦ୍ଧରେ ପ୍ରିଭିଲେଜ ଭଙ୍ଗ ମୋସନ ଆଗତ ହୋଇ ଭୋଟ ହେବ। ବେଳେ ବେଳେ ନିସର୍ତ କ୍ଷମା ପ୍ରାର୍ଥନାପରେ ପ୍ରସ୍ତାବ ପ୍ରତ୍ୟାହୃତ ହୁଏ। ପ୍ରସ୍ତାବ ଗୃହିତ ହେବେ ସରକାରଙ୍କ ପରାଜୟ ବୋଲି ଧରାଯାଏ। କୌଣସି ବ୍ୟକ୍ତି, ପତ୍ରୀକା ଅନୁଷ୍ଠାନ ପାର୍ଲିଆମେଣ୍ଟର ସଭ୍ୟଙ୍କ ସମ୍ମାନହାନି ହେଲା ଭଳି ବ୍ୟକ୍ତବ୍ୟ ଦେଲେ ତାଙ୍କ ବିରୁଦ୍ଧରେ ମଧ୍ୟ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆଣି ଦଣ୍ଡ ଦିଆଯିବାର କ୍ଷମତା ପାର୍ଲିଆମେଣ୍ଟ ର ଅଛି।

## ଏଲ୍.ଏଲ୍.ଡି.ପି ଯୁବକ ଏକତା ମଂଚର ପ୍ରତିଷ୍ଠା ଦିବସ ପାଳନ



ଦାନଗଦି, (ମହାଭାରତ): କଳିଙ୍ଗନଗର ଶିଳ୍ପାଂଚଳ ଟାଟା ଷ୍ଟିଲ କାରଖାନା ଦ୍ୱାର ବିସ୍ଥାପିତ,କ୍ଷତିଗ୍ରସ୍ତ ଓ ଅଣତାଲିକାଭୁକ୍ତ ଯୁବକମାନେ ଏଲ୍.ଏଲ୍.ଡି.ପି ଯୁବକ ଏକତା ମଂଚ ନାମକ ଏକ ସଂଗଠନ ଗଠନ କରିଥିଲେ। ସେହି ମଂଚର ପ୍ରତିଷ୍ଠା ଦିବସ ଆମ୍ବଗାଡିଆ ସ୍ଥିତ ବୀରଭୂମି ଠାରେ ରବିବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଜିଲ୍ଲା ଆଦିବାସୀ ବିଜେପି ମୋର୍ଚ୍ଚା ସଭାପତି ରାଜେନ୍ଦ୍ର କାଲୁଣ୍ଡିଆ ମୁଖ୍ୟ ଅତିଥି, ଜିଲ୍ଲା ବିଜେପି ଯୁବ ସଭାପତି ବିଶ୍ୱଜିତ୍ ରାଜ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ନାର୍ଯ୍ୟାଦାବି ହାସଲ ନିମେନ୍ତେ ଏହି ମଂଚ ଲଢ଼େଇ ଜାରିରଖୁଥିବା ଏବଂ କେତେକ ଦାବୀ ହାସଲ କରିଥିବା ଅତିଥିମାନେ ବକ୍ତବ୍ୟରେ ପ୍ରକାସ କରିଥିଲେ। ଆଗାମୀ ଦିନରେ ଏହି ମଂଚ ଲଢେଇକୁ ଜୋରଦାର କରିବା ସହିତ ସ୍ଥାନୀୟ ଅଂଚଳର ବେକାରୀ ଯୁବକ ଓ ଯୁବତୀ ସହିତ ଏଲ୍.ଏଲ୍.ଡି.ପି. ଯୁବକ ଏକତା ମଂଚର ଯୁବକ ଯୁବତୀ ମାନଙ୍କୁ ଯୋଗ୍ୟତା ଅନୁଯାଇ ନିଯୁକ୍ତି ପ୍ରଦାନ କରିବା ଜାରି ରହିବ। କମ୍ପାନୀ ପକ୍ଷରୁ କାରଖାନା ପରିସରରେ ନିଯୁକ୍ତ କର୍ମଚାରୀମାନଙ୍କୁ ସମାନ କାମକୁ ସମାନ ବେତନ ଦିଆଯାଉ ନାହିଁ । ଯୁନାନୀ ସଏ ଓ ଜଳଧର ମହାନ୍ତଙ୍କ ଦ୍ୱାର ପରିଚାଳିତ ସଭାରେ ନାଜିର ହାଇବ୍ରୁ, ସଂଜୟ କୁମାର ଜଙ୍କ, ସୁରେନ୍ଦ୍ର ବାନସିଂ, ମାଣିକ ଜାରିକା,ସମରେନ୍ଦ୍ର ଶତପଥୀ ପ୍ରମୁଖ ଉପସ୍ଥିତ ହୋଇ ମଂଚର ପ୍ରତିଷ୍ଠା ମମ୍ପର୍କରେ ଆଲୋକପାତ କରିଥିଲେ । ମଂଚର ସଭ୍ୟ ସଭ୍ୟାମାନଙ୍କୁ ଅତିଥଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯିବା ସହ କେକ୍ କାଟି ଜନ୍ମଦିନ ପାଳନ କରିଥିଲେ । ଅତିଥି ମାନେ ପ୍ରଥମେ କଳିଙ୍ଗନଗର ଗୁଳିକାଣ୍ଡରେ ସହୀଦ୍‌ମାନଙ୍କ ଉପରେ ପୁଷ୍ପ ପ୍ରଦାନ କରିଥିଲେ ।

## ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଓ ଜାତୀୟ ଡାଲି ମିଶନର ଜିଲାସ୍ତରୀୟ ସମାରୋହ



କେନ୍ଦୁଝର, (ମହାଭାରତ) :ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କରକମଳରେ ଶୁଭାରମ୍ଭ କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଓ ଜାତୀୟ ଡାଲି ମିଶନ ଉପଲକ୍ଷେ ଶନିବାର କେନ୍ଦୁଝର ସହର ଜୁଡ଼ିଆ ସ୍ଥିତ ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ରର ସଭାଗୃହରେ ଆୟୋଜିତ ହୋଇଯାଇଛି। ଏହି ଜିଲାସ୍ତରୀୟ ସମାରୋହରେ କେନ୍ଦୁଝରଗଡ଼ ପୌରପାଳିକାର ଅଧକ୍ଷା ନିକୁ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବୃକ୍ଷରେ ଜଳଦାନ କରି କାର୍ଯ୍ୟକ୍ରମକୁ ଉ ଦ ଘା ଟ ନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ସମ୍ମାନିତ ଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ ସଦର ବ୍ଲକ ପ୍ରତିନିଧି ଧନୁର୍ଜୟ ମହାନ୍ତ ଓ ସାଂସଦଙ୍କ ପ୍ରତିନିଧି ଭାଗିରଥି ସିଂହ ଯୋଗ ଦେଇଥିଲେ। ଉଦଘାଟନ ପର୍ବରେ ଜୁଡ଼ିଆ କୃଷି ଫାର୍ମର ମୁଖ୍ୟ କିଶୋର ସାହୁ ଓ ମୁଖ୍ୟ ଜିଲା କୃଷି ଅଧିକାରୀ ସତ୍ୟବାନ ସୋରେନ ପ୍ରମୁଖ ସଭାମଂଚରେ ମଂଚାସୀନ ଥିଲେ । ଉକ୍ତ ସମାରୋହରେ ବିଭିନ୍ନ ବ୍ଲକରୁ ଆସିଥିବା କୃଷକ, ବିଭିନ୍ନ ବିଭାଗର ଅଧିକାରୀ, କୃଷି ବୈଜ୍ଞାନିକ, କୃଷି ସମ୍ପ୍ରସାରଣକର୍ମୀ ପ୍ରମୁଖ ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ କରକମଳରେ ଉଦଘାଟିତ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଓ ଜାତୀୟ ଡାଲି ମିଶନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ମୁଖ୍ୟ ଜିଲା କୃଷି ଅଧିକାରୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଓ ମୁଖ୍ୟ କୃଷି ବୈଜ୍ଞାନିକ କୃଷି ଜ୍ଞାନ କୌଶଳର ଉପଯୋଗ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ନିକୁ ସାହୁ କୃଷି ଜ୍ଞାନ କୌଶଳର ଉପଯୋଗ ଓ ସରକାରଙ୍କ ବିଭିନ୍ନ ଯୋଜନାରେ ମିଳୁଥିବା ସୁବିଧାକୁ ଉପଯୋଗ କରି ଆତ୍ମନିର୍ଭର ଭାରତ ଗଠନରେ ସହାୟକ ହେବାକୁ ଉପସ୍ଥିତ କୃଷକ ମାନଙ୍କୁ ଅନୁରୋଧ କରିଥିଲେ । ଶେଷରେ କେନ୍ଦୁଝର ଜିଲା କୃଷି ଅଧିକାରୀ ବିଶ୍ୱଜୟୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଜଗନ୍ନାଥ ଟ୍ରକ ମାଲିକ ସଂଘ ବିବାଦ ଦୁର୍ନୀତି ଅଭିଯୋଗରେ ମାଲିକ ମାନଙ୍କ ଧାରଣା

ପାରାଦୀପ, (ମହାଭାରତ) : ପାରାଦୀପର ଜଗନ୍ନାଥ ଟ୍ରକ ମାଲିକ ସଂଘରେ ନୂତନ ସଦସ୍ୟ ଗ୍ରହଣ କରିବାରେ ବ୍ୟାପକ ଅନିୟମିତତା, ବିନା ସିରିଏଲରେ ଗାଡି ଲୋଡିଂରେ ଦୁର୍ନୀତି, ଟାୟାର ବ୍ୟବସାୟରେ ବ୍ୟାପକ ଦୁର୍ନୀତି, ସଂଘର ଅର୍ଥକୁ ଅନୈତିକ ଭାବେ ପାଣି ଭଳି ଖର୍ଚ୍ଚ କରିବା ସହିତ ହରିଲୁଟ କରିବା ଅଭିଯୋଗ କରି ଅପର ଗୋଷ୍ଠିର ଟ୍ରକ ମାଲିକ ବିଜୟ ରାଉତ, ଶ୍ରୀରାମ ଚନ୍ଦ୍ର ସାହୁ, ଗୌତମ ନାୟକ, ସଞ୍ଜୟ ମୁଦୁଲି, ମନୋଜ ବିଶ୍ୱାଳ, ଛଇଳ ଚନ୍ଦ୍ର ଜେନା, ଭଗବାନ ସ୍ୱାଇଁ ପ୍ରମୁଖ ଅକ୍ଟୋବର ୧୦ ତାରିଖରୁ ସଙ୍ଘ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଧାରଣାରେ ବସି ରହିଥିବା ଦେଖିବାକୁ ମିଳିଛି । ତେବେ ଧାରଣରେ ବସିବା ପୂର୍ବରୁ ଜଗତସିଂହପୁର ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ପାରାଦୀପ ସ୍ଥିତ ଅତିରିକ୍ତ ଜିଲ୍ଲାପାଳ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ପାରାଦୀପ ଆଦର୍ଶ ଥାନା ଅଧିକାରୀଙ୍କୁ ପୃଥକ ପୃଥକ ପତ୍ର ମାଧ୍ୟମରେ ଅବଗତ କରିଥିବା ସତ୍ତ୍ୱେ ଧାରଣାରେ ବସିବାର ତିନି ଦିନ ପରେବି ଜିଲ୍ଲା ପ୍ରଶାସନ କିମ୍ବା ପୁଲିସ ପ୍ରଶାସନ ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିନଥିବା ଜଣାପଡିଛି । ସଂଘରେ ଦୁର୍ନୀତି ର ତଦନ୍ତ ନହେବା ପର୍ଯ୍ୟନ୍ତ ଏହି ଧାରଣା ଚାଲୁ ରହିବ ବୋଲି ଧାରଣାରତ ଗାଡି ମାଲିକ ମାନେ କହିଛନ୍ତି । ଅନ୍ୟପକ୍ଷରେ ସଂଘର ସଭାପତି ରାକେଶ ଜେନା କହିଛନ୍ତି ଯେ ସଂଘର ସମସ୍ତ କାର୍ଯ୍ୟରେ ସ୍ୱଚ୍ଛତା ଓ ସମସ୍ତ ସଦସ୍ୟଙ୍କ ଜ୍ଞାତ ସାରରେ କରାଯାଉଛି ଏବଂ ଯେଉଁ ପ୍ରତିବାଦ ଡ୍ରାମା କରାଯାଉଛି ଏହା ବିରୋଧୀ ମାନେ ଆଗାମୀ ନିର୍ବାଚନ କୁ ଆଖି ଆଗରେ ରଖି କରାଯାଉଥିବା ପାଲଟା ଅଭିଯୋଗ କରିଛନ୍ତି ।

## ପରିବେଶବିତ ଅମରେଶଙ୍କୁ ସମ୍ମାନୀତ କଲେ ମୁଖ୍ୟମନ୍ତ୍ରୀ.

ପାରାଦୀପ, (ମହାଭାରତ) : ବନ୍ୟପ୍ରାଣୀ ସରଂକ୍ଷଣ ଓ ପୁନଃଉଦ୍ଧାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପରିବେଶବିତ ତଥା ପାରାଦ୍ୱୀପ ବନ୍ଦରରେ କାର୍ଯ୍ୟରତ ଯନ୍ତ୍ରୀ ଅମରେଶ ନରେଶ ସାମନ୍ତଙ୍କୁ ସବଡିଭିଜନ ସ୍ଥରୀୟ ମୁଖ୍ୟମନ୍ତ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି । ଗତ ସପ୍ତାହରେ ରାଜ୍ୟ ସ୍ଥରୀୟ ବନ୍ୟପ୍ରାଣୀ ସରଂକ୍ଷଣ ସପ୍ତାହ ପାଳନ ଅବସରରେ ଜଗତସିଂହପୁର ଜିଲ୍ଲା ନୂଆଗଡ ପଂଚାୟତର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ବିଶେଷ ଉତ୍ସବରେ ରାଜନଗର ବନଖଣ୍ଡ ଉପ ସରଂକ୍ଷକ ଗଗନ ବିହାରୀ ମଲିକ ଶ୍ରୀ ସାମନ୍ତଙ୍କ ଅନୁପସ୍ଥିତରେ ତାଙ୍କ ପିତା ଶିକ୍ଷାବିତ ବସନ୍ତ କୁମାର ସାମଲଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନପତ୍ର ସହିତ ପଚିଶ ହଜାର ଟଙ୍କାର ଚେକ ପ୍ରଦାନ କରିଥିଲେ କ୍ଷ ଏହି ଉତ୍ସବରେ କୁଜଙ୍ଗ ବନ୍ୟପ୍ରାଣୀ ରେଞ୍ଜ ଅଧିକାରୀ ସଞ୍ଜୟ ପ୍ରଧାନ, ଜମ୍ବୁ ରେଞ୍ଜ ଅଧିକାରୀ ଶାନ୍ତନୁ ଦଳେଇ, ଚି□ରଞ୍ଜନ ବେଉରା, ପ୍ରସନ୍ନ କୁମାର ନାୟକ, ଏମଏଫଡି, ରାଜନଗର, ସ୍ଥାନୀୟ ନୂଆଗଡ ସରପଂଚ ଦେବେନ୍ଦ୍ର କୁମାର ରାଉତ ପ୍ରମୁଖ ଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ କ୍ଷ ପରିବେଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶ୍ରୀ ସାମନ୍ତଙ୍କୁ ଦ୍ୱିତୀୟ ଥର ଏହି ସମ୍ମାନ ପ୍ରଦାନ କରାଯଇଛି । ପୂର୍ବରୁ ପରିବେଶ ପ୍ରତି ନିଜର ସମର୍ପଣ ଭାବ ନିମନ୍ତେ ଭାରତର ଯଶ୍ୱସୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜର ୭୫ତମ ମନ କି ବାତ କାର୍ଯ୍ୟକ୍ରମରେ ଶ୍ରୀ ସାମନ୍ତଙ୍କୁ ମଧ ଭୁୟସୀ ପ୍ରଶଂସା କରିଥିଲେ । ଏହି ସମ୍ବର୍ଦ୍ଧନା ଉତ୍ସବରେ ଶ୍ରୀ ସାମନ୍ତଙ୍କ ଦ୍ୱାରା ପ୍ରତିଷ୍ଠିତ ପରିବେଶଧର୍ମୀ ଅନୁଷ୍ଠାନ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦର ବରିଷ୍ଠ ସଭ୍ୟ ଦିଲୀପ ପଳେଇ, ଅମୁଲ୍ୟ ଦାଶ, ଅଭିଜିତ ପଳେଇ, ପ୍ରଦୀପ ପରିଡା, ଦୀପକ ସାମଲ, ,ପିନା ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ପୂର୍ବରୁ ଶ୍ରୀ ସାମନ୍ତ ଓ ତାଙ୍କ ଅନୁଷ୍ଠାନକୁ ରାଜ୍ୟ ସରକାରଙ୍କ ତରଫରୁ ଦୁଇ ଥର ପ୍ରକୃତି ବନ୍ଧୁ ଓ ପ୍ରକୃତି ମିତ୍ର ସମ୍ମାନ ମଧ ପ୍ରଦାନ କରାଯାଇଛି । ବର୍ଷ ୨୦୧୭ ରେ କେନ୍ଦ୍ର ସରକାର ଏହି ଅନୁଷ୍ଠାନକୁ ସାମାଜିକ କ୍ଷେତ୍ରରେ ଓଡ଼ିଶାର ଶ୍ରେଷ୍ଠ ଅନୁଷ୍ଠାନ ରୂପେ ମଧ ପୁରସ୍କୃତ କରିଥିଲେ।

## ଫୁଲ ବଉଳ ବେଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲିଚନ୍ଦ୍ରପୁର, (ଡି କେ ନ୍ୟୁଜ) : ବାଲିଚନ୍ଦ୍ରର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଅବସର ରେ ମୁଖ୍ୟ ଲକ୍ଷ୍ମୀ ମଣ୍ଡପ ପରିସର ରେ ଫୁଲ ବଉଳ ବେଣୀ କାର୍ଯକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଭାରତୀୟ ନୃତ୍ୟ ଏକାଡେମି ନାନପୁର ଦ୍ୱାରା ଲକ୍ଷ୍ମୀ ଖମାରୀ ଙ୍କ ପ୍ରଯୋଜନା ରେ ଏହି ସୁନ୍ଦର କାର୍ଯକ୍ରମ ପରିବେଷିତ ହୋଇ ଥିଲା। ପୂଜା କମିଟି ର ସଦସ୍ୟ ପ୍ରକାଶ ଚନ୍ଦ୍ର ସାମଲ ଙ୍କ ଅଧକ୍ଷତା ରେ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଲିଚନ୍ଦ୍ରପୁର ଥାନା ଅଧିକାରୀ ସମରଜିତ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯକ୍ରମ କୁ ଉଦଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ଦାମୋଦର ମହାରଣା ଯୋଗ ଦେଇଥିଲା ବେଳେ ସମ୍ମାନୀତ ଅତିଥି ଭାବରେ ଶ୍ୟାମ ସୁନ୍ଦର ବଜାର କମିଟି ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୀପ୍ତ କୁମାର ପୃଷ୍ଟି, ସରପଂଚ ଙ୍କ ପ୍ରତିନିଧି ଅମୀୟ କୁମାର ସାହାଣୀ ପ୍ରମୁଖ ଯୋଗଦେଇ ଶିଶୁ କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ। ସାମ୍ବାଦିକ ପ୍ରଭାସ କୁମାର ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ପତରାଜ ପୁର ଷ୍ଟେଟ ବିଗ୍ରେଡ ସ୍କୁଲ ର ଅନନ୍ୟା ସାମଲ ଶ୍ରେଷ୍ଠ ନୃତ୍ୟ ପରିବେଷଣ କରିଥିଲେ। ପୂଜା କମିଟି ର ଧୀରେନ୍ଦ୍ର ଚୌଧୁରୀ, ନିରଞ୍ଜନ ବିଶ୍ୱାଳ, ବଟ କୃଷ୍ଣ ସାହୁ, ଅକ୍ଷୟ ପରିଡା ଓ ରଣଜିତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ରମେଶ ଚନ୍ଦ୍ର ପୃଷ୍ଟି।

## ଶିମିଳିସାହି ଠାରେ ପଂଚାୟତସ୍ତରୀୟବୀର ସହୀଦ କଷ୍ଟି ଡ଼ାକୁଆଙ୍କ ସହୀଦ ଦିବସ ପାଳିତ




ନୂଆଗାଁ, (ମହାଭାରତ ): ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ବିଭିନ୍ନ ସ୍ଥାନରେ ବୀର ସହୀଦ ଦିବସ ପାଳନ ହୋଇଯାଇଛି। ସୂଚନା ଥାଉକି ଶୁକ୍ରବାର ଜାକେଡ଼ା ଗ୍ରାମ ପଂଚାୟତ ପକ୍ଷରୁ ଶିମିଳିସାହି ଠାରେ ପଂଚାୟତ ସ୍ତରୀୟ ନୂତନ ଭାବେ ୮୪ ତମ ବୀର ସହୀଦ କଷ୍ଟି ଡ଼ାକୁଆ ଦିବସ ପାଳନ ହୋଇଯାଇଛି।ପ୍ରଥମେ ମାନ୍ୟବର ବିଧାୟକ ଦଶପଲ୍ଲା ରମେଶ ଚନ୍ଦ୍ର ବେହେରା ଙ୍କୁ ବାଜା,ବାଣ,ନାମ ସଂକୀ□ନ, ଶଙ୍ଖ ନାଦ ଓ ହୁଳହୁଳି ଦେଇ ସ୍ୱାଗତ ଜଣାଇ ବୀର ସହୀଦ କଷ୍ଟି ଡ଼ାକୁଆ ଙ୍କ ସ୍ମୃତି ସ୍ତମ୍ଭ ନିକଟକୁ ପଛୁଟି ଅଣାଯାଇଥିଲା। ସେଠାରେ ବୀର ସହୀଦ କଷ୍ଟି ଡ଼ାକୁଆଙ୍କ ସ୍ମୃତି ସ୍ତମ୍ଭ ଓ ଫଟୋ ଚିତ୍ରରେ ପୁଷ୍ପମାଲ୍ୟା ଅର୍ପଣ କରିବା ସହ କଷ୍ଟି ଡ଼ାକୁଆ ଅମର ରହେ ସ୍ଲୋଗାନ ଦେଇଥିଲେ।ଏହାପରେ ସ୍ଥାନୀୟ ସରପଂଚ ସୁମିତ୍ରା ଜାନି ଙ୍କ ସଭାପତିତ୍ୱରେ ଏକ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ଦଶପଲ୍ଲା ରମେଶ ଚନ୍ଦ୍ର ବେହେରା ଯୋଗଦେଇ ବୀର ସହୀଦ କଷ୍ଟି ଡ଼ାକୁଆ ଙ୍କ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ନୂତନ ଭାବେ ବୀର ସହୀଦ କଷ୍ଟି ଡ଼ାକୁଆ ଙ୍କ ସହୀଦ ଦିବସ ପାଳନ କରୁଥିବା କେବଳ ନିଜ ଗାଁ ସୀମିତ ନରଖି ଏହାକୁ ପଂଚାୟତ ସ୍ତରୀୟ ବହୁଆଡମ୍ବରରେ କାର୍ଯ୍ୟକ୍ରମ କରିଥିବାରୁ ସମଗ୍ର ପଂଚାୟତ ବାସୀଙ୍କୁ ବିଧାୟକ ଧନ୍ୟବାଦ ଜଣାଇଥିଲେ।ଏହାକୁ ଆଗାମୀ ଦିନରେ କିଭଳି ବ୍ୟାପକ ଭାବେ ପାଳନ କରାଯିବା ସହ ସହୀଦ କଷ୍ଟି ଡ଼ାକୁଆ ଙ୍କ ଏକ ପ୍ରତିମୂ□ ସ୍ଥାପନ କରାଯିବା ପାଇଁ ମଧ ପ୍ରତିଶୃତି ଦେଇଥିଲେ। ଏନେଇ ବିଧାୟକ ଙ୍କୁ ପଂଚାୟତର ଜନସାଧାରଣ ମାନେ ଧନ୍ୟବାଦ ଜଣାଇଥିଲେ।ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳରୁ ବହୁ ସଂଖ୍ୟାରେ ଲୋକମାନେ ଯୋଗ ଦେଇଥିଲେ।ସେହିପରି ପାରାଡ଼ିପି ଗ୍ରାମପଂଚାୟତ ଅନ୍ତର୍ଗତ ସ୍ୱାଧୀନତା ସଂଗ୍ରାମୀ ଆଦର୍ଶ ଗ୍ରାମ, ଗୌଡ଼ ଥୁଆବାରୀ ଠାରେ ସହୀଦ ଶ୍ରାଦ୍ଧ ଦିବସ ତଥା ପ୍ରଜାମଣ୍ଡଳ ସ୍ୱାଧୀନତା ସଂଗ୍ରାମୀ କଣ୍ଟୁରି ପରିଡ଼ା ,ବୁଦ୍ଧି ପରିଡ଼ା ଓ ଦୟା ବେହେରାଙ୍କ ସ୍ମୃତି ଉଦ୍ଦେଶ୍ୟରେ ୮୪ତମ ସହୀଦ ସ୍ମାରକୀ ସମାରୋହରେ ବିଧାୟକ ଦଶପଲ୍ଲା ରମେଶ ଚନ୍ଦ୍ର ବେହେରା ଯୋଗଦେଇ ସହୀଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୂଆଗାଁ ପଂଚାୟତ ସମିତି ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରା,୧୭ ନଂ ଜୋନ ଜିଲ୍ଲାପରିଷ ଙ୍କ ପ୍ରତିନିଧି ତଥା ଜିଲ୍ଲା ବିଜେଡ଼ି ଉପସଭାପତି ଦିଲ୍ଲିପ କୁମାର ଦଳବେହେରା, ସମାଜସେବୀ ଶଙ୍କର୍ଷଣ ବେହେରା, ଜାକେଡ଼ା ପଂଚାୟତ ସମିତି ସଭ୍ୟା ପ୍ରଭାତୀ ମଳିକ,ପୂର୍ବତନ ସରପଂଚ ପାଣ୍ଡବ ଜେନା,ନାଏବ ସରପଂଚ ପ୍ରହଲ୍ଲାଦ ମଳିକ,ପାରାଡ଼ିପି ସରପଂଚ ବିଭୂତି ଭୂଷଣ ପ୍ରଧାନ, ଗୁମି ସମିତି ସଭ୍ୟ ସଞ୍ଜୀବ କୁମାର ଡ଼ାକୁଆ,କୋରଡ଼ା ପୂର୍ବତନ ସରପଂଚ ଗୋଲଖ ବିହାରୀ ଗୋଛାୟତ, ନୂଆଗାଁ ସରପଂଚ ଙ୍କ ପ୍ରତିନିଧି ପଦ୍ମଲୋଚନ ପରିଡ଼ା, ମାଇଛେଳି ସରପଂଚ ଙ୍କ ପ୍ରତିନିଧି ଦାଶରଥି ପ୍ରଧାନ,ବେରୁଆଁବାରୀ ସମିତି ସଭ୍ୟ କେଦାର ସେଠି,ବରିଷ୍ଠ ବିଜେଡ଼ି ନେତା ସୁରେନ୍ଦ୍ର ପ୍ରଧାନ,ଇନ୍ଦ୍ରମଣି ମଳିକ, କୋରଡ଼ା ମାଳ ତଥା ୩୦ଖଣ୍ଡ ମୌଜାର ସଭାପତି ନରସିଂହ ଜାନି,ବିଶ୍ୱନାଥ ମଳିକ,ଲକ୍ଷ୍ମୀଧର ଜାନି, ଅନିରୋଧ ମଳିକ, ପରକ୍ଷିତ ଜାନି,ସମ୍ପାଦକ ଅଇଁଠା ମଳିକ, ପ୍ରକାଶ ମଳିକ, ସୁବ୍ରତ ପରିଡ଼ା, ବୁଲୁ ମଳିକ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଗଛକୁ ପିଟିଲା କାର, ଦୁଇ ଗୁରୁତର

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା - ଭଞ୍ଜନଗର ରାସ୍ତାର ଦଶପଲ୍ଲା ଥାନା ଅନ୍ତର୍ଗତ ଗଉଡ - ପଙ୍କାଳସାହି ସନ୍ନିକଟରେ ରବିବାର ଦିନ କାର୍ ଦୁର୍ଘଟଣାରେ ଦୁଇ ଜଣ ଗୁରୁତର ହୋଇଛନ୍ତି । କାର୍ ଟି ଦଶପଲ୍ଲା ଅଭିମୁଖେ ଆସୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା କଡ଼ ଗଛକୁ ଧକ୍କା ଦେବା ଫଳରେ ଏଭଳି ଘଟଣା ଘଟିଛି । ଘଟଣାରେ କୁଲାଡ଼ ଅଂଚଳର ଶର୍ମିଳା ରଥ (୩୮ ବର୍ଷ ) ଓ ଶୁଭ୍ରାଦିତ୍ୟ ପାଣିଗ୍ରାହୀ (୧୨ ବର୍ଷ) ଗୁରୁତର ହୋଇଥିବା ବେଳେ ଉଭୟଙ୍କୁ ଦଶପଲ୍ଲା ଦମକଳବାହିନୀ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭ□ କରିଥିଲେ । ଦୁର୍ଘଟଣାଗସ୍ତ କାର୍ ନମ୍ବର ହେଉଛି ଓଡି ୦୫ ଏଫ୍ ୮୪୮୯ ।

## ବାମରାରେ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

ସମ୍ବଲପୁର, (ମହାଭାରତ): ବାମରା ବ୍ଲକ ସମ୍ମିଳନୀ କକ୍ଷରେ ସମ୍ବଲପୁର ଜିଲ୍ଲା ସାମ୍ବାଦିକ ୟୁନିଅନର କାର୍ଯ୍ୟକାରିଣୀ ବୈଠକ ଜିଲ୍ଲା ସଭାପତି ପ୍ରଭାତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ସାମ୍ବାଦିକ ୟୁନିଅନର ପୂର୍ବତନ ସାଧାରଣ ସମ୍ପାଦକ ତଥା ଟ୍ରିବୁନାଲ ଅଧକ୍ଷ ଅଶୋକ ନନ୍ଦ ମୁଖ୍ୟ ଅତିଥି ଓ ଓୟୁଜେ କୋଷାଧ୍ୟକ୍ଷ ଅମୂଲ୍ୟ ସ୍ୱାଇଁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସାମ୍ବାଦିକ ସୁରକ୍ଷା ଆଇନ, ପେନସନ ଓ ସ୍ୱାସ୍ଥ୍ୟ ବୀମାରେ ପିତା ମାତାଙ୍କୁ ସାମିଲ କରିବା ପାଇଁ ଏହି ବୈଠକରେ ଦୃଢ଼ ଦାବି ହୋଇଥିଲା। ବୈଠକରେ ଜିଲ୍ଲା ସାଧାରଣ ସମ୍ପାଦକ ଶରତ ପ୍ରଧାନ ବିବରଣୀ ପ୍ରଦାନ କରିଥିବା ବେଳେ କୋଷାଧ୍ୟକ୍ଷ ହେମନ୍ତ ରାଉତ ଆୟ ବ୍ୟୟ ଉପସ୍ଥାପନ କରିଥିଲେ। ବାମରା ବ୍ଲକ ୟୁନିଟ ର ସଦସ୍ୟ କ୍ଷୀରୋଦ ସା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବାମରା ବ୍ଲକ ସଭାପତି ସନ୍ତୋଷ ଶୁକ୍ଳା ସ୍ୱାଗତ ଭାଷଣ ଦେଇଥିଲେ। ଉପ ସଭାପତି ଦିନେଶ ମାହାନା, ସତୀଶ ମିଶ୍ର, ସମ୍ପାଦକ ମନୋଜ ରାଜ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ମିଶ୍ର, ସଂଗଠନ ସମ୍ପାଦକ ରାଜେନ୍ଦ୍ର ନାଏକ ଓ ବରିଷ୍ଠ ସାମ୍ବାଦିକ ହରିହର ନାଥ ପ୍ରମୁଖ ମଂଚାସିନ ହୋଇ ନିଜ ନିଜ ବକ୍ତବ୍ୟ ଦେଇଥିଲେ। କୁଚିଣ୍ଡା, ଜମନକିରା, ରେଢ଼ାଖୋଲ, ନାକଟିଦେଉଳ, ଯୁଯୁମୁରା, ରେଙ୍ଗାଲି, ଧନକଉଡ଼ା, ମାନେଶ୍ୱର ଓ ବାମରା ବ୍ଲକର ସଦସ୍ୟ ଯୋଗଦାନ କରିଥିଲେ। ଏଥିରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା କରାଯାଇଥିବା ବେଳେ ରାଜ୍ୟସ୍ତରୀୟ ସେମିନାର ଓ ମିଡ଼ିଆ ୱାର୍କ ସପ୍ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ଏଥିସହ ଟୋଲ ଗେଟ ରେ ସାମ୍ବାଦିକଙ୍କ ନିଶୁଳ୍କ ପ୍ରବେଶ ଦାବି ନେଇ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଦାବି ହୋଇଥିଲା। ବୈଠକରେ ବରିଷ୍ଠ ସଦସ୍ୟ ସୁଶିଲ କର, ବିରିଂଚ ଦର୍ଜା, ଜୈନେନ୍ଦ୍ର ଚୌଧୁରୀ ଓ ଗଣନାଥ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ତଥା ସମସ୍ତ ବ୍ଲକ ୟୁନିଅନକୁ ସ୍ମୃତିଚିହ୍ନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଜମନକିରା ବ୍ଲକ ସଭାପତି କ୍ଷିତିରଞ୍ଜନ ପଧାନ, ରେଢ଼ାଖୋଲ ବ୍ଲକ ସଭାପତି ପ୍ରସନ୍ନ ପଧାନ, ନାକଟିଦେଉଳ ବ୍ଲକ ସଭାପତି କନ୍ଦର୍ପ ବେହେରା, ରେଙ୍ଗାଲି ବ୍ଲକ ସଭାପତି ମନୋଜ ମୁଦୁଲି, କୁଚିଣ୍ଡା ବ୍ଲକ ସଭାପତି ଦିନେଶ ନନ୍ଦ, ମାନେଶ୍ୱର ବ୍ଲକ ସଭାପତି ଭଗବାନ ପୁରୋହିତ, ଯୁଯୁମୁରା ବ୍ଲକ ସଭାପତି ରାଧାମୋହନ ଷଡ଼ଙ୍ଗୀ, ବାମରା ବ୍ଲକ ସମ୍ପାଦକ ସୁଧୀର ରାଏ ରିପୋର୍ଟ ଉପସ୍ଥାପନ କରିଥିଲେ। ବାମରା ବ୍ଲକ ସାମ୍ବାଦିକ ୟୁନିଅନର ପ୍ରମୋଦ ଦୀକ୍ଷିତ, ସୁରେଶ ଘୋଷ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ରାଜା ଖାନ ଧନ୍ୟବାଦ ଅର୍ପଣ କରିଥିଲେ।

# ମେଲାଣି ନେଲେ ମା' ଲକ୍ଷ୍ମୀ

- ମିଳିତ ଭସାଣି ଶୋଭାଯାତ୍ରାରେ ସାମିଲ ହେଲେନି ଅନେକ ମଣ୍ଡପ
- ପୂଜା କମିଟି ଆଗରେ ମୁଣ୍ଡ ନୂଆଁଇଲା ପ୍ରଶାସନ, ବାଜିଲା ଡିଜେ
- ଜଳଜଳ ହୋଇ ଦିଶିଲା ଟ୍ରାଫିକ୍ ଅବ୍ୟବସ୍ଥା
- ଭସାଣି ଭିତରେ ମାଲମାଲ ଦୁଇଚକିଆ ଯାନ

ଖୋର୍ଦ୍ଧା, (ମହାଭାରତ) କୁମାର ପୂର୍ଣ୍ଣିମା ଠାରୁ ଆରମ୍ଭ ହୋଇଥିବା ଗଜଲକ୍ଷ୍ମୀ ପୂଜା ଚଳିତ ବର୍ଷ ଅନେକ ଅବ୍ୟବସ୍ଥା ଭିତରେ ସମାପନ ହୋଇଛି । ସ୍ଥାନୀୟ ଅଂଚଳରେ ଗଣ ପର୍ବର ମାନ୍ୟତା ପାଇଥିବା ଗଜଲକ୍ଷ୍ମୀ ପୂଜା ମିଳିତ ଭସାଣି ଶୋଭାଯାତ୍ରା ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ସହରରେ ୩୫ରୁ ଉର୍ଦ୍ଧ୍ୱ ସ୍ଥାନରେ ଅସ୍ଥାୟୀ ପୂଜା ମଣ୍ଡପ ମାନଙ୍କରେ ମା ଲକ୍ଷ୍ମୀଙ୍କର ମୃର୍ଣ୍ମୟୀ ପ୍ରତିମା ୭ଦିନ ଧରି ସୁସଜ୍ଜିତ ବେଶରେ ପୂଜା ପାଇଥିଲେ। ଏଥିଲାଗି ସମଗ୍ର ସହର ଉତ୍ସବ ମୁଖରିତ ହୋଇ ଉଠିଥିଲା । ବିଭିନ୍ନ ସ୍ଥାନରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ସୁଉଚ୍ଚ ତୋରଣ ସୁସଜ୍ଜିତ ଆଲୋକ ମାଳାରେ ସହର ଝଲସି ଉଠିଥିଲା । ସ୍ଥାନୀୟ ଅଂଚଳର ବାସିନ୍ଦା ଏବଂ ଆଖପାଖ ଗ୍ରାମାଂଚଳର ଲୋକ ମାନେ ମଧ୍ୟ ଏହାକୁ ବେଶ ଉପଭୋଗ କରିଥିଲେ। ରବିବାର ସନ୍ଧ୍ୟାରେ ମାଙ୍କ ମିଳିତ ଭସାଣି ଲାଗି ପୌର ପ୍ରଶାସନ ପ୍ରସ୍ତୁତି କରିଥିଲା। ଚଳିତ ବର୍ଷ ଭସାଣି ଆରମ୍ଭରୁ ବିଶୃଙ୍ଖଳା ଦେଖାଯାଇଛି । ଅନେକ ଦିନ ଧରି ସ୍ଥାନୀୟ ଅଂଚଳର ବରିଷ୍ଠ ନାଗରିକଙ୍କ ପକ୍ଷରୁ ଡିଜେ ମୁକ୍ତ ରୋଷଣୀ ପାଇଁ ଦାବି ଥିଲା ଏବଂ ପ୍ରଶାସନ ଠାରୁ ମଧ ଏ ନେଇ ପ୍ରତିଶ୍ରୁତି ମିଳିଥିଲା । ବହୁ ଆଡମ୍ବରରେ ଲଘୁକ୍ରିୟା ଭଳି ଚଳିତବର୍ଷ ନେତୃତ୍ୱ ବିହୀନ ଭସାଣି ଉତ୍ସବ ହୋଇଥିବା ଦେଖାଯାଇଛି । ଜିଲ୍ଲା ପୋଲିସ ପକ୍ଷରୁ ଦିନ ତମାମ ପୋଲିସ ରିଜର୍ଭ ପଡିଆରେ ଟ୍ରାଫିକ ନିୟନ୍ତ୍ରଣ ଅଭ୍ୟାସ କରା ଯାଇଥିଲା ସୁଦ୍ଧା ସନ୍ଧ୍ୟା ବେଳକୁ ସହରରେ ଟ୍ରାଫିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ଦେଖିବାକୁ ମିଳିଥିଲା । ଆମ୍ବୁଲାନ୍ସ ଠାରୁ ବସ ଗହଳିରେ ଫସିଥିବା ବେଳେ ଭସାଣି ଭିତରେ ମାଲମାଲ ଦୁଇଚକିଆ ଯାନ ପଇଁତରା ମାରୁଥିବା ଦେଖିବାକୁ ମିଳିଥିଲା । ପୂର୍ବରୁ ବ୍ୟବସାୟୀ ମହାସଂଘ ଓ ଜିଲ୍ଲା ପ୍ରଶାସନ ମିଳିତ ଆନୁକୁଲ୍ୟରେ ଭସାଣୀ ହେଉଥିବା ବେଳେ ଚଳିତ ବର୍ଷ ପୂଜା କମିଟି ମାନଙ୍କୁ ଅଣଦେଖା କରି ପୌରପରିଷଦ ଏହାକୁ କରିବା ଦ୍ୱାରା ଅନେକ ଅବ୍ୟବସ୍ଥା ହୋଇଥିବା ସାଧାରଣରେ ଚର୍ଚ୍ଚା ହୋଇଛି। ଚଳିତ ବର୍ଷ ବିଭିନ୍ନ ପୂଜାମଣ୍ଡପରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଗଜଲକ୍ଷ୍ମୀଙ୍କ ମେଢ ହୋଇଥିବା ବେଳେ ମିଳିତ



ଭସାଣୀରେ ମାତ୍ର ୨୦ଟି ମେଢ଼ ସାମିଲ ହେବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ଭଷାଣୀ ଯାତ୍ରାରେ ଡିଜେ ନ ବଜାଇବାକୁ ପ୍ରଶାସନର ପୂର୍ବ ନିଷ୍ପତିକୁ ବିରୋଧ କରି ଅସନ୍ତୁଷ୍ଟ ହୋଇ ଅନେକ ପୂଜା କମିଟି ଭସାଣିରେ ସାମିଲ ନହୋଇ ଦିନବେଳୁ ମେଢ ବିସର୍ଜନ କରିଛନ୍ତି । ସେହିପରି ବିନା ଡିଜେରେ ଭସାଣୀକୁ ବିରୋଧ କରି ବିଭିନ୍ନ ପୂଜା କମିଟି ନିର୍ଦ୍ଧାରିତ ରାସ୍ତାରେ ନଯାଇ ବିଜେବି ହାଇସ୍କୁଲ ପଡିଆରୁ ବାହାରି ଇଗଲକ୍ଲବ୍ ଦେଇ ଚଣ୍ଡୀଚୁଆ ହୋଇ ବିସର୍ଜନ ପାଇଁ ନିଷ୍ପ□ ନେଇଥିଲେ । ଅନ୍ୟ କମିଟି ସଦସ୍ୟମାନେ ଡିଜେ ବାଦ୍ୟ ବଜାଇବା ଦାବିରେ ବିଜେବି ହାଇସ୍କୁଲ ପଡିଆ ଠାରେ ପ୍ରତିବାଦ ମଧ୍ୟ କରିଥିଲେ । ଖୋର୍ଦ୍ଧା ଉପ-ଜିଲ୍ଲାପାଳ କିଶୋର ପଣ୍ଡା, ତହସିଲଦାର ବିଭାସ ପାଣିଗ୍ରାହୀ ପ୍ରମୁଖ ପହଁଚି ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ପ୍ରାଶାସନିକ ଅଧିକାରୀ ଦୀର୍ଘ ଅଧଘ[। ପରିଶ୍ରମ କରି ପୂଜା କମିଟିର ଅବୁଝା ସଦସ୍ୟମାନଙ୍କୁ ବୁଝାଇବାରେ ସଫଳ ହୋଇଥିବା ବେଳେ ପୂଜା କମିଟି ଗୁଡିକ ନିୟମ ଅନୁଯାୟୀ ଭସାଣୀ କରିବାକୁ ରାଜି ହେବା ପରେ ପ୍ରାୟ ୭ଟା ୧୫ ବେଳକୁ ଆରମ୍ଭ ହେଲା ଭସାଣୀ ଯାତ୍ରା । ଶେଷରେ ନିୟମ ଅନୁଯାୟୀ ପୂଜାକମିଟି ପକ୍ଷରୁ ମେଢକୁ ସହର ମଧ ଦେଇ ନିଆଯାଇଥିଲା । ଏହି ଭସାଣୀ ଶୋଭାଯାତ୍ରରେ ବିଭିନ୍ନ ପ୍ରକାର ପାରମ୍ପାରିକ ବାଦ୍ୟ ସାଙ୍ଗକୁ ବିଭିନ୍ନ ପ୍ରକାରର ଡିଜେ ବାଦ୍ୟ ଯନ୍ତ୍ରରେ ସହର ଦୁଲୁକୁଥିଲା । ଏହା ବିଳମ୍ବିତ ରାତି ପର୍ଯ୍ୟନ୍ତ ଲାଗି ରହିଥିଲା । ଏହାକୁ ଦେଖିବାକୁ ସହରର ମୁଖ୍ୟରାସ୍ତା କଡରେ ହଜାର ହଜାର ଦର୍ଶକଙ୍କର ସମାଗମ ହୋଇଥିଲା । ସହର ମଧ ସ୍ଥଳ ସମବାୟ ବ୍ୟାଙ୍କ ଛକ ଠାରେ ନିର୍ମିତ ପେଣ୍ଡାଲରେ ଶାନ୍ତି ଶୃଙ୍ଖଳା, ଉ□ମ ମେଢ, ସାଜସଜ୍ଜା ଲାଗି ତିନିଗୋଟି ଶ୍ରେଷ୍ଠ ବିବେଚିତ ମେଢ ଚୟନ କରିବା ଲାଗି ବିଚାରକ ମଣ୍ଡଳୀ ଉପସ୍ଥିତ ଥିଲେ । ମେଢ ଗୁଡିକ ନିର୍ଦ୍ଧାରିତ ସମୟ ଠାରୁ ବହୁ ବିଳମ୍ବରେ ମିଳିତ ଭଷାଣୀ ଶୋଭାଯାତ୍ରା ବାହାରିଥିଲେ । ମେଢ ଗୁଡିକ ପୁରୁଣା ବସଷ୍ଟାଣ୍ଡ, ସମବାୟ ଛକ, ନୂଆବସଷ୍ଟାଣ୍ଡ ଦେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଟି.ଏଲ.ଏସି ରୋଡରେ ନିର୍ମୀତ ହୋଇଥିବା ଅସ୍ଥାୟୀ ପୁଷ୍କରିଣୀ ଖଣି ପୋଖରୀ ଠାରେ ବିସର୍ଜିତ ହୋଇଥିଲେ ।

## କେ-ଗ୍ୟାଙ୍ଗ୍ ନିକଟରେ ପହଞ୍ଚିପାରୁନି ଜିଲ୍ଲା ପୋଲିସ

# ସିସିଟିଭି ଫୁଟେଜରୁ ଚିତ୍ର ମିଳିଥିଲେ ବି ପୁଲିସ କୁ ମିଳୁନି ସଫଳତା




ନୟାଗଡ଼, ( ମହାଭାରତ ) : ନୟାଗଡ଼ ଟାଉନ ଥାନା ଅଧୀନରେ ଲଗାତାର ଭାବେ ବଢ଼ି ଚାଲିଛି ଚୋରି ଡ଼କାୟତି। ନୟାଗଡ଼ ପୁଲିସକୁ ଖୋଲା ଚ୍ୟାଲେଞ୍ଜ କରି ବାରମ୍ବାର ଜିଲ୍ଲାର ବିଭିନ୍ନ ଥାନା ଅଧୀନରେ ଲୁଟ୍ କରୁଥିବା କେ-ଗ୍ୟାଙ୍ଗର ପତ୍ତା ଆଜି ପର୍ଯ୍ୟନ୍ତ ପୁଲିସ ମିଳୁନି। କେବଳ ଏହି ଗ୍ୟାଙ୍ଗ ଯେ, ନୟାଗଡ଼ରୁ ଲୁଟିଛନ୍ତି ତାହା ନୁହେଁ ବରଂ ଖୋର୍ଦ୍ଧା ଜିଲ୍ଲାର ବାଣପୁର, ଗଞ୍ଜାମ ଜିଲ୍ଲାର ତିନି ଥାନା, ସୁନ୍ଦରଗଡ଼ର କୋଇଡ଼ା ଥାନା, ପାଟଣାଗଡ଼, କଣ୍ଟାବାଞ୍ଜି ସମେତ କମିସନରେଟ ପୁଲିସ ଅଞ୍ଚଳରେ ମଧ ଏହି ଗ୍ୟାଙ୍ଗ୍ ସିରିଜ୍ ଡକାୟତୀ କରି ଫେରାର ହୋଇଯାଉଛି। ଏ ସମସ୍ତ ଥାନାରେ ସେମାନେ ଗୋଟିଏ ଘରୁ ନୁହେଁ ନୟାଗଡ଼ ପରି ସିରିଜ୍ ଲୁଟ୍ ହେଉଥିବା ଶୁଣିବାକୁ ମିଳିଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ମୁତାବକ, ଏହି ଘଟଣା ଘଟିବା ପୂର୍ବରୁ କିଛି ଲୋକ କମ୍ବଳ, ଶାଢ଼ି କିମ୍ବା ଅନ୍ୟାନ୍ୟ ଘର କରଣା ଜିନିଷ ବିକ୍ରି କରିବା ପାଇଁ ବିଭିନ୍ନ ଅଞ୍ଚଳରେ ବୁଲାବୁଲି କରୁଛନ୍ତି। ଏହା ସହ କେଉଁ ଅଞ୍ଚଳରେ ବଡ଼ ବଡ଼ ପର୍ବପର୍ବାଣୀ ପାଳନ କରାଯାଉଛି, ସେଠାରେ ମଧ ପହଞ୍ଚୁଛନ୍ତି।ଏହି ବାହାନାରେ ସେମାନେ ସମସ୍ତ ଗାଁ ଉପରେ ନଜର ରଖୁଥିବା ପୁଲିସ ସନ୍ଦେହ କରୁଛି। ନୟାଗଡ଼ରେ ରୀତିମତ ଭାବେ ଓଡ଼ଗାଁ ସହର, ରାଜସୁନାଖଳା ଓ ଭାପୁରରେ ଏମିତି ଶୈଳୀରେ ଲୁଟ୍ ହେଉଛି। ଲୁଟ୍ କରିବା ପରେ ଏହି ଗ୍ୟାଙ୍ଗର ସମସ୍ତ ସଦସ୍ୟ ଜିଲ୍ଲା ଛାଡ଼ି ଆଉ ଏକ ଜାଗାକୁ ପଳାଉଛନ୍ତି। ଫଳରେ କିଛି ଦିନ ଅଞ୍ଚଳରେ ଲୁଟ୍ ଓ ଡକାୟତୀ ମାମଲା ସେତେଟା ଦେଖିବାକୁ ମିଳୁନାହିଁ। ସିସିଟିଭିରୁ ମିଳିଥିବା ଫଟୋରୁ ଏହି ଡକାୟତ ମାନଙ୍କୁ ଅନ୍ୟ ଜିଲ୍ଲାର ପୁଲିସ ହୁଅନ୍ତୁ ଅବା ଗୁପ୍ତଚର ମାନେ କେହି ଚିହ୍ନ ପାରୁନାହାନ୍ତି। ଏହି ଡକାୟତ ମାନଙ୍କୁ ଧରିବା ପାଇଁ ଜିଲ୍ଲା ପୁଲିସର ବଛା ବଛା ଅଧିକାରୀ ମାନଙ୍କୁ ନେଇ ଗଠନ କରାଯାଇଥିବା ଟିମ୍ ବି ସଫଳ ହେଉନାହିଁ। ସାଧାରଣତଃ କୌଣସି ସ୍ଥାନରେ କିଛି ଅପରାଧ ଘଟିଲେ ପୁଲିସ ଅପରାଧୀ ମାନଙ୍କ ସମ୍ପର୍କରେ ଜାଣିବା ପାଇଁ ବର୍ତ୍ତମାନ ସମୟରେ ଅତ୍ୟାଧୁନିକ ଜ୍ଞାନ କୌଶଳର ବ୍ୟବହାର କରୁଛନ୍ତି। ସେହି ସ୍ଥାନରେ ଘଟଣା ଘଟିବା ସମୟରେ ଯେଉଁ ମୋବାଇଲ ନମ୍ବର ଗୁଡ଼ିକ ସଚଳ ଥିଲା, ଏହାକୁ ଯାଞ୍ଚ କରି କରି ପୁଲିସ ଅପରାଧୀ ମାନଙ୍କ ପାଖରେ ପହଞ୍ଚି ଯାଉଥିଲା। ମାତ୍ର ଏହି ଘଟଣାରେ ଡକାୟତ ମାନେ ଆଦୌ ମୋବାଇଲ ବ୍ୟବହାର କରିନାହାନ୍ତି। ଏଣୁ ସେମାନେ ନିଶ୍ଚିତ ଭାବେ ପେଷାଦର ବୋଲି ପୁଲିସ ଅନୁମାନ କରୁଛି। ଟାଉନ ଥାନା ଅଧୀନ ନବଘନପୁର ଗାଁରେ ହୋଇଥିବା ସିରିଜ୍ ଲୁଟ୍ ମାମଲାରେ ପୁଲିସର ହାତ ଏବେ ବି ଖାଲି ରହିଛି। ଖାଲି ଅନ୍ଧାରରେ ବାଡ଼ି ବୁଲାଇ ପୁଲିସ ଚୁପ୍ ବସି ଯାଇଛି। ଏ ନେଇ ଟାଉନ ଥାନା ଇନ୍ସପେକ୍ଟର ରଶ୍ମୀରଞ୍ଜନ ପ୍ରଧାନ କୁହନ୍ତି ଯେ, ଜିଲ୍ଲା ଓ ବାହାରେ ରହୁଥିବା ନିର୍ଦ୍ଦିଷ୍ଟ ଏହି ସମୁଦାୟର କିଛି ଲୋକଙ୍କ ଉପରେ ନଜର ରଖାଯାଇଛି।ସେମାନେ ମଧ ଏକାଧିକ ସ୍ଥାନରେ ଲୁଟ୍ କରିଥିବା ଅଭିଯୋଗ ହୋଇଛି ଖୁବ୍ ଶୀଘ୍ର ସମସ୍ତଙ୍କୁ ଗିରଫ କରାଯାଇ ଲୁଟ୍ ସାମଗ୍ରୀ ଜବତ କରାଯିବ।

## କେନ୍ଦୁଝରରେ ଆନ୍ତର୍ଜାତିକ ଶିଶୁକନ୍ୟା ଦିବସ



କେନ୍ଦୁଝର(ମହାଭାରତ): କେନ୍ଦୁଝର ଜିଲ୍ଲା ପ୍ରଶାସନଙ୍କ ଦ୍ୱାରା ବିଶ୍ୱ କନ୍ୟା ଶିଶୁ ଦିବସ ୨୦୨୫ ଉତ୍ସାହ ଓ ଉଦ୍ଦୀପନାର ସହ ଜିଲ୍ଲା ସ୍ତରରେ ପାଳନ କରାଯାଇଛି। ମୋ ସ୍ୱର, ଆମ ସମାନ ଭବିଷ୍ୟତ ଲକ୍ଷ ନେଇ ଆଜିର ଏହି କାର୍ଯ୍ୟକ୍ରମ ପାଳନ କରାଯାଇଛି। ଯାହାର ବିଶେଷ କେନ୍ଦ୍ରବିନ୍ଦୁ ମୋ ସ୍ୱର, ମୋ ସମାନ ଅଧିକାର, ଯାହା ଜଣେ କନ୍ୟାଙ୍କ ସଶକ୍ତିକରଣ ଓ ସମାଜର ସମସ୍ତ କ୍ଷେତ୍ରରେ ସମାନ ଅବସରକୁ ଆଲୋକିତ କରିଥାଏ। ଏହି କାର୍ଯ୍ୟକ୍ରମ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ, କେନ୍ଦୁଝରଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ଉଦ୍ଘାଟନ ଓ ଅଧକ୍ଷତା ଅତିରିକ୍ତ ଜିଲ୍ଲା ମ୍ୟାଜିଷ୍ଟ୍ରେଟ୍, କେନ୍ଦୁଝର ଙ୍କ ଦ୍ୱାରା କରାଗଲା । କାର୍ଯ୍ୟକ୍ରମରେ ଅତିରିକ୍ତ ପୁଲିସ ସୁପରିଣ୍ଟେଣ୍ଡେ□ , ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ , ମେଡିକାଲ ଅଫିସର ପ୍ରତିନିଧି, ରାମାଦେବୀ ଗ୍ରାମ ଉନ୍ନୟନ ସଂଗଠନ ର ସଚିବ ଓ ହମାରା ବଚପନଙ୍କ ପ୍ରତିନିଧି ଅତିଥି ଭାବେ ଉପସ୍ଥିତ ଥିଲେ ଏବଂ କନ୍ୟା ସଶକ୍ତିକରଣ ଓ ଅଧିକାର ସମ୍ପର୍କିତ ବିଭିନ୍ନ ଦିଗ ଉପରେ ମୂଲ୍ୟବାନ ଅନୁଭବ, ଚିନ୍ତାଧାରା ଓ ପରାମର୍ଶ ଦେଲେ । କାର୍ଯ୍ୟକ୍ରମ ସମୟରେ କନ୍ୟା ଶିକ୍ଷା, ଶିଶୁ ସୁରକ୍ଷା, ଲିଙ୍ଗ ସମାନତା ଓ ସମାଜ ଓ ପରିବାରଙ୍କ ଭୂମିକା ବିଷୟରେ ଆଲୋଚନା ହୋଇଥିଲା, ଯାହା ଜଣେ କନ୍ୟା ପାଇଁ ଏକ ନିରାପଦ ଓ ସହାୟକ ପରିବେଶ ସୃଷ୍ଟି କରିବାରେ ମୂଳଭୂମିକା ନିବାହ କରେ। ଛାତ୍ରଛାତ୍ରୀମାନେ ଉତ୍ସାହ ସହ ଅଂଶଗ୍ରହଣ କରି ନିଜ ମତାମତ ଓ ସ୍ୱପ୍ନଗୁଡ଼ିକ ପ୍ରକାଶ କରିଥିଲେ। ଉତ୍ସବର ଅଂଶ ଭାବେ ପ୍ରତିଯୋଗିତା, ସ୍ଲୋଗାନ ଲେଖନ, ଷ୍ଟିକି ନୋଟସ ଦ୍ୱାରା ଜାଗୃକତା ପ୍ରଦର୍ଶନ ଓ ଦସ୍ତଖତ କ୍ୟାମ୍ପେନ ଆୟୋଜିତ ହୋଇଥିଲା । ଛାତ୍ରଛାତ୍ରୀ ଓ ଅଂଶଗ୍ରାହୀମାନେ ଉତ୍ସାହ ସହ ଭାଗ ନେଇ ସଶକ୍ତିକରଣ ଓ ସଚେତନତା ସନ୍ଦେଶ ପ୍ରସାର କରିଥିଲେ। ଛାତ୍ରଛାତ୍ରୀ ଓ ଅଂଶଗ୍ରାହୀମାନେ ଉତ୍ସାହ ସହ ଭାଗ ନେଇ ସଶକ୍ତିକରଣ ଓ ସଚେତନତା ସନ୍ଦେଶ ପ୍ରସାର କରିଥିଲେ ଯମହିଳା ସଶକ୍ତିକରଣ ସଂଯୋଜକ ତଥା ଜିଲ୍ଲା ହବ ଷ୍ଟାଫ୍ ମାନେ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସକ୍ରିୟ ଭୂମିକା ନେଇଥିଲେ। କାର୍ଯ୍ୟକ୍ରମର ଶେଷରେ ସମସ୍ତ ଅତିଥି, ସାଧନ ସେବୀ ଓ ଅଂଶଗ୍ରାହୀମାନଙ୍କୁ ତାଙ୍କର ସକ୍ରିୟ ସହଯୋଗ ଓ ଅଂଶଦାନ ପାଇଁ ଧନ୍ୟବାଦ ଜଣାଇ ଜିଲ୍ଲା ସ୍ତରରେ ବିଶ୍ୱ ଶିଶୁ ଦିବସ ପାଳନକୁ ସଫଳ ଓ ଅର୍ଥପୂର୍ଣ୍ଣ ରୂପେ ଅନୁଷ୍ଠିତ କରାଗଲା।

## ପିକଅପ ଭ୍ୟାନ ଧକ୍କାରେ ବାଇକ ଚାଳକ ଗୁରୁତର

କରଞ୍ଜିଆ,(ମହାଭାରତ) ରବିବାର ସନ୍ଧ୍ୟାରେ ଠାକୁରମୁଣ୍ଡା ବଜାର ରେ ଏକ ପିକଅପ ଭ୍ୟାନ ଧକ୍କା ରେ ଜଣେ ବାଇକ ଚାଳକ ଗୁରୁତର ହୋଇଛନ୍ତି।ଗୁରୁତର ଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସା ପରେ ଘଷିପୁରା ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି।କରଞ୍ଜିଆ ପଟୁ ଏକ ବଇତାଳୁ କଖାରୁ ବୋଝେଇ ହୋଇ ଆନନ୍ଦପୁର ଆଡକୁ ଯାଉଥିବା ପିକଅପ ଭ୍ୟାନ ନମ୍ବର ଓଡ଼ି ୩୪ ଏନ ୫୯୩୩ ଠାକୁରମୁଣ୍ଡା ବଜାର ର ବନ୍ଧ ନିକଟରେ ଏକ ବାଇକ ସହିତ ଧକ୍କା ହୋଇଥିଲା।ପିକଅପ ଧକ୍କାରେ ବାଇକ ଚାଳକ ଦିଗଧର ଗ୍ରାମର ଗୁରୁଚରଣ ପାତ୍ର ଗୁରୁତର ହୋଇ ଥିଲେ।ତାଙ୍କର ବାମ ହାତ ଭାଙ୍ଗି ଯିବା ସହ ମୁହଁ ଓ ଦେହରେ ଆଘାତ ଲାଗିଥିଲା।ଖବର ପାଇ ଠାକୁରମୁଣ୍ଡା ଥାନା ପୋଲିସ ଦୁର୍ଘଟଣା ଘଟାଇ ଥିବା ପିକଅପ ଭ୍ୟାନ କୁ ଥାନାରେ ଅଟକ ରଖିଛି।

## ଶୁଭାଶିଷ ଧରଣୀଧର ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ ସଦସ୍ୟ ଭାବେ ମନୋନୀତ

କେନ୍ଦୁଝର,(ମହାଭାରତ) : ଆରଡେ□ ଷ୍ଟିଲର ପୂର୍ଣକାଳୀନ ନିର୍ଦ୍ଦେଶକ ଡକ୍ଟର ଶୁଭାଶିଷ ଦାସଙ୍କୁ ଧରଣୀଧର ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ସଦସ୍ୟ ଭାବେ ମନୋତୀତ କରାଯାଇଛି । ଉଚ୍ଚଶିକ୍ଷା ବିଭାଗର ଅନୁମୋଦନ କ୍ରମେ ତାଙ୍କୁ ୪ବର୍ଷ ପାଇଁ ଏହି ନିଯୁକ୍ତି ମିଳିଛି। ଏଥିପାଇଁ ସେ କୁଳପତି ଏବଂ କୁଳ ସଚିବଙ୍କୁ କୃତଜ୍ଞତା ଜଣାଇଛନ୍ତି। ଡକ୍ଟର ଦାସଙ୍କ ଶିକ୍ଷା କ୍ଷେତ୍ରରେ ଦୀର୍ଘ ବର୍ଷର ଅଭିଜ୍ଞତା ରହିଛି। ତାଙ୍କୁ ଏହି ନୂତନ ନିଯୁକ୍ତି ପରେ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ସିଣ୍ଡିକେଟ ବିଶ୍ୱବିଦ୍ୟାଳୟର ଶୀର୍ଷ କମିଟି ହୋଇଥିବାବେଳେ ଏଥିରେ ବିଶ୍ୱବିଦ୍ୟାଳୟର ବିକାଶମୂଳକ କାର୍ଯ୍ୟର ଖସଡା, ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ମହାବିଦ୍ୟାଳୟ ଗୁଡିକ ପାଇଁ ଶିକ୍ଷା ଖସଡା ପ୍ରସ୍ତୁତି, ପରୀକ୍ଷା ପ୍ରଣାଳୀରେ ସଂସ୍କାର, ପରୀକ୍ଷା ଫଳ ଶୀଘ୍ର ପ୍ରକାଶ ପାଇଁ ପଦକ୍ଷେପ, ଛାତ୍ରଛାତ୍ରୀଙ୍କ କଲ୍ୟାଣ ପାଇଁ ଯୋଜନା, କର୍ମଚାରୀମାନଙ୍କ ଅଭାବ ଅସୁବିଧା ପୂରଣ ପାଇଁ ପଦକ୍ଷେପ ନେବା ପାଇଁ ପ୍ରସ୍ତାବ ଦିଆଯାଇଥାଏ।ଡକ୍ଟର ଦାସ ଦୀର୍ଘ ୬ ବର୍ଷ ହେବ କେନ୍ଦୁଝର ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟ ଅଛନ୍ତି।

## ବୋଲେରୋ ଗାଡି ଧକ୍କାରେ ବାଇକ ଆରୋହୀ ମୃତ, ଜଣେ ଗୁରୁତର

ପରଜଙ୍ଗ (ମହାଭାରତ )ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ବସୋଇ ପଞ୍ଚାୟତ ଅନ୍ତର୍ଗତ ରତ୍ନପୁର ଗାଁ ନିକଟରେ ବୋଲେରୋ ଗାଡି ଧକ୍କାରେ ବାଇକ ଆରୋହୀଙ୍କର ମୃତ୍ୟୁ ହୋଇଛି। ସୂଚନା ମୁତାବକ ମୃତକ ଜଣଙ୍କ ରେଣ୍ଟାପାଟ ପଞ୍ଚାୟତ ଅନ୍ତର୍ଗତ ଗେଙ୍ଗୁଟିଆ ଗାଁର ତପନ ନାଏକ। ଏବଂ ତାଙ୍କ ସହଯୋଗୀ ଜଗୁ ନାଏକ ଗୁରୁତର ହୋଇଛନ୍ତି। ତେବେ କୌଣସି କାର୍ଯ୍ୟ ସାରି ଉଭୟେ ମୁକ୍ତାପଶି ଆଡୁ ଘରକୁ ଫେରୁଥିବା ବେଳେ ଏକ ବୋଲେରୋ ଗାଡି ଧକ୍କା ଦେଇ ପଳେଇ ଯାଇଥିଲା। ତେବେ ଘଟଣା ସ୍ଥଳରେ ହିଁ ତପନଙ୍କର ମୃତ୍ୟୁ ହୋଇଥିବା ବେଳେ ଜଗୁ ଗୁରୁତର ହୋଇଥିଲେ। ଜଗୁଙ୍କୁ ସ୍ଥାନୀୟ ଲୋକମାନେ ଏକ ଅଟୋ ଯୋଗେ ପରଜଙ୍ଗ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ତାଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତରିତ କରାଯାଇଛି ବୋଲି ସୂଚନା ଦେଇଛନ୍ତି। ସେପଟେ ଦୁର୍ଘଟଣା ଘଟାଇଥିବା ବୋଲେରୋ ଗାଡିଟି ଫେରାର ମାରିଥିଲା। ଏ ନେଇ ପରଜଙ୍ଗ ପୋଲିସ ପହ□ ତଦନ୍ତ ଆରମ୍ଭ ଜାରି କରିଛି।

## ଛେଲାଗଡ କ୍ଲୋଷ୍ଟରରେ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ

ଆର -ଉଦୟଗିରି (ମହାଭାରତ): ୨୦୨୫ ଗଜପତି ଜିଲ୍ଲା ଆର - ଉଦୟଗିରି ବ୍ଲକ ଛେଲାଗଡ କ୍ଲଷ୍ଟରରେ ଥିବା ରୁପାସିଂ ଆଶ୍ରମ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ -୨୦୨୫ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରୁପାସିଂ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁମଳ ଘଣ୍ଟଙ୍କ ସଭାପତିତ୍ୱରେ ଓ ସି ଆର ସି ସି ପଦ୍ମଲୋଚନ ଗଡ଼ନାୟକଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସୁଣ୍ଡୁରା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୁସିୟ ଦୋରା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଛେଲାଗଡା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବକାନ୍ତ ସାମଲ, ବରିଷ୍ଠ ଶିକ୍ଷକ କେ ଅଭିନାଶ, ସମେତ ମୋଟ ୧୧ ଗୋଟି ସ୍କୁଲର ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ, ଶିକ୍ଷୟତ୍ରୀ, ସମସ୍ତ ଛାତ୍ରଛାତ୍ରୀ ବୃନ୍ଦ ଉପସ୍ଥିତ ଥିଲେ । ସମସ୍ତଙ୍କ ଉପସ୍ଥିତିରେ ପ୍ରଦୀପ ପ୍ରଜ୍ୱଳନ ସହ ସ୍ୱାଗତ ଭାଷଣ ଦିଆଯାଇଥିଲା ।ତତସହିତ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସରେ ବରିଷ୍ଟ ନାଗରିକଙ୍କ ପ୍ରତି ଆମର ଦାୟିତ୍ୱ ଓ କର୍ତ୍ତବ୍ୟ ନିମନ୍ତେ ସମସ୍ତେ ସାମୁହିକ ପ୍ରତିଜ୍ଞା ନିଆଯାଇଥିଲା । ବିଭିନ୍ନ ସ୍କୁଲରୁ ଆସିଥିବା ଛାତ୍ରଛାତ୍ରୀ ମାନଙ୍କର ମଧ ପ୍ରତିଯୋଗିତା ଯେପରିକି, ଚିତ୍ରାଙ୍କନ, ଭାଷଣ, କୁଇଜ୍,ବିତର୍କ, ଚିତ୍ରକଳା, ଶିଳ୍ପକଳା, ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ।ଏବଂ ସମସ୍ତଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଛେଲାଗଡ଼ ସ୍କୁଲର ପ୍ରଧାନ ଶିକ୍ଷକ,ଶିକ୍ଷକ ଲକ୍ଷ୍ମୀକାନ୍ତ ବେହେରା ପରିଚାଳନା କରିଥିବା ବେଳେ କାନିକିପଦର ସ୍କୁଲର ସହକାରୀ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ ।

## ସୂର୍ଯ୍ୟ ଘର ବିଜୁଳି ଯୋଜନାର ଶୁଭାରମ୍ଭ କଲେ କୈଳାସ



ନାରାୟଣପାଟଣା (ମହାଭାରତ) : କୋରାପୁଟ ଜିଲ୍ଲା ନାରାୟଣପାଟଣା ସଦର ମହକୁମାର ଠାରେ ଆଜି ସୋଲାର ର ପି ଏମ୍ ସୂର୍ଯ୍ୟ ଘର ବିଜୁଳି ଯୋଜନା ର ଶୁଭାରମ୍ଭ କରିଛନ୍ତି ବିଜେପି ନେତା ତଥା ପୂର୍ବତନ ବିଧାୟକ କୈଳାସ କୁଲେସିକା।ବ୍ଲକ୍ ର ନିୟୁ କଲନି ତୃତୀୟ ଲାଇନରେ ବସବାସ କରୁଥିବା ୭ ଜଣ ହିତାଧିକାରୀଙ୍କ ଘରଛାତ ରେ ସୂର୍ଯ୍ୟ ଘର ବିଜୁଳି ସୋଲାର ପ୍ରକଳ୍ପ ଲଗାଯାଇଥିଲା ।ଏଥିରେ ବିଜୁଳି ବିଲ୍ କମ୍ ଆସିବା ସହ ହିତାଧିକାରୀ ସୋଲାର ରେ ଘରେ ବିଜୁଳି ପାଇପାରିବେ ଯମାସକୁ ମାସ ଯେଉଁ ଯେଉଁ ବିଜୁଳି ବିଲ୍ ଆସୁଥିଲା ସେଥିରୁ ମୁକ୍ତି ପାଇବେ ହିତାଧିକାରୀ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜି ସମଗ୍ର ଦେଶରେ ଦିନକୁ ଦିନ ଲୋକ ସଂଖ୍ୟା ବଢ଼ି ଚାଲିଛି କିନ୍ତୁ ବିଦ୍ୟୁତ ଉତ୍ପାଦନ ବିଲ ମଧ ବଢ଼ି ଯାଉଥିବାରୁ ମାନ୍ୟବର ପ୍ରଧାନମନ୍ତ୍ରୀ ମଦି ଜି ପି ଏମ୍ ସୂର୍ଯ୍ୟ ଘର ବିଜୁଳି ଯୋଜନା ଆରମ୍ଭ କରିଲେ ଏହି ଯୋଜନାରେ ଲୋକେ ସଲ୍ପ ମୂଲ୍ୟ ବିଲରେ ଚବିଶି ଘଣ୍ଟା ବିଜୁଳି ପାଇଁ ପାରିବେ। ତିନି କିଲୋବାଟ୍ ର ସୋଲାସ ପ୍ରକଳ୍ପ ରେ ଏକ ଲକ୍ଷରୁ ଅଧିକ ଟଙ୍କା ସବସିଡ ହିତାଧିକାରୀ ଙ୍କ ଜମାଖାତାକୁ ସିଧାସଳଖ ଆସିବ ଯଏଥିସହ ଦଶ ବର୍ଷ ଭିତରେ ୫୦୦ ରୁ କମ୍ ଟଙ୍କା ମାସିକ କିସ୍ତି ଆକାରରେ ବାନ୍ଧି ପାରିବେ ,ଏହିପରି ପ୍ରକଳ୍ପ ର ଏକାଧିକ ଯୋଜନା ରହିଛି ହିତାଧିକାରୀ ଙ୍କ ବିଜୁଳି ର ବ୍ୟବହାରକୁ ନେଇ । ଉକ୍ତ କାର୍ଯ୍ୟକ୍ରମ ରେ ବିଜେପି ଦଳର ରମେଶ ଚନ୍ଦ୍ର ଦାସ, ବିଜେପି ବ୍ଲକ ସଭାପତି କାଶୀନାଥ ହିକକା, ବସନ୍ତ ଶୁଭୁଧି,ସିମାଚଳ ନାୟକ ଉପସ୍ଥିତ ଥିଲେ।

## ଡାକୁଲୁଗୁଡା ନଦୀରୁ ମିଳିଲା ନିଖୋଜ ମହିଳାଙ୍କ ଗଳିତ ଶବ

ରାୟଗଡ଼ା, (ମହାଭାରତ): ରାୟଗଡା ଜିଲ୍ଲାର ମୁନିଗୁଡା ଥାନା ଅନ୍ତର୍ଗତ ଡାକୁଲୁଗୁଡା ନଦୀରୁ ଜଣେ ମହିଳାଙ୍କ ଗଳିତ ଶବ ଉଦ୍ଧାର ହେବାରେ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ମୃତାଙ୍କ ପରିଚୟ ବିଷମକଟକ ଥାନା ଅନ୍ତର୍ଗତ ଭେଜିପଦର ଗ୍ରାମର ବିଶ୍ୱନାଥ କାଡ୍ରାକାଙ୍କ ସ୍ତ୍ରୀ ତିଲେ କାଡ୍ରାକା( ୬୦ )ବୋଲି ଜଣାପଡିଛି। ସେ ୫ ଅକ୍ଟୋବର ସକାଳୁ ଘରୁ ବାହାରିଯାଇ ଫେରିନଥିଲେ। ପରିବାର ପକ୍ଷରୁ ବିଷମକଟକ ଥାନାରେ ଏକ ନିଖୋଜ ରିପୋର୍ଟ ଦାଖଲ କରାଯାଇଥିଲା। ଗତକାଲି ଡାକୁଲୁଗୁଡା ନଦୀରେ ଗ୍ରାମବାସୀ ଏକ ମହିଳାଙ୍କ ଶବ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ।

## ହାତୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ



ହିନ୍ଦୋଳ(ମହାଭାରତ) ହାତୀ ଆକ୍ରମଣରେ ଦିନକୁ ଦିନ ମୃତ୍ୟୁ ସଂଖ୍ୟା ବଢ଼ି ଚାଲିଥିବା ବେଳେ ନିରୁପାୟ ସାଜିଛି ବନ ବିଭାଗ। ଓଡ଼ିଶାର ହିନ୍ଦୋଳ ବ୍ଲକରେ ସର୍ବାଧିକ ୨୦୦ ରୁ ଅଧିକ ହାତୀ ଚଳପ୍ରଚଳ କରୁଥିବା ବେଳେ ପରିସ୍ଥିତି ଏମିତି ହେଲାନି ଘରୁ ବାହାରକୁ ବାହାରିବାକୁ ଲୋକେ ନିରାପଦ ମଣୁ ନାହାନ୍ତି। ଗାଇଗୋରୁ ରାସ୍ତାରେ ବୁଲିବା ଭଳି ଜଂଗଲୀ ହାତୀ ବର୍ତ୍ତମାନ ଦିନ ଦ୍ୱିପ୍ରହରେ ଗାଁ ଗାଁ ବୁଲିଲେଣି ଯାହା ଫଳରେ ଅଭିଭାବକ ମାନେ ପିଲା ମାନଙ୍କୁ ବିଦ୍ୟାଳୟକୁ ଛାଡ଼ିବାକୁ ଭୟ କଲେଣି। ସେହିପରି ସାଧାରଣ ଲୋକଟିଏ ର ଦେହ ଅସୁସ୍ଥ ହେଲେ ନିକଟସ୍ଥ ଡାକ୍ତରଖାନା କୁ ଯିବାକୁ ସାହସ ଜୁଟାଇ ପାରୁନାହାଁନ୍ତି। ଏପରିକି ସନ୍ଧ୍ୟାହେଲେ ଆମ୍ବୁଲାନ୍ସ କୁ ଫୋନ କଲେ ମଧ ହାତୀ ଭୟ ଯୋଗୁଁ ଆମ୍ବୁଲାନ୍ସ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ। ଏପରି ସ୍ଥଳେ ହିନ୍ଦୋଳବାସୀ ଙ୍କ ମଧରେ କୋକୁଆ ଭୟ ସୃଷ୍ଟି ହେଲାଣି। ଯଦି ଅନୁମାନ କରାଯାଏ ହିନ୍ଦୋଳ ବାନା□ଳ ରେ ପ୍ରତ୍ୟେକ ଦିନ ହାତୀ ଆକ୍ରମଣ ଜନିତ ଦୁର୍ଘଟଣା ମାନ ଦେଖିବାକୁ ମିଳୁଛି। ଜଙ୍ଗଲି ହାତୀଙ୍କ ଯୋଗୁଁ ଚାଷ କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ ଠପ ହେବାକୁ ବସିଲାଣି। ଚଳିତ ବର୍ଷ ବିଳମ୍ବରେ ବର୍ଷା ହୋଇଥିଲେ ମଧ୍ୟ ଚାଷୀ ମନରେ ଅହେତୁକ ଆଗ୍ରହ ସୃଷ୍ଟି ହେଇ ଧାର ଉଧାର କରି ଧାନ ଚାଷ କରିଥିବା ବେଳେ ପ୍ରତ୍ୟେକ ଦିନ ଏକର ଏକର ଜମିକୁ ହାତୀ ଦଳି ନଷ୍ଟ କରିବା ସହିତ ଧାନ ଫସଲକୁ ଖାଇ ନଷ୍ଟ କରୁଛି। କେତେକ ଯୁବକ ପେଟ ପାଟଣା ପାଇଁ ନିକଟରେ ଥିବା ରୁଙ୍ଗଟା କମ୍ପାନୀ, ଟାଟା ଷ୍ଟିଲ, ଏନଜିଏମ, ସାଲିମାର ଭଳି କମ୍ପାନୀ କୁ କାମ କରିବାକୁ ଯାଉଥିବା ବେଳେ ହାତୀ ଭୟ ଯୋଗୁଁ ସେମାନେ ବାହାର ରାଜ୍ୟକୁ ଯିବାକୁ ପ୍ରସ୍ତୁତ ହେଲେଣି। ପରିସ୍ଥିତି ଏମିତି ହେଲାଣି ପରିବାର ପ୍ରତିପୋଷଣ କରିବା ଗୋଟିଏ ସାଧାରଣ ଲୋକ ପକ୍ଷରେ କଷ୍ଟକର ହୋଇ ପଡ଼ିଲାଣି। ଦୁଇ ମାସ ତଳେ ହିନ୍ଦୋଳ ବନାଞ୍ଚଳ ବାଘଧରିଆ ଗ୍ରାମରେ ଭୋର୍ ସମୟରେ ହାତୀ ଆକ୍ରମଣର ତିନି ଜଣଙ୍କ ମୃତ୍ୟୁ ହୋଇଥିବା ନେଇ ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ସେହି ଘଟଣାର ସପ୍ତାହ ନ ପୁରୁଣୁ ଟାଙ୍ଗିଶାଳ ଗ୍ରାମରେ ଜଣକର ମୃତ୍ୟୁ ହୋଇଥିବା ବେଳେ ସରପା ଗ୍ରାମରେ ଜଣକର, ବେଡାପଡ଼ା ଗ୍ରାମରେ ଜଣକର ମୃତ୍ୟୁ ହୋଇଥିଲା। ସାନହିନ୍ଦୋଳ ଗ୍ରାମର ଜଣେ ବୃଦ୍ଧଙ୍କୁ ହାତୀ ଆକ୍ରମଣ କରିବାରୁ ଗତ ସପ୍ତାହେ ହେଲା କଟକ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏ ସମସ୍ତ ଘଟଣା ଲୋକଙ୍କ ମନରୁ ନଲିଭୁଣୁ ଗତକାଲି ଗାଲପଡ଼ା ଠାରେ ଜଣେ ଯୁବକଙ୍କର ହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି। ଆଜି ସକାଳେ ବାଲିମି ଥାନା ଅନ୍ତର୍ଗତ ବାଲିମି ଗ୍ରାମର ନରୋତ୍ତମ ବେହେରା ୫୪ ଙ୍କୁ ତାଙ୍କ ଘର ପାଖରେ ହାତୀ ଗୋଡେଇ ଆକ୍ରମଣ କରିବାରୁ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣା ଘଟାଇ ଦନ୍ତା ହାତୀଟି ଦୀର୍ଘ ସମୟ ଧରି ଘଟଣା ସ୍ଥଳରେ ଛିଡା ହୋଇ ରହିବାରୁ ନରୋ□ମ ଙ୍କୁ ଉଦ୍ଧାର କରିବା ପାଇଁ କେହି ସାହସ ଯୁଟାଇ ପାରି ନଥିଲେ । ଘଟଣା ସ୍ଥଳରେ ବନ ବିଭାଗ କର୍ମଚାରୀ ପହଞ୍ଚିବାରୁ ଉଭୟ କର୍ମଚାରୀ ଓ ଗ୍ରାମବାସୀ ଙ୍କ ମିଳିତ ଉଦ୍ୟମରେ ହାତୀ ଘଉଡା ଯାଇଥିଲା।

## ମାଲକାନଗିରି ଜିଲ୍ଲାରେ ପଲସ ପୋଲିଓ କାର୍ଯ୍ୟକ୍ରମ ଶୁଭାରମ୍ଭ କଲେ ଜିଲ୍ଲାପାଳ

ମାଲକାନଗିରି,(ମହାଭାରତ): ଆଜି ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ପଲସ ପୋଲିଓ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି । ଜିଲ୍ଲାପାଳ ନିଜେ ୫ ବର୍ଷରୁ କମ୍ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମାଲକାନଗିରି ଜିଲ୍ଲାକୁ ସମ୍ପୂର୍ଣ୍ଣ ରୂପେ ପୋଲିଓ ମୁକ୍ତ କରିବା ପାଇଁ ଲକ୍ଷ୍ୟ ରଖା ଯାଇଛି ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଛନ୍ତି । ନିରନ୍ତର ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଏନଆଇଡି ମଧ୍ୟରେ ରୋଗ ପ୍ରତିରୋଧକ ଶକ୍ତି ଏବଂ ନଜର ରଖିବା ପାଇଁ ୧୨ ଅକ୍ଟୋବର ରେ ମାଲକାନଗିରି ଜିଲ୍ଲାରେ ପୋଲିଓ ପାଇଁ ଉପ-ଜାତୀୟ ଟୀକାକରଣ ଦିବସ ଆୟୋଜନ କରାଯାଉଛି । ୧୩ ଏବଂ ୧୪ ଅକ୍ଟୋବର ଦୁଇ ଦିନରେ ଘର ଘର ବୁଲି ଶିଶୁଙ୍କୁ ପୋଲିଓ ଟୀକା ଦିଆଯିବ। ଉପ-ଜାତୀୟ ଟୀକାକରଣ ସମୟରେ ସମୁଦାୟ ୦ ରୁ ୫ ବର୍ଷ ବୟସର ୭୫ ହଜାର ୨୫୦ ଜଣ ଶିଶୁଙ୍କୁ ଟୀକାକରଣ କରାଯିବାର ଲକ୍ଷ୍ୟ ରଖାଯାଇଛି। ଜିଲ୍ଲାରେ ୫୪ ଟି ମୋବାଇଲ୍ ଦଳ ଏବଂ ୫୮ ଟି ଟ୍ରାଞ୍ଜିଟ୍ ଦଳ ସହିତ ମୋଟ ୭୫୨ ଟିକାକରଣ ବୁଥ୍ ଯୋଜନା କରାଯାଇଛି। ୬୧ ଟିକାକରଣ କେନ୍ଦ୍ରରେ ୧୫୦୪ ଜଣ ଟିକାଦାତା ପୋଲିଓ ଟୀକାକରଣ ପାଇଁ ନିୟୋଜିତ ହେବେୟ ସମଗ୍ର ଜିଲ୍ଲାରେ କାର୍ଯ୍ୟକ୍ରମ ତଦାରଖ କରିବା ପାଇଁ ପର୍ଯ୍ୟବେକ୍ଷକଙ୍କୁ ନିୟୋଜିତ କରାଯାଇଛି। ଉପ-ଜାତୀୟ ଟୀକାକରଣ ସମୟରେ ଟୀକାକରଣ ପରେ ଯେକୌଣସି ପ୍ରତିକୂଳ ଘଟଣା ପାଇଁ ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ସଜାଗ ରହିଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସୁପରିଟେଣ୍ଡେ□, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ, ଡିପିଏମ୍ ଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ ପାଳିତ

କେନ୍ଦୁଝର, (ମହାଭାରତ): ଶୁକ୍ରବାର ଦିନ କେନ୍ଦୁଝର ପୌରପାଳିକା କଲ୍ୟାଣ ମଣ୍ଡପରେ ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ-୨୦୨୫ ଅତ୍ୟନ୍ତ ଶ୍ରଦ୍ଧା ଏବଂ ଆନନ୍ଦର ସହକାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉପ-ଜିଲ୍ଲାପାଳ ଉମାଶଙ୍କର ଦଳାଇ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ବସନ୍ତ ପାତ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ବିପ୍ଳବ କେଶରୀ ସାମନ୍ତରାୟ ଏବଂ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଭୁବନେଶ୍ୱରୀ ମହାନ୍ତଙ୍କ ସହିତ ୧୨ଟି ବରିଷ୍ଠ ନାଗରିକ ସଂଗଠନର ପ୍ରତିନିଧି ଏବଂ ସମଗ୍ର ଜିଲ୍ଲାର ପ୍ରାୟ ୧୫୦ ରୁ ଅଧିକ ବୟସ୍କ ଅଂଶଗ୍ରହଣକାରୀଙ୍କ ଉପସ୍ଥିତି ଥିଲା।ଏହି ଉତ୍ସବରେ ବରିଷ୍ଠ ନାଗରିକଙ୍କ ମଧ୍ୟରେ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ବୃଦ୍ଧି କରିବା ପାଇଁ ଏକ ଯୋଗ ଶିବିର ଏବଂ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ୯୯ ବର୍ଷୀୟ ବୟସ୍କ ଶ୍ରୀ ରାଜ କିଶୋର ମହାନ୍ତିଙ୍କୁ ତାଙ୍କ ଦୀର୍ଘ ଏବଂ ପ୍ରେରଣାଦାୟକ ଜୀବନର ସ୍ୱୀକୃତି ସ୍ୱରୂପ ସମ୍ବର୍ଦ୍ଧନା କରାଯାଇଥିଲା ହାଟଡ଼ିହି ବ୍ଲକ ଅନ୍ତର୍ଗତ ଓରାଳିର ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମୀଧର ଓଝାଙ୍କୁ ଦେଶ ପ୍ରତି ତାଙ୍କର ଅମୂଲ୍ୟ ଅବଦାନ ପାଇଁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ଦ୍ୱାରା ତାଙ୍କ ବାସଭବନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ କେନ୍ଦୁଝରସ୍ଥିତ ଦୃଷ୍ଟିହୀନ ବିଦ୍ୟାଳୟର ଦୃଷ୍ଟିହୀନ ଛାତ୍ରଛାତ୍ରୀ ମାନେ ଏକ ସୁମଧୁର ସ୍ୱାଗତ ଗୀତ ଏବଂ ଭକ୍ତିପୂର୍ଣ୍ଣ ଭଜନ ପରିବେଷଣ କରି ଦର୍ଶକଙ୍କୁ ଆନନ୍ଦିତ କରିବା ସହ ବରିଷ୍ଠ ନାଗରିକଙ୍କ ପ୍ରତି ସମ୍ମାନ ପ୍ରଦର୍ଶିତ କରିଥିଲା।

## ଆସିକାର ବିଭିନ୍ନ ବୁଥରେ ପଲସପୋଲିଓ ଦିବସ ପାଳିତ

ଆସିକା(ମହାଭାରତ):ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟ କୁ ପୋଲିଓ ମୁକ୍ତ କରିବା ପାଇଁ ଜନ୍ମ ଠାରୁ ପା□ ବର୍ଷ ର ଶିଶୁ ମାନଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କାର୍ଯ୍ୟକ୍ରମ ଆସିକା ଏନ ଏ ସି ଓ ବ୍ଲକ ର ୨୭ ଗୋଟି ପଂଚାୟତ ରେ ଥିବା ୧୧, ୬୩୪ ଜଣ ଶିଶୁ ମାନଙ୍କୁ ଦୁଇ ବୁନ୍ଦା ପୋଲିଓ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆସିକା ପଞ୍ଚାୟତ ସମିତି ର ୨୭ ଗୋଟି ଗ୍ରାମ ପଂଚାୟତ ରେ ମୋଟ ୮୯ ଗୋଟି ପୋଲିଓ କେନ୍ଦ୍ର ଖୋଲା ଯାଇ ୧୫୦ ଜଣ ଆଶା କର୍ମୀ, ୨୫୦ ଜଣ ଅଙ୍ଗନବାଡି କର୍ମୀ ସମେତ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ କର୍ମୀ, ୧୫ ଜଣ ସୁପରଭାଇଜର ଙ୍କ ସହଯୋଗ ରେ ଶିଶୁ ମାନଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଥିଲା।

## ବାଇକ୍ ଆରୋହୀଙ୍କୁ ଧକ୍କା ଦେଲା ଦ୍ରୁତଗାମୀ କାର, ୨ ମୃତ

ଉତ୍ତରପ୍ରଦେଶ : ଉତ୍ତରପ୍ରଦେଶର ଆଜମଗଡ ଜିଲ୍ଲାରେ ବଡ଼ ଅଘଟଣ ଘଟିଛି । ଏହି ଦୁର୍ଘଟଣାରେ ୨ଜଣଙ୍କର ମୃତ୍ୟୁ ଘଟିଛି । ଦ୍ରୁତଗାମୀ କାର୍ ମୋଟରସାଇକେଲ ଆରୋହୀଙ୍କୁ ଧକ୍କା ଦେବାରୁ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି । ସୂଚନା ପାଇବା ମାତ୍ରେ ପୋଲିସ ପହଞ୍ଚି ମାମଲା ରୁଜୁ କରିବା ସହ କାର୍ ଚାଳକଙ୍କୁ ଖୋଜିବା ଆରମ୍ଭ କରିଛି । ଏଥିସହ ପୋଲିସ ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଇଛି । ସୂଚନାନୁଯାୟୀ, ଏକ ଦ୍ରୁତଗାମୀ କାର ଧକ୍କା ଦେବାରୁ ଦୁଇଜଣ ମୋଟରସାଇକେଲ ଆରୋହୀଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଖାନକାହ ବହରମପୁର ଅଞ୍ଚଳର ବାସିନ୍ଦା ରମେଶ (୨୫) ଏବଂ ଜୁଗନୁ(୨୮) । ଶନିବାର ରାତିରେ ସେମାନେ ଲାଟଘାଟ ବଜାରରେ ଆୟୋଜିତ ହୋଇଥିବା ଏକ ମେଳାରୁ ଫେରୁଥିବା ସମୟରେ ଏପରି ଦୁର୍ଘଟଣା ଘଟିଥିଲା ବୋଲି ପୋଲିସ କହିଛି । କାର୍ ଡ୍ରାଇଭର ଜଣକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି । ଏହାରି ମଧ୍ୟରେ ପୋଲିସ ମାମଲା ରୁଜୁ ଡ୍ରାଇଭରକୁ ଖୋଜିବା ଆରମ୍ଭ କରିଛି ।

## ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଦୁଷ୍କର୍ମ ଘଟଣା: ଅଭିଯୁକ୍ତ ଗିରଫ

ପଶ୍ଚିମବଂଗ: ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଦୁଷ୍କର୍ମ ଘଟଣାକୁ ନେଇ ସାରାଦେଶରେ ହଇଚଇ ପରେ ତଦନ୍ତକୁ ଜୋରଦାର କରିଛି ପଶ୍ଚିମବଙ୍ଗ ପୁଲିସ । ଦୁର୍ଗାପୁରର କ୍ରାଇମସ୍ପଟରେ ଛାନଭିନ୍ କରିବା ସହ ୪ ଅଭିଯୁକ୍ତଙ୍କୁ ବାନ୍ଧିଛି ପୁଲିସ୍। ଫେରାର ଥିବା ଅନ୍ୟ ଅଭିଯୁକ୍ତ ବି ଖୋଜା ଚାଲିଛି । ମୁହଁ ଘୋଡା ହୋଇଥିବା ଏହି ଜହ୍ଲାଦଙ୍କୁ ଦେଖନ୍ତୁ । ଏମାନେ ସେହି ସଇତାନ ଯେଉଁମାନେ ପଶ୍ଚିମବଂଗର ଦୁର୍ଗାପୁରରେ ଓଡ଼ିଆ ଝିଅକୁ ଦୁଷ୍କର୍ମ କରିଛନ୍ତି। ଛାତ୍ରୀଙ୍କୁ ନିଛାଟିଆ ସ୍ଥାନକୁ ଟାଣିନେବା ସହ ନୃଶଂସତାର ସବୁ ସୀମା ଟପି ଯାଇଥିଲେ। ଅଭିଯୁକ୍ତଙ୍କ ବିରୋଧରେ ପ୍ରମାଣ ପାଇବା ପରେ ସେମାନଙ୍କୁ ବାନ୍ଧିଛି ପୁଲିସ। କୋର୍ଟରେ ହାଜର ପରେ ଅଭିଯୁକ୍ତଙ୍କୁ ୧୦ଦିନିଆ ରିମାଣ୍ଡରେ ନେଇଛି ପୁଲିସ। ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚାଲିଛି ଚଢ଼ାଉ । ଅଭିଯୁକ୍ତଙ୍କୁ ଗିରଫ କରିବା ପରେ କ୍ରାଇମସ୍ପଟକୁ ଯାଇ ଛାନଭିନ କରିଛି ପୁଲିସ। ଆସନସୋଲ ଦୁର୍ଗାପୁର ପୁଲିସ କମିସନର ଘଟଣାସ୍ଥଳକୁ ଯାଇ ସେଦିନ ଘଟଣାସ୍ଥଳରେ କଣ ହୋଇଥିଲା ? କ୍ରାଇମ ସ୍ପଟରେ କେତେ ଜଣ ଥିଲେ ? ସେହି ସ୍ଥାନରେ ସେହି ସମୟରେ କେତେ ଜଣଙ୍କ ମୋବାଇଲ ଆକ୍ଟିଭ୍ ଥିଲା ତାର ଛାନଭିନ କରିଛି ପଶ୍ଚିମବଂଗ ପୁଲିସ। ସାଇଣ୍ଟିଫିକ୍ ଟିମ୍ ବି ଘଟଣାସ୍ଥଳରୁ ତଥ୍ୟ ସଂଗ୍ରହ କରିଛି। ଏହି ଘଟଣାରେ ପଶ୍ଚିମବଂଗ ପୁଲିସ ତଦନ୍ତକୁ ଜୋରଦାର କରିଥିଲେ ବି ପୀଡିତାଙ୍କ ପରିବାର ପୂରା ଭାଂଗି ପଡିଛନ୍ତି। ଝିଅକୁ ଓଡ଼ିଶାକୁ ଆଣି ଚିକିତ୍ସା କରିବେ ବୋଲି କହିଛନ୍ତି ପୀଡିତାଙ୍କ ବାପା। ସହଯୋଗ କରିବାକୁ ସେଠାରେ ଓଡ଼ିଶା ସରକାରଙ୍କ ଏକ ଟିମ୍ ପହଞ୍ଚିଛନ୍ତି । ଅଭିଯୋଗ ଅନୁସାରେ ଛାତ୍ରୀ ଜଣକ କ୍ୟାମ୍ପସ ବାହାରେ ଜଣେ ବନ୍ଧୁଙ୍କ ସହ ଚାଲୁଥିବା ବେଳେ କିଛି ଦୁର୍ବୃତ୍ତ ପିଛା କରିଥିଲେ । ଭୟରେ ବନ୍ଧୁ ଜଣଙ୍କ ଦୌଡ଼ି ପଳାଇଥିବା ବେଳେ ଦୁର୍ବୃତ୍ତମାନେ ଛାତ୍ରୀଙ୍କୁ ନିଛାଟିଆ ସ୍ଥାନକୁ ଟାଣିନେଇ ଦୁଷ୍କର୍ମ କରିଥିଲେ ।

## ଇସ୍ରାଏଲ-ହମାସ ଶାନ୍ତି ବୈଠକରେ ଯୋଗଦେବାକୁ ଯାଉଥିବା ବେଳେ କାତାର ନେତାଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ

ଚେନ୍ନାଇ : କାତାର ନେତାଙ୍କ ଗାଡ଼ି ଦୁର୍ଘଟଣା । ଗାଜା ଅସ୍ତ୍ରବିରତି ଆଲୋଚନା ପୂର୍ବରୁ କାତାରର ନେତାମାନଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏଥିରେ ୩ ଜଣଙ୍କ ମୃତ୍ୟୁ ହୋଇଛି ଏବଂ ୨ ଜଣ ଗୁରୁତର ଆହତ ହୋଇଛନ୍ତି । ଅସ୍ତ୍ରବିରତି ଆଲୋଚନା ସ୍ଥାନରୁ ୫୦ କିଲୋମିଟର ଦୂରରେ ଏହି ଦୁର୍ଘଟଣା ଘଟିତିଲା । ଅମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅଧ୍ୟକ୍ଷତାରେ ଏହି ଆଲୋଚନାରେ ୨୦ରୁ ଅଧିକ ଦେଶର ନେତାମାନେ ଅଂଶଗ୍ରହଣ କରିବାକୁ ଆସୁଥିଲେ । କାତାର, ମିଶର ଓ ଆମେରିକାର ସହଯୋଗରେ ଗାଜା ଯୁଦ୍ଧ ବନ୍ଦ ଓ ବନ୍ଦୀ ବିନିମୟର ପ୍ରାରମ୍ଭିକ ପର୍ଯ୍ୟାୟରେ ସହମତି ହୋଇଛି । ପ୍ରୋଟୋକଲ୍ ଅନୁଯାୟୀ, ହମାସ୍ ୩୨ ଇସ୍ରାଏଲୀ ବନ୍ଦୀଙ୍କୁ ମୁକ୍ତ କରିବ, ସେହିପରି ଇସ୍ରାଏଲ ୬୪୦ ଫିଲିସ୍ତାଇନ ବନ୍ଦୀଙ୍କୁ ମୁକ୍ତ କରିବ । ତେବେ ଏହି ଦୁର୍ଘଟଣା ସମ୍ମିଟର କାର୍ଯ୍ୟକ୍ରମକୁ ପ୍ରଭାବିତ କରିବା ନେଇ ଚିନ୍ତା ବଢିଛି । ଶାନ୍ତି ପୂର୍ବରୁ ଝଟକା, କାତାର ନେତାଙ୍କ ମୃତ୍ୟୁ। ଟ୍ରମ୍ପଙ୍କ ଶାନ୍ତି ବୈଠକରେ ଯୋଗଦେବା ପୂର୍ବରୁ ବଡ଼ ଅଘଟଣ । ବୈଠକକୁ ଯାଉଥିବା ବେଳେ କାତାର ନେତାଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ। ହମାସ-ଇସ୍ରାଏଲ୍ ଅସ୍ତ୍ରବିରତି ବୈଠକରେ ଅଂଶଗ୍ରହଣ ପାଇଁ ଯାଉଥିଲେ। ଦୁର୍ଘଟଣାରେ କାତାରର ୩ ଜଣ ନେତାଙ୍କ ମୃତ୍ୟୁ। ଆଲୋଚନା ସ୍ଥାନରୁ ୫୦ କିଲୋମିଟର ଦୂରରେ ଦୁର୍ଘଟଣା ଘଟିଛି। ଗାଜା ଶାନ୍ତି ଚୁକ୍ତି ନେଇ ଆଲୋଚନା ପୂର୍ବରୁ ଦୁର୍ଘଟଣା ଘଟିଥିଲା।



# ୧୫ ରାଣୀ ଓ ୩୦ ଛୁଆଙ୍କ ସହ ବିମାନରୁ ଓହ୍ଲାଇଲେ ରାଜା ମସ୍ୱାତି, ବେଶଭୁଷା ଦେଖି ଆଶ୍ଚର୍ଯ୍ୟ ହେଲେ ସବୁ

ଜଣେ ରାଜାଙ୍କର ୧୫ ରାଣୀ । ଆଉ ରାଜାଙ୍କର ୩୦ ଛୁଆ । ଠିକ ଶୁଣିଲେ ଆଜ୍ଞା ଏକ ବିଂଶ ଶତାବ୍ଦୀରେ ବି ଏମିତି ଜଣେ ରାଜା ଅଛନ୍ତି, ଯାହାଙ୍କର ୧୫ ରାଣୀ ଆଉ ୩୦ ଛୁଆ ଅଛନ୍ତି । ଆଫ୍ରିକୀୟ ଦେଶ ଇସୱାତିନିର 'ରାଜା ମସ୍ୱାତି ତୃତୀୟ' ପୁଣିଥରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ତାଙ୍କ ଭିନ୍ନ ଜୀବନଶୈଳୀ ପାଇଁ ସେ ବେଶ୍ ଜଣାଶୁଣା । ରାଜା ମସ୍ୱାତି ନିଜ ରାଣୀ ଓ ପିଲାଙ୍କୁ ନେଇ ୟୁଏଇ ବା ଆବୁଧାବି ଗସ୍ତ କରିଛନ୍ତି । ମସ୍ୱାତି ନିଜ ପ୍ରାଇଭେଟ୍ ଜେଟ୍ ଯୋଗେ ଆବୁଧାବି ବିମାନବନ୍ଦରରେ ପହଞ୍ଚିବା ପରେ ବିମାନ ବନ୍ଦରରେ ଉପସ୍ଥିତ ଥିବା ଯାତ୍ରୀ ଏବଂ କର୍ମଚାରୀମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । କାହିଁକି ନା ସେ ନିଜ ୧୫ ପତ୍ନୀ, ୩୦ ପିଲା ଏବଂ ନିଜ ସହିତ ପ୍ରାୟ ୧୦୦ ଚାକରଙ୍କୁ ନେଇ ବିମାନରୁ ଓହ୍ଲାଇଥିଲେ । ଏକାସାଙ୍ଗେ ଏତେ ଜଣ ଓହ୍ଲାଇବାରୁ ବିମାନ କର୍ମଚାରୀଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା ଚ୍ୟାଲେଞ୍ଜ ହୋଇପଡ଼ିଥିଲା । ଅଧିକାରୀମାନେ ବାଧ୍ୟ ହୋଇ ତିନୋଟି ଟର୍ମିନାଲ ବନ୍ଦ କରିଥିଲେ । ଆଫ୍ରିକାର ଶେଷ ରାଜବଂଶର ରାଜା ମସ୍ୱାତି ଓ ତାଙ୍କ ରାଣୀ ଏବଂ ପିଲାଙ୍କର ସ୍ୱତନ୍ତ୍ର ପୋଷାକ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଅର୍ଥନୈତିକ ଚୁକ୍ତିନାମା ଉପରେ ଆଲୋଚନା କରିବା ପାଇଁ ରାଜା ମସ୍ୱାତି ଆବୁଧାବି ଗସ୍ତ କରିଛନ୍ତି । କିନ୍ତୁ ଏହି ଚୁକ୍ତିନାମା ଅପେକ୍ଷା ଅଧିକ ଧ୍ୟାନ ଆକର୍ଷଣ କରିଛି ରାଜାଙ୍କ ପରିବାର । ପ୍ରାୟ ୧୫୦ ଲୋକଙ୍କ ସହିତ ରାଜା ଆବୁଧାବି ଆସିଥିବା ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ ସମସ୍ତେ । ମସ୍ୱାତି ୧୯୮୬ ମସିହାରୁ ଇସୱାତିନିର ରାଜା ଅଛନ୍ତି । ମସ୍ୱାତିଙ୍କ ସମ୍ପତ୍ତି ପାଖାପାଖି ୧ ଆରବ ଡଲାରରୁ ଅଧିକ । ତାଙ୍କର ଅନେକ ବିଳାସପୂର୍ଣ୍ଣ ପ୍ରାସାଦ, ଲଗଜରୀ କାର ଏବଂ ପ୍ରାଇଭେଟ୍ ଜେଟ୍ ଅଛି । ମସ୍ୱାତିଙ୍କର ୧୫ ଜଣ ରାଣୀ ଅଛନ୍ତି । କହି ରଖୁଛୁ ମସ୍ୱାତିଙ୍କ ବାପା ୧୨୫ ଜଣ ମହିଳାଙ୍କୁ ବିବାହ କରିଥିଲେ । ରାଜା ମସ୍ୱାତି ପ୍ରତିବର୍ଷ ରିଡ୍ ନୃତ୍ୟ ସମାରୋହରେ ତାଙ୍କର ନୂଆ ସ୍ତ୍ରୀ ବାଛନ୍ତି । ଇସୱାତିନିର ଏହା ଏକ ପାରମ୍ପରିକ ପ୍ରଥା । ରାଜା ମସ୍ୱାତି ୪୦ ବର୍ଷ ଧରି ରାଜ ଦାୟିତ୍ୱରେ ଅଛନ୍ତି । ସେ ବିଳାସପୂର୍ଣ୍ଣ ଜୀବନଯାପନ କରନ୍ତି । କିନ୍ତୁ ଇସୱାତିନି ଏକ ଗରିବ ଦେଶ, ଯେଉଁଠାରେ ଦେଶର ଅଧିକାଂଶ ଜନତା ଅର୍ଥାଭାବରେ ବାସ କରନ୍ତି । ପୂର୍ବରୁ ସ୍ୱାଜିଲ୍ୟାଣ୍ଡ ଭାବରେ ଜଣାଶୁଣା ଇସୱାତିନିର ଜନସଂଖ୍ୟା ୧.୧ ନିୟୁତ ହେବ । ଇସୱାତିନିରେ ଏଡସ୍ ସଂକ୍ରମଣର ମାତ୍ରା ସର୍ବାଧିକ ରହିଛି । ଦକ୍ଷିଣ ଆଫ୍ରିକାର ଜୁଲୁ ରାଜତନ୍ତ୍ର ଏବଂ ଇସୱାତିନି ମଧ୍ୟରେ ଦୃଢ଼ ପାରମ୍ପରିକ ସମ୍ପର୍କ ରହିଛି । ରାଜା ମସ୍ୱାତିଙ୍କ ରାଣୀମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ପୂର୍ବତନ ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ଜାକବ୍ ଜୁମାଙ୍କ ଝିଅ । ଗତ ବର୍ଷ ଏକ ଉତ୍ସବରେ ଅନୁଷ୍ଠିତ ହୋଇଥିଲା ରାଜା ରାଣୀଙ୍କ ବିବାହ ।

# ଚେନ୍ନାଇରେ ଅବତରଣ ପୂର୍ବରୁ ଭାଙ୍ଗିଲା ଇଣ୍ଡିଗୋ ବିମାନର ୱିଣ୍ଡସିଲ୍ଡ,ଚାଲିଛି ତଦନ୍ତ




ଚେନ୍ନାଇ: ଦେଶର ସର୍ବବୃହତ ଘରୋଇ ବିମାନ କମ୍ପାନୀ ସହ ଘଟିଛି ଅଘଟଣ । ଭାଙ୍ଗିଯାଇଛି ଇଣ୍ଡିଗୋ ବିମାନର ୱିଣ୍ଡସିଲ୍ଡ । ଚେନ୍ନାଇରେ ଅବତରଣ କରିବା ସମୟରେ ମାଦୁରାଇରୁ ଆସିଥିବା ଏକ ଇଣ୍ଡିଗୋ ବିମାନର ଭାଙ୍ଗିଗଲା ୱିଣ୍ଡସିଲ୍ଡ । ସୁରକ୍ଷିତ ଭାବରେ ଯାତ୍ରୀଙ୍କୁ ବାହାର କରାଯାଇଛି । ଏହାପରେ ବିମାନକୁ ଏକ ଅଲଗା ପାର୍କିଂ କୁ ସ୍ଥାନାନ୍ତର କରାଯାଇଥିଲା । ଏହି ବିଷୟରେ ପାଇଲଟ୍ ଜାଣିପାରିଲେ । ପାଇଲଟ୍ ବିମାନରେ ଫାଟ ଦେଖିବା ପରେ ସଜାଗ ରହିବା ସହିତ ତୁରନ୍ତ କର୍ତ୍ତୃପକ୍ଷଙ୍କୁ ଜଣାଇଲେ । ଗୁଜରାଟର ଅହମ୍ମଦାବାଦରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ପରେ ଡିଜିସିଏ ନିର୍ଦ୍ଦେଶାବଳୀକୁ ସମସ୍ତ ବିମାନ କଡ଼ାକଡ଼ି ଭାବରେ ପାଳନ କରୁଛନ୍ତି । ତେବେ ଏହି ବିମାନରେ ମୋଟ ୧୭୮ ଜଣ ଯାତ୍ରୀଙ୍କୁ ନେଇ ଯାତ୍ରା କରୁଥିଲା । ସୂଚନା ଅନୁସାରେ ପାଇଲଟ୍ ପ୍ରଥମେ ୱିଣ୍ଡସିଲ୍ଡରେ ଏକ ଫାଟ ଦେଖିଥିଲେ । ଏହାପରେ ସେ ବିମାନବନ୍ଦରରେ ଏୟାର ଟ୍ରାଫିକ୍ ନିୟନ୍ତ୍ରକଙ୍କୁ ଏସମ୍ପର୍କରେ ସବୁ ଜଣାଇଥିଲେ । ଖବର ପାଇବା ପରେ ବିମାନବନ୍ଦରରେ ସବୁ ପ୍ରକାର ବ୍ୟବସ୍ଥା କରାଯାଇଥିଲା । ଏହାପରେ ବିମାନଟି ସୁରକ୍ଷିତ ଭାବରେ ଅବତରଣ କରିଥିଲା । ବିମାନକୁ ଏକ ଅଲଗା ପାର୍କିଂ ପାଇଁ ବୋ (ବୋ ନମ୍ବର ୯୫) କୁ ସ୍ଥାନାନ୍ତର କରାଯାଇଥିଲା । ଏହାପରେ ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବରେ ତଳକୁ ଅଣାଯାଇଥିଲା । ସେ କହିଛନ୍ତି ଯେ ବର୍ତ୍ତମାନ ୱିଣ୍ଡସିଲ୍ଡ ବଦଳାଇବା ପାଇଁ ବ୍ୟବସ୍ଥା ଚାଲିଛି । ଘଟଣାର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ଜଣା ପଡ଼ିନାହିଁ । ଏହି ଘଟଣା ଯୋଗୁଁ ଇଣ୍ଡିଗୋ ମଦୁରାଇକୁ ଏହାର ଉଡ଼ାଣର ପ୍ରତ୍ୟାବର୍ତ୍ତନ ଯାତ୍ରାକୁ ବାତିଲ କରିଛି । ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ଫାଟଟି ୱିଣ୍ଡସିଲ୍ଡର ବାହାର ଭାଗରେ ଥିଲା । ବିମାନଟି ଯାଞ୍ଚ କରାଯାଉଛି। ସମ୍ପୂର୍ଣ୍ଣ ରକ୍ଷଣାବେକ୍ଷଣ ଯାଞ୍ଚ ପରେ ହିଁ ବିମାନକୁ ପୁଣି ଥରେ ଉଡ଼ାଣ ପାଇଁ ଅନୁମତି ଦିଆଯିବ। ଇଣ୍ଡିଗୋ ଏୟାରଲାଇନ୍ସ ଏକ ବିବୃତ୍ତିରେ କହିଛି ଯେ ଯାତ୍ରୀ ସୁରକ୍ଷା ଏହାର ସର୍ବୋଚ୍ଚ ପ୍ରାଥମିକତା। ବିମାନରେ ରହିଥିବା ୧୭୮ ଜଣ ଯାତ୍ରୀ ଏବଂ ୬ ଜଣ କ୍ରୁ ସଦସ୍ୟଙ୍କୁ ସୁରକ୍ଷିତ ଭାବରେ ଓହ୍ଲାଇ ଦିଆଯାଇଛି ।

## ବେଜିଂ ବିରୋଧରେ ଟ୍ରମ୍ପଙ୍କ କଡ଼ା ଆଭିମୁଖ୍ୟ, ପୁଣି ଲଗାଇଲେ ୧୦୦ ପ୍ରତିଶତ ଟାରିଫ୍ ?

ଚୀନ୍ : ଚୀନ୍ ଉପରେ ଖପ୍ପା ହେଲେଣି ଟ୍ରମ୍ପ । ସେଇଥି ଲାଗି ତ ଲଗାଇଛନ୍ତି ୧୦୦ ପ୍ରତିଶତ ଅତିରିକ୍ତ ଟାରିଫ୍ । ନଭେମ୍ବର ୧ ତାରିଖ ୨୦୨୫ ରୁ ସମସ୍ତ ଚୀନ୍ ଆମଦାନୀ ଉପରେ ୧୦୦% ଅତିରିକ୍ତ ଶୁଳ୍କ ଘୋଷଣା କରିଛନ୍ତି ଟ୍ରମ୍ପ । ଏହା ସହିତ ସେ ଆମେରିକାରେ ନିର୍ମିତ ଗୁରୁତ୍ୱପୂର୍ଣ୍ଣ ସଫ୍ଟୱେର୍ ରପ୍ତାନି ଉପରେ ନିୟନ୍ତ୍ରଣ ମଧ୍ୟ ଘୋଷଣା କରିଛନ୍ତି । ଯାହାକୁ ନେଇ ଏବେ ଭାରି ଚର୍ଚ୍ଚା । ଚୀନ ଓ ଆମେରିକା ମଧ୍ୟରେ ବଢ଼ିବାରେ ଲାଗିଛି ଉତ୍ତେଜନା । କେବଳ ଉତ୍ତେଜନା ବଢିଛି ତାହା ନୁହେଁ ବରଂ ବିଶ୍ୱର ଦୁଇ ବୃହତ୍ତମ ଅର୍ଥନୀତି ମଧ୍ୟରେ ବାଣିଜ୍ୟ ଏବଂ ଭୂରାଜନୈତିକ ଉତ୍ତେଜନା ବୃଦ୍ଧି ପାଇଥିବା ସମୟରେ ଏହି ଟାରିଫ୍ ? ପରି ପଦକ୍ଷେପ ନେଇଛନ୍ତି ଟ୍ରମ୍ପ । ସେପଟେ ବିଶେଷଜ୍ଞମାନେ କହିଲେଣି, ଏହି ନୀତି କାର୍ଯ୍ୟକାରୀ ହୁଏ, ତେବେ ବିଶ୍ୱ ବଜାରକୁ ଗୁରୁତର ଭାବରେ ପ୍ରଭାବିତ କରିବ । ଚୀନ ଉପରେ ଅଧିକ ୧୦୦ ପ୍ରତିଶତ ଟାରିଫ୍ ? ଲଗାଇବା ପରେ ଟ୍ରମ୍ପ ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟ କରି ଚୀନକୁ ଟାର୍ଗେଟ କରିଛନ୍ତି । ଲେଖିଛନ୍ତି ଯେ 'ଚୀନ ଅସ୍ୱାଭାବିକ ଭାବରେ ଆକ୍ରମଣାତ୍ମକ ବାଣିଜ୍ୟିକ ମନୋଭାବ ଗ୍ରହଣ କରିଛି ଏବଂ ଏହା ସମସ୍ତ ଦେଶକୁ ପ୍ରଭାବିତ କରିବ। ଚୀନ ଏହାର ଅଧିକାଂଶ ଉତ୍ପାଦ ଉପରେ ରପ୍ତାନି କଟକଣା ଲଗାଇବାକୁ ଯୋଜନା କରୁଛି, ଯାହା ଦ୍ୱାରା ବିଶ୍ୱ ବଜାରରେ ଅସନ୍ତୁଳନ ସୃଷ୍ଟି ହେଉଛି । ଆମେରିକା ଏବେ ସମାନ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । ନଭେମ୍ବର ୧ରୁ ଆମେ ଚୀନ ଉପରେ ଅତିରିକ୍ତ ୧୦୦% ଶୁଳ୍କ ଲାଗୁ କରିବୁ ବୋଲି ଟ୍ରମ୍ପ କହିଛନ୍ତି । ଏସ୍‌ସିଓ ସମ୍ମିଳନୀରେ ଏକାଠି ହୋଇଥିଲେ ବିଶ୍ୱର ୩ ମହାଶକ୍ତି । ଋଷିଆ-ଭାରତ ଓ ଚୀନ୍ ଏକାଠି ହେବା ପରେ ରାଗିପାଚି ଲାଲ୍ ହୋଇଥିଲେ ଟ୍ରମ୍ପ। ଅବଶ୍ୟ ଏହାକୁ ଡ୍ରାମା ବୋଲି କହିଥିଲେ । କିନ୍ତୁ ୩ ମହାଶକ୍ତି ଏକାଠି ମିଶିଲେ ଆମେରିକା ପାଇଁ ବଡ଼ କ୍ଷତି ହେବ ବୋଲି ଟ୍ରମ୍ପ ଭଲରେ ଜାଣିଥିଲେ । ସେଇଥି ଲାଗି ତ ଗୋଟିଏ ପରେ ଗୋଟିଏ ଅତିରିକ୍ତ ଟାରିଫ୍ ଲଗାଇବାରେ ବ୍ୟସ୍ତ ଅଛନ୍ତି ଟ୍ରମ୍ପ । ପୂର୍ବରୁ ବି ଋଷିଆଠୁ ଭାରତ ତେଲ କିଣିବା ପରେ ଟ୍ରମ୍ପ ନାପସନ୍ଦ କରିଥିଲେ। ହେଲେ ଭାରତ ଟ୍ରମ୍ପଙ୍କ କଥା ଶୁଣିନଥିଲା । ଏବେ ପୁଣି ଥରେ ଟ୍ରମ୍ପ ଚୀନ୍ ବିରୋଧରେ ଟାରିଫ୍ ଲଗାଇବା ପରେ ପୂରା ବିଶ୍ୱରେ ଚର୍ଚ୍ଚା ଜୋର ଧରିଛି । ତେବେ ଟାରିଫ୍ ଲଗାଇବା ପରେ ଏବେ କେଉଁ କେଉଁ ସାମଗ୍ରୀ ଉପରେ ଦର କେତେ ବଢୁଛି ତାହା ଉପରେ ନଜର ।



# ପ୍ରେମାନନ୍ଦ ମହାରାଜଙ୍କୁ ଦର୍ଶନ କରାଇବା କଥାଦେଇ ବୃନ୍ଦାବନ ଡାକି ଯୁବତୀଙ୍କୁ ଦୁଷ୍କର୍ମ ; ଅଭିଯୁକ୍ତ ଗିରଫ

ବୃନ୍ଦାବନ : ମଥୁରାର ବୃନ୍ଦାବନ କୋତୱାଲି ଅଞ୍ଚଳରେ ଜଣେ ଯୁବତୀଙ୍କୁ ଦୁଷ୍କର୍ମ । ପ୍ରେମାନନ୍ଦ ଜୀ ମହାରାଜଙ୍କ ଦର୍ଶନର ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ବୃନ୍ଦାବନରେ ଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି । ଏନେଇ ସଂପୃକ୍ତ ଯୁବତୀ ଜଣକ କୋତୱାଲି ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟରେ ହାଜର କରିବା ତଦନ୍ତ ଆରମ୍ଭ କରିଛି । ପୀଡିତାଙ୍କ ଅଭିଯୋଗ ଅନୁସାରେ ଅଭିଯୁକ୍ତ ଯୁବକ ଇନଷ୍ଟାଗ୍ରାମ ମେସେଜ ମାଧ୍ୟମରେ ତାଙ୍କୁ ସନ୍ଥ ପ୍ରେମାନନ୍ଦ ମହାରାଜଙ୍କ ଏକାନ୍ତ ଦର୍ଶନ ଦେବା ବାହାନାରେ ଆଗ୍ରାରୁ ବୃନ୍ଦାବନକୁ ଡକାଇଥିଲେ । ତା'ପରେ ସେ ତାଙ୍କୁ ନେଇ ଗୋଟିଏ ଗେଷ୍ଟହାଉସ୍ ?ରେ ରଖିଲେ । ଯେଉଁଠାରେ ସେ ତାଙ୍କ ଚା'ରେ ଏକ ନିଶାଦ୍ରବ୍ୟ ମିଶାଇ ଦେଇଥିଲେ, ଯାହା ଫଳରେ ସେ ବେହୋସ ହୋଇଯାଇଥିଲେ । ଏହାର ସୁଯୋଗ ନେଇ ଅଭିଯୁକ୍ତ ତାଙ୍କୁ ଦୁଷ୍କର୍ମ କରିଥିଲେ । ମହିଳାଙ୍କ ଅଭିଯୋଗ ଆଧାରରେ, ପୁଲିସ ଅଭିଯୁକ୍ତ ବୃନ୍ଦାବନ ନିବାସୀ ସୁନ୍ଦରମ୍ ରାଜପୁତଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରିଛି । ଏହି ସମ୍ପର୍କରେ ବୃନ୍ଦାବନର ଏସପି ସିଟି ରାଜୀବ କୁମାର ସିଂହ କହିଛନ୍ତି ଯେ ଏହି ମାମଲାକୁ ଗମ୍ଭୀରତାକୁ ବିଚାର କରି ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟରେ ହାଜର କରାଯାଇଛି ।

## ମେକ୍ସିକୋରେ ପ୍ରବଳ ବର୍ଷା, ବନ୍ୟା ଏବଂ ଭୂସ୍ଖଳନରେ ୪୧ ମୃତ



ମେକ୍ସିକୋ : ଗତ କିଛି ଦିନ ଧରି ମୁଷଳ ଧାରାରେ ବର୍ଷା ହେବା ଯୋଗୁଁ ମେକ୍ସିକୋରେ ପରିସ୍ଥିତି ଖରାପ ହେବାରେ ଲାଗିଛି । ପ୍ରବଳ ବର୍ଷା ଯୋଗୁଁ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହୋଇଛି । ବନ୍ୟା ଏବଂ ଭୂସ୍ଖଳନ ହେବା ଯୋଗୁଁ ମେକ୍ସିକୋରେ ୪୧ ଜଣଙ୍କର ମୃତ୍ୟୁ ହୋଇଛି । ସୂଚନାନୁଯାୟୀ, ଶନିବାର ସୁଦ୍ଧା ମେକ୍ସିକୋ ସିଟିର ଉତ୍ତରରେ ଥିବା ହିଡାଲଗୋ ରାଜ୍ୟରେ ପ୍ରବଳ ବର୍ଷା ଯୋଗୁଁ ୧୬ ଜଣଙ୍କର ମୃତ୍ୟୁ ହୋଇଛି । ମେକ୍ସିକୋର ପୁଏବଲା ରାଜ୍ୟରେ ଅତି କମରେ ୯ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୧୬,୦୦୦ ରୁ ଅଧିକ ଘର କ୍ଷତିଗ୍ରସ୍ତ କିମ୍ବା ନଷ୍ଟ ହୋଇଛି। ଭେରାକ୍ରୁଜ୍ ରାଜ୍ୟରେ ଆଉ ୧୫ ଜଣଙ୍କର ମୃତ୍ୟୁ ହୋଇଛି । ଭୂସ୍ଖଳନ ଏବଂ ବନ୍ୟା ଦ୍ୱାରା ବିଚ୍ଛିନ୍ନ ହୋଇଥିବା ୪୨ ସମ୍ପ୍ରଦାୟର ବାସିନ୍ଦାଙ୍କୁ ଉଦ୍ଧାର କରିବାରେ ସେନା ଏବଂ ନୌସେନା ନିୟୋଜିତ ରହିଛନ୍ତି । ଅନ୍ୟପଟେ ଉଦ୍ଧାରକାରୀମାନେ ସମଗ୍ର ଅଞ୍ଚଳରେ ନିଖୋଜ ୨୭ ଜଣଙ୍କୁ ଖୋଜୁଛନ୍ତି । ପ୍ରବଳ ବର୍ଷା ଯୋଗୁଁ ସାରା ଦେଶରେ ୩୨୦,୦୦୦ରୁ ଅଧିକ ଲୋକ ବିଦ୍ୟୁତ୍ ବିଭ୍ରାଟ ଯୋଗୁଁ ପ୍ରଭାବିତ ହୋଇଛନ୍ତି ବୋଲି ଅଧିକାରୀମାନେ କହିଛନ୍ତି ।

# କତର ଓ ସାଉଦି ଆରବର ହସ୍ତକ୍ଷେପ ପରେ ଆକ୍ରମଣ ବନ୍ଦ କଲା ତାଲିବାନ



କାବୁଲ : ପାକିସ୍ତାନ ଓ ତାଲିବାନ ମଧ୍ୟରେ ସଂପର୍କ ଏବେ ଖରାପ ହଇଯାଇଛି । କାବୁଲ ଉପରେ ପାକିସ୍ତାନ ବାୟୁସେନାର ଆକ୍ରମଣର ଜବାବରେ ଶନିବାର ରାତିରେ ପାକିସ୍ତାନ ସୀମାରେ ଜୋରଦାର ଆକ୍ରମଣ କରିଛି ତାଲିବାନ । ଏହି ଆକ୍ରମଣରେ ପ୍ରାୟ ୫୮ ଜଣ ପାକିସ୍ତାନୀ ସୈନିକ ପ୍ରାଣ ହରାଇଥିବାବେଳେ ୩୦ ଜଣ ଆହତ ହୋଇଛନ୍ତି ବୋଲି ତାଲିବାନ ଦାବି କରୁଛି । ଏହା ସହିତ ତାଲିବାନ ପାକିସ୍ତାନର କେତେକ ସେନା ପୋଷ୍ଟକୁ ଅକ୍ତିଆର କରିନେଇଛି । ଏହି ଘଟଣା ପରେ ପାକିସ୍ତାନ ଓ ତାଲିବାନ ମଧ୍ୟରେ ଏକ ବଡ଼ ସଂଘର୍ଷର ଆଶଙ୍କା ବଢିଯାଇଛି । ତେବେ ଦୁଇ ପ୍ରଭାବଶାଳୀ ମୁସଲିମ ରାଷ୍ଟ୍ର ସାଉଦି ଆରବ ଓ କତରର ହସ୍ତକ୍ଷେପ ପରେ ତାଲିବାନ ଶାନ୍ତ ପଡ଼ିଛି ଓ ପାକିସ୍ତାନ ଉପରେ ଆକ୍ରମଣ ବନ୍ଦ କରିଛି । ଦୁଇ ପ୍ରଭାବଶାଳୀ ମୁସଲିମ ରାଷ୍ଟ୍ର ସାଉଦି ଆରବ ଓ କତରର ହସ୍ତକ୍ଷେପ ପରେ ତାଲିବାନ ଶାନ୍ତ ପଡ଼ିଛି ଓ ପାକିସ୍ତାନ ଉପରେ ଆକ୍ରମଣ ବନ୍ଦ କରିଛି । ତାଲିବାନ ମୁଖପାତ୍ର ଜାବିହୁଲ୍ଲା ମୁଜାହିଦ କହିଛନ୍ତି, ଆମେ ସୀମାରେ ସଂଘର୍ଷ ବନ୍ଦ କରିଛୁ। କତର ଏବଂ ସାଉଦି ଆରବର ଅନୁରୋଧ ଏବଂ ମଧ୍ୟସ୍ଥତାରେ ଏହି ନିଷ୍ପତ୍ତି ନିଆଯାଇଛି। ଆମେ ଏହି ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ଚାହୁଁଛୁ। ଏହା ପୂର୍ବରୁ ସାଉଦି ଆରବ, କାତାର ଏବଂ ଇରାନ ଏହି ସଂଘର୍ଷ ଉପରେ ଗଭୀର ଚିନ୍ତା ପ୍ରକାଶ କରିଥିଲେ ଏବଂ ଉଭୟ ପକ୍ଷକୁ ସଂଯମ, ଆଲୋଚନା ଏବଂ ବୁଝାମଣା' ପାଇଁ ନିବେଦନ କରିଥିଲେ। ସାଉଦି ବିଦେଶ ମନ୍ତ୍ରଣାଳୟ କହିଥିଲା, 'ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା ବିଷୟରେ ଆମେ ଚିନ୍ତିତ। ଉଭୟ ଦେଶ ସଂଯମତା ଅବଲମ୍ବନ କରିବା ଉଚିତ ଏବଂ ଆଲୋଚନା ମାଧ୍ୟମରେ ସୁରକ୍ଷା ଏବଂ ସ୍ଥିରତା ବଜାୟ ରଖିବା ଉଚିତ।'

# ୱେଷ୍ଟଇଣ୍ଡିଜକୁ ଆଶା ଦେଖାଇଲେ କ୍ୟାମ୍ପବେଲ ଓ ହୋପ୍





ନୂଆଦିଲ୍ଲୀ, ୧୨।୧୦(ଏଜେନ୍ସି): ଦିଲ୍ଲୀରେ ଖେଳା ଯାଉଥିବା ଦ୍ୱିତୀୟ ଟେଷ୍ଟରେ ରବିବାର ତୃତୀୟ ଦିନରେ ଫଲୋଅନ ଖାଇଥିବା ୱେଷ୍ଟ ଇଣ୍ଡିଜ୍ ପାଇଁ ଆଶ୍ୱସ୍ତି ଆଣିଛନ୍ତି ଜନ କ୍ୟାମ୍ପବେଲ ଓ ସାଇ ହୋପ୍। ଉଭୟଙ୍କ ଶତକୀୟ ଭାଗିଦାରୀ ଫଳରେ ଆଜି ଖେଳ ଶେଷ ହେବା ବେଳକୁ ଦଳ ୨ ୱିକେଟ ହରାଇ ୧୭୩ ରନ୍ ସଂଗ୍ରହ କରି ନେଇଛି। ତଥାପି ଦଳ ଭାରତଠାରୁ ୯୭ ରନ୍ ପଛରେ ରହିଛି। ତେଣୁ ଭାରତର ପଲା ଏବେବି ଭାରି ରହିଛି।

ପ୍ରଥମ ଇନିଂସରେ ୨୪୮ ରନ୍‌ରେ ଇଣ୍ଡିଜ୍ ଅଲ୍ଆଉଟ୍ ହୋଇଯିବା ପରେ ୨୭୦ ରନ୍‌ର ଅଗ୍ରଣୀ ଲାଭ କରିଥିବା ଭାରତ ଫଲୋଅନ ଦେଇଥିଲା। ଫଳରେ ଭ୍ରମଣକାରୀ ଦଳ ଦ୍ୱିତୀୟ ଇନିଂସ ପାଇଁ ବ୍ୟାଟିଂ କରିବାକୁ ପଡିଆକୁ ଓହ୍ଲାଇଥିଲା। ତେବେ ପ୍ରଥମ ଇନିଂସର ଭୁଲ୍‌କୁ ଦୋହରାଇ ନଥିଲା ଦଳ। ୧୪.୩ ଓଭରରେ ମାତ୍ର ୩୫ ରନ୍‌ରେ ୨ଟି ୱିକେଟ୍ ହରାଇଥିଲେ ବି ଓପନର ଜନ କ୍ୟାମ୍ପବେଲ ଓ ଚତୁର୍ଥ ସ୍ଥାନରେ ଖେଳିବାକୁ ଆସିଥିବା ସାଇ ହୋପ୍ ସ୍ଥିତିକୁ ସମ୍ଭାଳି ନେଇଥିଲେ ଓ ଆଉ ବିପର୍ଯ୍ୟୟ ହେବାକୁ ଦେଇ ନଥିଲେ। ଉଭୟ ଧୈର୍ଯ୍ୟର ସହିତ ଇନିଂସକୁ ଆଗେଇ ନେଇଥିଲେ।

କ୍ୟାମ୍ପବେଲ ୧୪୫ଟି ବଲ୍‌ରେ ୯ଟି ଚୌକା ଓ ୨ଟି ଛକା ସହାୟତାରେ ୮୭ ରନ୍ କରି ଅପରାଜିତ ରହିଛନ୍ତି। ସେହିପରି ସାଇ ହୋପ୍ ୧୦୩ଟି ବଲ୍‌ରୁ ୮ ଚୌକା ଓ ୨ଟି ଛକା ସହାୟତାରେ ୬୬ ରନ୍ କରି ଅପରାଜିତ ରହିଛନ୍ତି। ଉଭୟଙ୍କ ମଧ୍ୟରେ ଏକ ଚମତ୍କାର ଶତକୀୟ ଭାଗିଦାରୀ ହୋଇଛି।

ଚଳିତ ଦୁଇଟି ମ୍ୟାଚ୍ ବିଶିଷ୍ଟ ଭାରତ-ୱେଷ୍ଟ ଇଣ୍ଡିଜ୍ ଟେଷ୍ଟ ସିରିଜରେ ଏହା ହେଉଛି ୱେଷ୍ଟ ଇଣ୍ଡିଜର ପ୍ରଥମ ଶତକୀୟ ଭାଗିଦାରୀ। ଫଳରେ ଫଲୋଅନରେ ହିଁ ମ୍ୟାଚ୍ ଜିତିବାକୁ ଲକ୍ଷ୍ୟ ରଖିଥିବା ଭାରତ ପାଇଁ ବିଜୟ ଟିକେ ବିଳମ୍ବରେ ଆସିପାରେ। ଦଳ ଏବେବି ୯୭ ରନ୍ ଆଗରେ ରହିଥିବା ବେଳେ ଆହୁରି ଦୁଇ ଦିନ ଖେଳ ବାକି ଅଛି।

ଶୁବମନ ଗିଲଙ୍କ ନେତୃତ୍ୱାଧୀନ ଟିମ୍ ପ୍ରଥମ ଇନିଂସରେ ଚମତ୍କାର ବୋଲିଂ କରି ୫ଟି ୱିକେଟ ହାସଲ କରିଥିବା କୁଳଦୀପ ଦ୍ୱିତୀୟ ଇନିଂସରେ ୧୧ ଓଭରରେ ୫୩ ରନ୍ ଦେଇଥିଲେ ହେଁ ଗୋଟିଏ ବି ୱିକେଟ୍ ପାଇନଥିଲେ। ଅନ୍ୟପକ୍ଷରେ ମହମ୍ମଦ ସିରାଜ ୬ ଓଭର ବୋଲିଂ କରି ୧୦ ରନ୍ ଦେଇ ଗୋଟିଏ ୱିକେଟ ହାସଲ କରିଥିଲେ। ୱାଶିଂଟନ ସୁନ୍ଦରଙ୍କୁ ମଧ୍ୟ ଗୋଟିଏ ୱିକେଟ ମିଳିଛି। ସୂଚନାଯୋଗ୍ୟ, ଭାରତ ପ୍ରଥମ ଇନିସଂରେ ୫ ୱିକେଟ୍ ହରାଇ ୫୧୮ ରନ୍ କରି ପାଳି ଘୋଷଣା କରିଥିଲା।

ଶନିବାର ଦ୍ୱିତୀୟ ଦିନର ଖେଳ ଶେଷ ହେବା ବେଳକୁ ୧୪୦ ରନ୍ କରି ୪ ୱିକେଟ୍ ହରାଇଥିବା ଇଣ୍ଡିଜ ଟିମ୍ ଆଜି ୨୪୮ ରନ୍ କରି ଅଲ୍ଆଉଟ୍ ହୋଇଯାଇଛି। ଫଳରେ ଭାରତ ପ୍ରଥମ ଇନିଂସରେ ୨୭୦ ରନ୍‌ର ଅଗ୍ରଣୀ ଲାଭ କରିଛି। ଏହା ସହିତ ଭାରତ ଫଲୋଅନ ଦେଇଛି। ଫଳରେ ଇଣ୍ଡିଜ୍ ଟିମ୍ ପୁଣି ବ୍ୟାଟିଂ କରିବାକୁ ପଡିଆକୁ ଓହ୍ଲାଇଛି।

ଗତକାଲି ଷ୍ଟମ୍ପ ଅପସାରଣ ବେଳକୁ ଯଥା କ୍ରମେ ୩୪ ଓ ୧୪ ରନ୍ କରି ନଟ୍ଆଉଟ୍ ଥିବା ସାଇ ହୋପ ଓ ତେଭିନ ଇମଲାଚ୍ ଆଜି ବିଶେଷ କିଛି ଯୋଗଦାନ କରିପାରି ନଥିଲେ। ୩୬ ରନ୍ କରିଥିବା ବେଳେ କୁଳଦୀପ ଯାଦବଙ୍କ ବଲ୍‌ରେ ବୋଲ୍ଡ ହୋଇଯାଇଥିଲେ ସାଇ ହୋପ। ସେ ଆଉଟ୍ ହେବାର ୨ ଓଭର ପରେ ଆଉଟ ହୋଇଥିଲେ ତେଭିନ ଇମଲାଚ୍। ସେ ତାଙ୍କ ଖାତାରେ ଆଉ ୭ ରନ୍ ଯୋଡି ଅର୍ଥାତ୍ ୨୧ ରନ୍ କରିଥିବା ବେଳେ କୁଳଦୀପ ଯାଦବଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ।। ଏହା ପରେ ଆସିଥିବା ଅନ୍ୟ କୌଣସି ଖେଳାଳି ବଡ ସ୍କର କରିବାକୁ ସଫଳ ହୋଇ ନଥିଲେ। ଜଷ୍ଟିନ୍ ଗ୍ରେବ୍‌ସ ୧୭ ରନ୍ କରି କୁଳଦୀପ ଯାଦବଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିବା ବେଳେ ଖ୍ୟାରୀ ପିୟରେ ୪୬ଟି ବଲ୍‌ରୁ ୨୩ ରନ୍ କରିଥିବା ବେଳେ ଯଶପ୍ରୀତ ବୁମ୍ରାଙ୍କ ବଲ୍‌ରେ ବୋଲ୍ଡ ହୋଇଯାଇଥିଲେ। ଜୋମେଲ ୱାରିକନ ମାତ୍ର ୫ଟି ବଲ୍‌ର ସମ୍ମୁଖୀନ ହୋଇ ୧ ରନ୍ କରି ମହମ୍ମଦ ସିରାଜଙ୍କ ବଲ୍‌ରେ ବୋଲ୍ଡ ହୋଇଥିଲେ।। ଏଣ୍ଡରସନ୍ ଫିଲିପ ଦଳ ତରଫରୁ ସବୁଠୁ ଅଧିକ ବଲର ସମ୍ମୁଖୀନ ହୋଇଥିଲେ। ସେ ୯୩ଟି ବଲ୍‌ରୁ ୨୪ ରନ୍ କରି ଅପରାଜିତ ରହିଥିଲେ। ଅନ୍ୟପକ୍ଷରେ ଜାୟଡେନ ସୀଲ୍ସ ୨୫ଟି ବଲ୍‌ରୁ ୧୩ ରନ୍ କରିଥିଲେ। ଭାରତ ପକ୍ଷରୁ କୁଳଦୀପ ଯାଦବ ସର୍ବାଧିକ ୫ଟି ୱିକେଟ୍ ନେଇଥିବା ବେଳେ ରବୀନ୍ଦ୍ର ଜାଡେଜା ୩ ଓ ଯଶପ୍ରୀତ ବୁମ୍ରା ଏବଂ ମହମ୍ମଦ ସିରାଜ ଗୋଟିଏ ଲେଖାଏଁ ୱିକେଟ୍ ନେଇଛନ୍ତି। ସୂଚନାଯୋଗ୍ୟ, ଭାରତ ପ୍ରଥମ ଇନିସଂରେ ୫ ୱିକେଟ୍ ହରାଇ ୫୧୮ ରନ୍ କରି ପାଳି ଘୋଷଣା କରିଥିଲା।

## ଶ୍ୱେତାପର୍ଣ୍ଣା ପଣ୍ଡାଙ୍କୁ ଏକଲବ୍ୟ ପୁରସ୍କାର

ଭୁବନେଶ୍ୱର, ୧୨।୧୦: ଅନ୍ତର୍ଜାତୀୟ ଖ୍ୟାତି ସଂପନ୍ନ ବ୍ୟାଡମିଣ୍ଟନ ତାରକା ଶ୍ୱେତାପର୍ଣ୍ଣା ପଣ୍ଡା ୨୦୨୫ ବର୍ଷ ପାଇଁ ସମ୍ମାନଜନକ ଏକଲବ୍ୟ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆଜି ଅନୁଷ୍ଠିତ ଏକଲବ୍ୟ ପୁରସ୍କାର ଜୁରୀ କମିଟିର ବୈଠକରେ ସର୍ବସମ୍ମତିକ୍ରମେ ଏହି ନିଷ୍ପତ୍ତି ନିଆଯାଇଛି।ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ଏକ ଉତ୍ସବରେ ଶ୍ୱେତାପର୍ଣ୍ଣା ପଣ୍ଡା ୩୩ତମ ଏକଲବ୍ୟ ପୁରସ୍କାର ଗ୍ରହଣ କରିବେ। ପୁରସ୍କାରର ଅଂଶ ସ୍ୱରୂପ ତାଙ୍କୁ ନଗଦ ୭ ଲକ୍ଷ ଟଙ୍କା ଓ ଏକ



ଟ୍ରଫି ପ୍ରଦାନ କରାଯିବ।

ଶ୍ୱେତାପର୍ଣ୍ଣା ପଣ୍ଡାଙ୍କ ସହିତ ଭାରୋତ୍ତୋଳନକାରୀ ପ୍ରୀତିସ୍ମିତା ଭୋଇ ଓ ଟେନିସ ଖେଳାଳି ଅହାନଙ୍କୁ ସମ୍ମାନିତ କରାଯିବ। ନିଜ ନିଜ ଖେଳରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପ୍ରୀତିସ୍ମିତା ଓ ଆହାନଙ୍କୁ ସମ୍ମାନିତ କରାଯିବ। ସେମାନଙ୍କୁ ଦେ ଲକ୍ଷ ଟଙ୍କା ଲେଖାଏ ସହିତ ମାନପତ୍ର ପ୍ରଦାନ କରାଯିବ। ଭାରତ ପ୍ରମୁଖ ଫେରୋ ଆଲଏଜ ଉତ୍ପାଦନକାରୀ କମ୍ପାନି ଇମ୍ଫା ଦ୍ୱାରା ପରିଚାଳିତ ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ ଚାରିଟେବଲ ଟ୍ରଷ୍ଟ (ଇମ୍ପାକ୍ଟ) ତରଫରୁ ୧୯୯୩ ମସିହାରୁ ଏକଲବ୍ୟ ପୁରସ୍କାର ଦିଆଯାଇଆସୁଛି। ଦୁଇ ବର୍ଷର ପ୍ରଦର୍ଶନକୁ ସମୀକ୍ଷା କରି ପ୍ରତି ବର୍ଷ ଓଡିଶାର ଜଣେ ଲେଖାଏଁ ଯୁବ କ୍ରୀଡାବିତ୍‌ଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଏ। ପୁରସ୍କାର ପାଇବାକୁ ମନୋନୀତ ହୋଇଥିବା ୩ ଖେଳାଳିଙ୍କ ନାମ ଘୋଷଣା କରିବା ଅବସରରେ ଇମ୍ପାକ୍ଟର ଏକଲବ୍ୟ ପୁରସ୍କାର କମିଟି ଓ ଟ୍ରଷ୍ଟିର ଅଧ୍ୟକ୍ଷ ବୈଜୟନ୍ତ ପଣ୍ଡା କହିଥିଲେ ଯେ କ୍ରୀଡାକ୍ଷେତ୍ରରେ ଥିବା ପ୍ରତିଭାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଇମ୍ପାକ୍ଟ ନିରନ୍ତର କାର୍ଯ୍ୟ କରିଆସୁଛି। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରଦର୍ଶନ କରିବାକୁ ରାଜ୍ୟର ଯୁବ କ୍ରୀଡାବିତମାନଙ୍କୁ ଉତ୍ସାହିତ କରିବା ପାଇଁ ଏକଲବ୍ୟ ପୁରସ୍କାର ପ୍ରତିଷ୍ଠା କରାଯାଇଛି।

## ଦିନିକିଆରେ ମନ୍ଧାନାଙ୍କ ୫ ହଜାର ରନ୍ ପୂରଣ

ବିଶାଖାପାଟଣା, ୧୨।୧୦: ଭାରତୀୟ ଦଳର ଉପ ଅଧିନାୟିକା ସ୍ମୃତି ମନ୍ଧାନା ରବିବାର ପ୍ରଥମ କ୍ରିକେଟର ଭାବେ ମହିଳା ଦିନିକିଆରେ ଗୋଟିଏ ବର୍ଷରେ ୧ ହଜାର ରନ୍ ପୂରଣ କରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ହାଇପ୍ରୋଫାଇଲ ମ୍ୟାଚ୍‌ରେ ୮୦ ରନର ବିସ୍ଫୋରକ ପାଳି ଅବସରରେ ସେ ଏହି ରେକର୍ଡର ଅଧିକାରୀ ହୋଇଛନ୍ତି।

ଏହି ଇନିଂସରେ ସେ ଦିନିକିଆ କ୍ରିକେଟରେ ୫୦୦୦ ରନ୍ ମଧ୍ୟ ପୂରଣ କରିଛନ୍ତି। ବିଶ୍ୱର ପଞ୍ଚମ ଓ ଦ୍ୱିତୀୟ ଭାରତୀୟ ଭାବେ ସେ ଏହି ମାଇଲଷ୍ଟୋନରେ ପହଞ୍ଚିଛନ୍ତି। ତାଙ୍କ ପୂର୍ବରୁ ପୂର୍ବତନ ଅଧିନାୟିକା ମିତାଲି ରାଜ ଏହି ଉପଲବ୍ଧି ହାସଲ କରିଥିଲେ। ତେବେ ମନ୍ଧାନା କମ୍ ସଂଖ୍ୟକ ଇନିଂସ ଓ ବଲରେ ଏହି ମାଇଲଷ୍ଟୋନରେ ପହଞ୍ଚିଛନ୍ତି।

ସେ ୧୧୨ ଇନିଂସ ଓ ୫,୫୬୯ ବଲରେ ୫୦୦୦ ରନ ପୂରଣ କରିଛନ୍ତି। ଦୁଇ ରେକର୍ଡ ପୂର୍ବରୁ ଷ୍ଟେଫନି ଟେଲର (୧୨୯ ଇନିଂସ) ଓ ସୁଜି ବେଟ୍ସ (୬,୧୮୨ ବଲ)ଙ୍କ ନାମରେ ଥିଲା। ଚଳିତ ବର୍ଷ ଏପର୍ଯ୍ୟନ୍ତ ମନ୍ଧାନା ୧୮ ମ୍ୟାଚ୍‌ରେ ୧୦୬୨ ରନ୍ କରିଛନ୍ତି। ଗୋଟିଏ ବର୍ଷରେ ମହିଳା ଦିନିକିଆରେ ସର୍ବାଧିକ ରନ୍ କରିବାର ରେକର୍ଡ ପୂର୍ବରୁ ଅଷ୍ଟ୍ରେଲିଆର ବେଲିଣ୍ଡା କ୍ଲାର୍କ (୧୯୯୭ରେ ୯୭୦ ରନ୍)ଙ୍କ

## ଭାରତର କ୍ରମାଗତ ଦ୍ୱିତୀୟ ପରାଜୟବରଣ

ନୂଆଦିଲ୍ଲୀ, ୧୨।୧୦: ଭାରତ ବନାମ ଅଷ୍ଟ୍ରେଲିଆ। ମ୍ୟାଚ୍ ରୋମାଞ୍ଚକର ହୋଇଛି। ଶେଷରେ ୩ ୱିକେଟରେ ମ୍ୟାଚ୍ ଜିତି ନେଇଛି ଅଷ୍ଟ୍ରେଲିଆ। ଟିମ୍ । ଏଲିସ ପେରି ଛକା ମାରି ମ୍ୟାଚ୍ ଜିତାଇଛନ୍ତି । ଭାରତ ଶେଷ ପର୍ଯ୍ୟନ୍ତ ଲଢ଼େଇ କରିଥିଲେ ମଧ୍ୟ ନିରାଶ ହୋଇଛି ।ଭାରତକୁ ତିନି ୱିକେଟରେ ପରାସ୍ତ କରି ଅଷ୍ଟ୍ରେଲିଆ। ପୁଣିଥରେ ଶୀର୍ଷ ସ୍ଥାନ ହାସଲ କରିଛି ।ରବିବାର ବିଶାଖାପାଟଣାରେ ଖେଳାଯାଇଥିବା ରୋମାଞ୍ଚକର ମହିଳା ବିଶ୍ୱକପ୍ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ପ୍ରତୀକା ରାଲ ଏବଂ ସ୍ମୃତି ମନ୍ଧାନାଙ୍କ ମଧ୍ୟରେ ୧୫୫ ରନ୍‌ର ବିଶାଳ ଭାଗୀଦାରି ଆଧାରରେ ୪୮.୫ ଓଭରରେ ୩୩୦ ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆ। ୪୯ ଓଭରରେ ୭ ୱିକେଟ୍‌ରେ ୩୩୧ ରନ୍ କରି ମ୍ୟାଚ୍ ଜିତିଥିଲା ।ଅଧିନାୟକ ଆଲିସା ହିଲି ଚମତ୍କାର ପ୍ରଦର୍ଶନ କରିଥିଲେ ସେ ୧୦୭ ବଲ୍‌ରେ ୧୪୨ ରନ୍‌ର ଏକ ଦୃଢ଼ ଇନିଂସ ଖେଳି ବିଜୟ ସୁନିଶ୍ଚିତ କରିଥିଲେ। ଏହି ମ୍ୟାଚ୍‌ରେ ଭାରତ ପାଇଁ ଶ୍ରୀ ଚରଣୀ ତିନୋଟି ୱିକେଟ୍ ନେଇଥିଲେ। ଅମନଜୋତ କୌର ଏବଂ ଦୀପ୍ତି ଶର୍ମା ଦୁଇଟି ଲେଖାଏଁ ୱିକେଟ୍ ନେଇଥିଲେ।

ଆଜି ଏଲିସ୍ ପେରି ରିଟାୟର୍ଡ ହର୍ଟ ହୋଇଥିଲେ । କିନ୍ତୁ ଦଳର ସପ୍ତମ ୱିକେଟ୍ ପତନ ପରେ ସେ ପଡ଼ିଆକୁ ଫେରିଥିଲେ ଆଉ ଅଷ୍ଟ୍ରେଲିଆ। ପାଇଁ ବିଜୟୀ ଛକା ମାରିଥିଲେ ଅଧିନାୟକ ଆଲିସା ହିଲି ଦମଦାର ବ୍ୟାଟିଂ କରିଥିଲେ । ସେ ୨୧ଟି ଚୌକା ଏବଂ ୩ଟି ଛକା ସହାୟତା ୧୪୨ ରନ୍‌ର ବଡ଼ ଇନିଂସ ଖେଳିଥିଲେ ଭାରତୀୟ ଟିମ୍ ଦୃଢ଼ ବୋଲିଂ କରିଥିଲେ ସୁଦ୍ଧା ଏଲିସ ପେରି ନିଜ ଟିମ୍‌କୁ ଜିତାଇବାରେ ପ୍ରମୁଖ ଭୂମିକା ନେଇଥିଲେ । ଏହି ପରାଜୟ ସହ ଭାରତ ଚଳିତ ବିଶ୍ୱକପ ଦ୍ୱିତୀୟ ଥର ପରାଜୟର ସାମ୍ନା କରିଛି ଏହା ପୂର୍ବରୁ ଦକ୍ଷିଣ ଆଫ୍ରିକା ବିପକ୍ଷରେ ପରାସ୍ତ ହୋଇଥିଲା ଟିମ୍ ଇଣ୍ଡିଆ। । ଅଷ୍ଟ୍ରେଲିଆ। ଇନିଂସ ଆରମ୍ଭ ହେବା ପୂର୍ବରୁ ଟାର୍ଗେଟ ଅସମ୍ଭବ ମନେ ହେଉଥିଲା। ଏତେ ବଡ଼ ଟାର୍ଗେଟ ପୂର୍ବରୁ କେବେ ପିଛା କରାଯାଇ ନଥିଲା କିନ୍ତୁ ଅଷ୍ଟ୍ରେଲିଆ। ଅଧିନାୟକ ୧୪୨ ରନର ଏକ ସ୍ମରଣୀୟ ଇନିଂସ ଖେଳି ତାଙ୍କ ଦଳକୁ ଐତିହାସିକ ବିଜୟ ସୁନିଶ୍ଚିତ କରିଥିଲେ ଇନିଂସ ଆରମ୍ଭ କରି ହିଲି ତାଙ୍କ ୧୦୭ ବଲ ଇନିଂସରେ ତିନୋଟି ଛକା ଏବଂ ୨୧ ଚୌକା ମାରିଥିଲେ। ହିଲି ୨୬୫ ରନରେ ଚତୁର୍ଥ ୱିକେଟ ପାଇଁ ଆଉଟ ହୋଇଥିଲେ। ସେତେବେଳକୁ ଅଷ୍ଟ୍ରେଲିଆ। ମ୍ୟାଚ୍ ଉପରେ ଦୃଢ଼ ନିୟନ୍ତ୍ରଣ ରଖିଥିଲା ଫୋବି ଲିଚଫିଲ୍ଡ ୪୦, ଏଲସି ପେରି ୪୭ ଏବଂ ଆଶଲେ ଗାର୍ଡନର ୪୫ ରନ କରି ବିଜୟ ପାଇଁ ପାଳି ପ୍ରସ୍ତୁତ କରିଥିଲେ ଭାରତ ପକ୍ଷରୁ ଶ୍ରୀ ଚରଣୀ ତିନୋଟି, ଦୀପ୍ତି ଶର୍ମା ଦୁଇଟି ଏବଂ ଅମନଜୋତ କୌର ଦୁଇଟି ିକେଟ୍ ନେଇଥିଲେ।



ଆଜି ବଶାଖାପାଟଣାର ଏସିଏ ଷ୍ଟାଡିୟମରେ ଆଲିସା ହିଲି ଟସ୍ ଜିତି ଭାରତକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲେ ପ୍ରତୀକା ରାୱଲ (୭୫) ଏବଂ ସ୍ମୃତି ମନ୍ଧାନା (୮୦) ଭାରତୀୟ ଦଳକୁ ଭଲ ଆରମ୍ଭ ଦେଇଥିଲେ। ଉଭୟଙ୍କ ମଧ୍ୟରେ ପ୍ରଥମ ିକେଟ ପାଇଁ ୧୫୫ ରନର ଭାଗୀଦାରି ହୋଇଥିଲା। ଭାରତ ପକ୍ଷରୁ ସ୍ମୃତି ମାନ୍ଧାନା ୮୦ ରନ କରିଥିବାବେଳେ ପ୍ରତୀକ ରାୱଲ ୭୫ ରନ କରିଥିଲେ । ମାନ୍ଧାନା ଆଉଟ ହେବା ପରେ ହର୍ଲିନ ଦେଓଲ ଓ ରାୱଲଙ୍କ ମଧ୍ୟରେ ବି ଏକ ଭଲ ପାର୍ଟନରସିପ ଦେଖିବାକୁ ମିଳିଥିଲା । ୨୩୪ ରନରେ ଭାରତ ନିଜର ୨ୟ ୱିକେଟ ହରାଇଥିଲା । କିନ୍ତୁ ଭାରତର ମଧ୍ୟକ୍ରମ ଓ ନିମ୍ନକ୍ରମ ବ୍ୟାଟ୍ସମ୍ୟାନଙ୍କ ବିଫଳତା ପରେ ସ୍କର କିଛିଟା ଧୀମେଇ ଯାଇଥିଲା।। ଅନ୍ୟମାନଙ୍କ ମଧ୍ୟରେ ହରଲିନ ଦେଓଲ ୩୮, ହରମନପ୍ରୀତ କୌର ୨୨, ଜେମିମା ରୋଡ୍ରିଗ୍ୱେଜ ୩୩, ରିଚା ଘୋଷ ୩୨, ଅମନଜୀତ କୌର ୧୬ ରନ୍ କରିଥିଲେ। ଅନ୍ୟମାନେ ବିଫଳ ହୋଇଥିଲେ। ଭାରତ ୪୮.୫ ତମ ଓଭରରେ ୩୩୦ ରନ କରି ଅଲଆଉଟ ହୋଇଯାଇଥିଲା । ଭ୍ରମଣକାରୀ ଦଳ ପକ୍ଷରୁ ଆନାବେଲ ସଦରଲାଣ୍ଡ ପାଞ୍ଚଟି ୱିକେଟ ନେଇଥିବା ବେଳେ ସୋଫି ମୋଲିନକ୍ସ ତିନୋଟି ୱିକେଟ ନେଇଛନ୍ତି। ସେପଟେ ମେଗାନ ସ୍କଟ ଏବଂ ଆଶଲେ ଗାର୍ଡନର ଗୋଟିଏ ଲେଖାଏଁ ୱିକେଟ ପାଇଛନ୍ତି। ଆଜି ଇନିଂସର ୨୯ତମ ଓଭରରେ ଭାରତକୁ ୫ ପେନାଲ୍ଟି ରନ୍ ଦିଆଯାଇଛି। ଅଷ୍ଟ୍ରେଲୀୟ ଅଧିନାୟିକା ଏକ ବଡ଼ ଭୁଲ କରିଛନ୍ତି। ପ୍ରତୀକା ରାୱଲ, ଆନାବେଲ ସଦରଲାଣ୍ଡଙ୍କ ଏକ ଧୀର ବଲରେ ଏକ ଶକ୍ତିଶାଳୀ ସ୍ଲଗ୍ ସ୍ୱିପ୍ ଚେଷ୍ଟା କରିଥିଲେ, କିନ୍ତୁ ସେ ବିଫଳ ହୋଇଥିଲେ । ବଲଟି ସିଧା ଷ୍ଟମ୍ପ ପଛରେ ଆଲିସା ହିଲିଙ୍କ ପାଖକୁ ଗଲିଯାଇଥିଲା। ବଲଟି ପରେ ତଳେ ଥିବା ହିଲିଙ୍କ ହେଲମେଟରେ ବାଜି ଡିପ୍ ଫାଇନ୍ ଲେଗକୁ ଯାଇଥିଲା। ଅଷ୍ଟ୍ରେଲିଆର ବଲକୁ ଧରିବାରେ ବିଫଳତା ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଫଳରେ ଭାରତକୁ ମିଳିଥିଲା ୫ ରନ୍ ।

ଏମ୍‌ସିସି ରୁଲ୍ ବୁକ୍‌ର ନିୟମ ୨୮.୩.୨ ଅନୁଯାୟୀ, ଯଦି ବଲ ପଡ଼ିଆରେ ଥିବା ଫିଲ୍ଡିଂ ଦଳର ହେଲମେଟରେ ବାଜେ, ତେବେ ଅମ୍ପାୟାର ବ୍ୟାଟିଂ ଦଳକୁ ୫ ପେନାଲ୍ଟି ରନ୍ ଦେବେ ନିୟମରେ ଏହା ମଧ୍ୟ କୁହାଯାଇଛି, ବଲ ହେଲମେଟରେ ବାଜିବା ପୂର୍ବରୁ ବ୍ୟାଟର କରିଥିବା ରନ ହିସାବ କରାଯିବ। ଯଦି ବଲ୍ ବାଜିବା ସମୟରେ ବ୍ୟାଟର ପରସ୍ପରକୁ ପାସ୍ କରିଥାନ୍ତି, ତେବେ ସେହି ରନ ମଧ୍ୟ ଯୋଡାଯିବ। ଭାରତ-ଅଷ୍ଟ୍ରେଲିଆ। ମ୍ୟାଚ୍ ରେ, ବଲ୍ ସେମାନଙ୍କ ହେଲମେଟରେ ବାଜିବା ପୂର୍ବରୁ ବ୍ୟାଟର ପରସ୍ପରକୁ ପାସ୍ କରିପାରି ନଥିଲେ ତେଣୁ ବ୍ୟାଟିଂ ଦଳକୁ କୌଣସି ଅତିରିକ୍ତ ରନ ମିଳି ପାରିନଥିଲା ତେଣୁ ନିୟମ ଅନୁସାରେ, ବ୍ୟାଟିଂ କରୁଥିବା ଦଳ (ଭାରତ)କୁ ୫ ପେନାଲ୍ଟି ରନ୍ ମିଳିଥିଲା ।

## କଳିଙ୍ଗରେ ଏସୀୟ ଦଳଗତ ଟେବୁଲ୍ ଟେନିସ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୧୨।୧୦: ବହୁ ପ୍ରତୀକ୍ଷିତ ଆଇଟିଟିଏଫ୍-ଏଟିଟିୟୁ ଏସୀୟ ଦଳଗତ ଟେବୁଲ୍ ଟେନିସ୍ (ଟିଟି) ପ୍ରତିଯୋଗିତା କଳିଙ୍ଗ ଷ୍ଟାଡିୟମସ୍ଥିତ ଇନଡୋର୍ ଆଥଲେଟିକ୍ସ ସେଣ୍ଟର୍‌ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏସିଆ ମହାଦେଶର ୨୨ଟି ଦେଶର ବଛାବଛାଟିଟି ଖେଳାଳିଙ୍କୁ ଖୋଲା ହୃଦୟରେ ସ୍ୱାଗତ କରିଛି ଓଡିଶା । ଅପୂର୍ବ ଅତିଥେୟତା ପ୍ରଦାନ କରି କ୍ରୀଡା ମାଧ୍ୟମରେ 'ବ୍ରାଣ୍ଡ ଓଡିଶା'ର ଚମକକୁ ବିଶ୍ୱ ଦରବାରରେ ଆହୁରି ବାଇବାର ଲକ୍ଷ୍ୟ ସାଧନ ଦିଗରେ ଆଉ ଏକ ପାଦ ବାଇଛି। ଶନିବାର ରାଜ୍ୟ କ୍ରୀଡା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରତୀକାତ୍ମକ ଭାବେ ବଲ୍ ଗଡାଇ ଏହି ମହାଦେଶୀୟ ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ତା' ସହିତ ଓଡିଶା କ୍ରୀଡା ଇତିହାସରେ ଆଉ ଏକ ଅଧ୍ୟାୟ ଯୋଡି ହୋଇଯାଇଛି। ପୂର୍ବରୁ ଓଡିଶା ସଫଳତାର ସହ କଟକରେ ରାଜ୍ୟଗୋଷ୍ଠୀ ଟେବୁଲ୍ ଟେନିସ୍ ପ୍ରତିଯୋଗିତା ସଫଳତାର ସହ ଆୟୋଜନ କରିଥିଲା। ଏବେ ଏସୀୟ ଦଳଗତ ଟିଟି ଆୟୋଜନ କରିଥିବା ହାତଗଣତି ଭାରତୀୟ ରାଜ୍ୟ ମଧ୍ୟରେ ସାମିଲ ହୋଇଛି। ଓଡିଶାରେ ଏଭଳି ଏକ ପ୍ରତିଯୋଗିତା ପ୍ରଥମ ଥର ଆୟୋଜିତ ହେଉଛି। ଏଣୁ ଆଗାମୀ ସମୟରେ ଓଡିଶାରେ ଟିଟିର ଲୋକପ୍ରିୟତା ଓ ଗ୍ରହଣୀୟତା ଢେର୍ ବିବ ବୋଲି ମଧ୍ୟ ରାଜ୍ୟ ଟିଟି ସଂଘ ଆଶା ରଖିଛି। ''ଏସୀୟ ଦଳଗତ ଟିଟି ପ୍ରତିଯୋଗିତା ଆୟୋଜନ କରି ଆମେ ଗର୍ବିତ। ଏହା ବିଶ୍ୱ କ୍ରୀଡା ଦୃଶ୍ୟପଟରେ ଓଡିଶାର ବର୍ଦ୍ଧିତ ସମ୍ମାନକୁ ଦର୍ଶାଉଛି। ଆମେ ୨୨ଟି ଦେଶର ଖେଳାଳିଙ୍କୁ ଏହି ପ୍ରତିଯୋଗିତାକୁ ସ୍ୱାଗତ କରୁଛୁ'' ବୋଲି ଏହି ଅବସରରେ କହିଥିଲେ ଶ୍ରୀ ସୂର୍ଯ୍ୟବଂଶୀ। ଅନ୍ୟମାନଙ୍କ ମଧ୍ୟରେ ଏଟିଟିୟୁର କାର୍ଯ୍ୟକାରୀ ଆଞ୍ଚଳିକ ଉପସଭାପତି ଶେଖ ହୟାତ ଅଲୀ ଖଲିଫା, ଭାରତୀୟ ଟେବୁଲ୍ ଟେନିସ୍ ମହାସଂଘର ସଭାପତି ଦୁଷ୍ୟନ୍ତ ଚେତାଲା, କ୍ରୀଡା ସଚିବ ସଚିନ ରାମଚନ୍ଦ୍ର ଯାଦବ, ଭାରତୀୟ ଟେବୁଲ୍ ଟେନିସ୍ କିଂବଦନ୍ତି ତଥା ପ୍ରତିଯୋଗିତାର ବ୍ରାଣ୍ଡ ଆମ୍ବାସଡର ପଦ୍ମଶ୍ରୀ ଅଚନ୍ତ ଶରତ କମଲ, ମେଘନା ଅହ୍ଲାୱତ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।



ଆଥଲେଟ୍‌ମାନଙ୍କୁ ବର୍ଷ ସାରା ଅଭ୍ୟାସ କରିବା ତଥା ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ପ୍ରଦାନ ଲକ୍ଷ୍ୟ ନେଇ ନିର୍ମାଣ କରାଯାଇଥିଲା କଳିଙ୍ଗ ଷ୍ଟାଡିୟମ୍ ଇନଡୋର୍ ଆଥଲେଟିକ୍ସ ଷ୍ଟାଡିୟମ୍। ଏହା ମଧ୍ୟ ସମଗ୍ର ଭାରତବର୍ଷର ପ୍ରଥମ ଇନ୍‌ଡୋର ଆଥଲେଟିକ୍ସ ଷ୍ଟାଡିୟମ୍ ହେବାର ଗେରବ ଅର୍ଜନ କରିଥିଲା। ୧୨୦କୋଟି ଟଙ୍କା ବିନିଯୋଗରେ ନିର୍ମିତ ଏହି ଷ୍ଟାଡିୟମ୍‌ରେ ଦାମୀ ମୁଣ୍ଡୋ ଟ୍ରାକ୍ ବିଛାଯାଇଛି। ଅଣ୍ଡାକୃତିର ଏହି ଟ୍ରାକ୍ ଦେଖିବାକୁ ବେଶ୍ ସୁନ୍ଦର ହୋଇଥିଲା ବେଳେ ଖାସ୍ ଇନ୍ଡୋର ଆଥଲେଟିକ୍ସ ପ୍ରତିଯୋଗିତା ଲାଗି ଏହାକୁ ଡିଜାଇନ୍ କରାଯାଇଛି। ତେବେ ଏହି ଟ୍ରାକ୍‌ର ମଝିରେ ଥିବା ଖାଲି ସ୍ଥାନକୁ ଏବେ ସୁନ୍ଦର ଭାବେ ଉପଯୋଗ କରାଯାଇଛି। ଏଠାରେ ଅସ୍ଥାୟୀ ଟେବୁଲ୍ ଟେନିସ୍ ସ୍ଥାପନ କରାଯାଇ ଏସୀୟ ଦଳଗତ ଟିଟି ପ୍ରତିଯୋଗିତା ଆୟୋଜିତ ହେଉଛି। ସୁନ୍ଦର ଗ୍ୟାଲେରି ସହ ଚାରିପଟେ ନୀଳ ଟ୍ରାକ୍ ଏବଂ ମଝିରେ ପଡିଥିବା ଟେବୁଲ୍ ଗୁଡିକରେ ଟିଟି ଖେଳାଯିବା ଏକ ଅପୂର୍ବ ଦୃଶ୍ୟ ସୃଷ୍ଟି କରୁଛି। ରାଜ୍ୟ କ୍ରୀଡା ବିଭାଗର ଟ୍ରାକ୍ ଭିତରେ ଏହି ମହାଦେଶୀୟ ଟିଟି ପ୍ରତିଯୋଗିତାକୁ ଆଥଲେଟ୍‌ମାନେ ଉଣା ଆଖିରେ ଦେଖୁଥିଲେ ମଧ୍ୟ କ୍ରୀଡାପ୍ରେମୀଙ୍କୁ ବେଶ୍ ପସନ୍ଦ ଆସୁଛି। ବିଭିନ୍ନ ଦେଶରୁ ଆସିଥିବା ଖେଳାଳିମାନେ ମଧ୍ୟ ଏଭଳି ଏକ ଭିତ୍ତିଭୂମିକୁ ବେଶ୍ ପସନ୍ଦ କରୁଛନ୍ତି। ଏଠାରୁ ଲଣ୍ଡନରେ ଆସନ୍ତାବର୍ଷ ଆୟୋଜିତ ହେବାକୁ ଥିବା ବିଶ୍ୱ ଟେବୁଲ୍ ଟେନିସ୍ ଲାଗି ଟିକେଟ ହାସଲ କରିବାର ସୁଯୋଗ ଥିବାରୁ ନିଜନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ସମସ୍ତେ ଲକ୍ଷ୍ୟ ରଖିଛନ୍ତି।

ଟେବୁଲ୍ ଟେନିସ୍ ଭଳି ଏକ ଅପେକ୍ଷାକୃତ କମ୍ ଲୋକପ୍ରିୟ ଖେଳ ପାଇଁ ଟିକେଟ ବ୍ୟବସ୍ଥା କରାଯାଇଥିବାରୁ ଦର୍ଶକ ସଂଖ୍ୟା ଆଶାଠାରୁ କମ୍ ରହିଛନ୍ତି। ଯେତିକି ଦର୍ଶକ ଅଛନ୍ତି, ସେମାନଙ୍କୁ ମନୋରଞ୍ଜନର ଖୋରାକ ଦେବାର ଗୁରୁ ଦାୟିତ୍ୱ ମାସ୍କଟ ଓଲି ନେଇଛି। ମଝିରେ ମଝିରେ ଗ୍ୟାଲେରି ଆସି ଦର୍ଶକଙ୍କ ସହ କେତୁକିଆ ଭାବ ବିନିମୟ କରୁଛି। ସେମାନଙ୍କୁ ସେଲ୍‌ଫି ଦେଇ ମନ ଜିତୁଛି। ତେବେ ଷ୍ଟାଡିୟମ୍ ଭିତରେ ଏକାଧିକ ଓଲି ବୁଲିବା କୁନି ପ୍ରଶଂସକଙ୍କ ମନରେ କେତୁହଳର ଭାବ ସୃଷ୍ଟି କରୁଛି। ଓଲିର ରୂପରେ ବିମୁଗ୍ଧ ହେଉଥିଲେ ମଧ୍ୟ ତା' ଭିତରେ ଥିବା ମଣିଷକୁ ଜାଣିବା ପାଇଁ ଅଧିକାଂଶ ଦର୍ଶକ ଆଗ୍ରହ ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି। ପଚ୍ଚରା ପଚ୍ଚରି ପରେ ଓଲି ଭିତର ଥିବା ଦୁଇ ମଣିଷ ବିଜେବି କଲେଜର ଛାତ୍ର ଏବଂ ସେମାନେ ପାଠପା ସହ ଏହି କାର୍ଯ୍ୟଭାର ସାମୟିକ ଭାବେ ନେଉଛନ୍ତି ବୋଲି ଜଣାପଡିଛି।

ଏସୀୟ ଦଳଗତ ଟିଟି ପ୍ରଥମ ଦିନରେ ଖେଳାଯାଇଥିବା ପ୍ରଥମ ଡିଭିଜନ ଚାମ୍ପିଅନ୍ସ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ସେମିତି କିଛି ବଡ ବିପର୍ଯ୍ୟୟ ଦେଖିବାକୁ ମିଳିନାହିଁ। ତେବେ ପୁରୁଷରେ ନିଜନିଜ ଗ୍ରୁପ୍‌ମ୍ୟାଚ୍ ଜିତି ସପ୍ତମ ସିଡ୍ କାଜାଖସ୍ତାନ, ଇରାନ (୮), ସିଙ୍ଗାପୁର (୯), ମାଲେସିଆ (୧୦) ଓ ଥାଇଲାଣ୍ଡ (୧୧) ପ୍ରଥମ ଡିଭିଜନର ନକ୍‌ଆଉଟ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ମହିଳାରେ ସିଙ୍ଗାପୁର, ଚାଇନିଜ୍ ତାଇପେଇ, ମାଲେସିଆ ଓ ଶ୍ରୀଲଙ୍କା ନିଜନିଜ ମ୍ୟାଚ୍ ଜିତି ସେମିଫାଇନାଲ୍‌ରେ ସ୍ଥାନ ସୁରକ୍ଷିତ କରି ନେଇଛନ୍ତି। ଶନିବାର ଖେଳାଯାଇଥିବା ପୁରୁଷ ମ୍ୟାଚ୍‌ଗୁଡିକରେ କିର୍ଗିଜସ୍ତାନ ୩-୧ରେ ଶ୍ରୀଲଙ୍କାକୁ, କାଜାଖସ୍ତାନ ୩-୦ରେ କିର୍ଗିଜସ୍ତାନକୁ, ମଙ୍ଗୋଲିଆ ୩-୧ରେ ମାଳଦ୍ୱୀପକୁ, ଇରାନ ୩-୦ରେ ମାଳଦ୍ୱୀପକୁ, ଉଜ୍‌ବେକିସ୍ତାନ ୩-୦ରେ ଓମାନକୁ, ସିଙ୍ଗାପୁର ୩-୦ରେ ଓମାନକୁ ପରାସ୍ତ କରିଥିଲା। ସେହିଭଳି କୋରିଆ ୩-୦ରେ ମକାଉକୁ ଏବଂ ମାଲେସିଆ ୩-୦ରେ ମକାଉକୁ ହରାଇଥିଲା। ମହିଳାର ପ୍ରଥମ ଡିଭିଜନ୍ ମ୍ୟାଚ୍‌ଗୁଡିକରେ ଶ୍ରୀଲଙ୍କା ୩-୦ରେ ମଙ୍ଗୋଲିଆକୁ, ଥାଇଲାଣ୍ଡ ୩-୦ରେ ଶ୍ରୀଲଙ୍କା, କାଜାଖସ୍ତାନ ୩-୦ରେ ମାଳଦ୍ୱୀପକୁ, ସିଙ୍ଗାପୁର ୩-୦ରେ ମାଳଦ୍ୱୀପକୁ, ଚାଇନିଜ୍ ତାଇପେଇ ୩-୦ରେ ବାଂଲାଦେଶକୁ, ମକାଉ ୩-୨ରେ ଉଜ୍‌ବେକିସ୍ତାନକୁ, ଚାଇନିଜ୍ ତାଇପେଇ ୩-୦ରେ ମକାଉକୁ, ଉଜ୍‌ବେକିସ୍ତାନ ୩-୦ରେ ବାଂଲାଦେଶକୁ, ମାଲେସିଆ ୩-୦ରେ ନେପାଳକୁ, ଇରାନ ୩-୦ରେ କିର୍ଗିଜସ୍ତାନକୁ, ଇରାନ ୩-୦ରେ ନେପାଳକୁ ଏବଂ ମାଲେସିଆ ୩-୦ରେ କିର୍ଗିଜସ୍ତାନକୁ ହରାଇଥିଲା।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ